

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୮ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 28 DECEMBER 2021

Vol.No. 32 ■ No. 332 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୧୫ରୁ ୧୮ ବର୍ଷ ପିଲା ନେବେ କୋଭାକ୍ସିନ୍



ନୂଆଦିଲ୍ଲୀ,୨୭/୧୨: କିଶୋରଙ୍କୁ ଦିଆଯିବ କେବଳ କୋଭାକ୍ସିନ ଟିକା । ଜାରି ହେଲା ଗାଇଡଲାଇନ, ଆସନ୍ତା ୩ରୁ ହେବ ଟିକାକରଣ । କନକ ବ୍ୟୁରୋ : କିଶୋରଙ୍କୁ କୋଭିଡ ଟିକାକରଣ ନେଇ ଜାରି ହେଲା ଗାଇଡଲାଇନ । ୧୫ରୁ ୧୮ ବର୍ଷ ପିଲାଙ୍କୁ ଟିକା ଦେବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ଗାଇଡଲାଇନ ଜାରି କରାଯାଇଛି । ଯେଉଁଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି ଯେ ଆସନ୍ତା ଜାନୁଆରୀ ୩ ତାରିଖରୁ କିଶୋର ମାନଙ୍କୁ କୋଭିଡ ଟିକା ଦିଆଯିବ । କିଶୋରଙ୍କୁ କେବଳ କୋଭାକ୍ସିନ ଟିକା ଦେବାକୁ ନିଷ୍ପତ୍ତି ନିଆଯାଇଛି । ୨୦୦୭ ପୂର୍ବରୁ ଜନ୍ମ ନେଇଥିବା କିଶୋର ମାନଙ୍କୁ ଟିକା ଦିଆଯିବ । କୋ-ୱିନ୍ ଆପ୍ ମାଧ୍ୟମରେ ପଞ୍ଜୀକରଣ କରି ଟିକା ନେଇପାରିବେ ୧୫ରୁ ୧୮ ବର୍ଷର ପିଲା । ଏହାବାଦ୍ ସମ୍ମୁଖ ଯୋଦ୍ଧା ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ମଧ୍ୟ ତୃତୀୟ ଡୋଜ ଟିକା ଦେବା ନେଇ ଗାଇଡଲାଇନ ଆସିଛି । ଜାନୁଆରୀ ୧୦ ତାରିଖରୁ ତୃତୀୟ ଡୋଜ ଟିକା ଦେବା ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସ୍ପଷ୍ଟ କରିଛି । ତେବେ ତୃତୀୟ ଡୋଜ ଟିକା ନେବା ପାଇଁ ପୂର୍ବରୁ ଦୁଇଟି ଡୋଜ ଟିକା ନେଇଥିବା ଆବଶ୍ୟକ । ଏହାବାଦ ଦ୍ୱିତୀୟ ଡୋଜ ଟିକା ନେବାର ୩୯ ସପ୍ତାହ କିମ୍ବା ୯ ମାସ ପରେ ତୃତୀୟ ଡୋଜ ଟିକା ନେଇପାରିବେ । ସେହିଭଳି ୬୦ ବର୍ଷରୁ ଅଧିକ ବହୁବିଧ ରୋଗାକ୍ରାନ୍ତଙ୍କୁ ଯେଉଁମାନେ ଟିକାର ୨ଟି ଡୋଜ ନେଇସାରିଛନ୍ତି ସେମାନେ ମଧ୍ୟ ୩ୟ ଡୋଜ ଟିକା ନେଇପାରିବେ । ଡାକ୍ତରଙ୍କ ପରାମର୍ଶକ୍ରମେ ତୃତୀୟ ଡୋଜ ଟିକା ନେଇପାରିବେ ୬୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ।

## ସୁସ୍ଥ ହେଲେ ପ୍ରଥମ ଓମିକ୍ରନ ଆକ୍ରାନ୍ତ

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ଓଡ଼ିଶାର ପ୍ରଥମ ଓମିକ୍ରନ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । କଟକର ଏକ ଘରୋଇ ହସ୍ପିଟାଲରେ ଆଇସୋଲେସନ୍ ରେ ଥିବା ସମ୍ପୃକ୍ତ ବ୍ୟକ୍ତି ସୁସ୍ଥ ହୋ ମେଡିକାଲ ରୁ ଡିସଚାର୍ଜ ହୋଇଛନ୍ତି । ୧୪ ଦିନ ର ଚିକିତ୍ସା ପରେ ଆଜି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଥିବା ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି । ୨୪ ଘଂଟା ମଧ୍ୟରେ ତାଙ୍କ ରିପୋର୍ଟ ଦୁଇ ଥର ନେଗେଟିଭ୍ ଆସିଛି । ହସ୍ପିଟାଲରୁ ଡିସଚାର୍ଜ ହେଲେ ବି ୭ ଦିନ ଧରି ସଂପୃକ୍ତ ବ୍ୟକ୍ତି ଆଇସୋଲେସନରେ ରହିବେ ।ଯୁବକ ଜଣକ ନାଇଜେରିଆରୁ ଫେରିଥିଲେ । ଜିନମ୍ ସିକ୍ୱେନସିଂ ପରେ ସେ ଓମିକ୍ରନ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା ।

## ସୁନୀଲ ବଂଶଲଙ୍କୁ ଓଡିଶା ଫେରିବାକୁ ଅନୁମତି ଦେଲା କେନ୍ଦ୍ର

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ଓଡିଶାର ନୂତନ ପୋଲିସ୍ ଡିଜି ସୁନୀଲ ବଂଶଲଙ୍କୁ ଓଡିଶା ଫେରିବାକୁ ଅନୁମତି ଦେଇଛି କେନ୍ଦ୍ର । ଏବେ ଇଂଟେଲିଜେନ୍ସ ବ୍ୟୁରୋ (ଆଇବି)ର ସ୍ୱତନ୍ତ୍ର ନିର୍ଦ୍ଦେଶକ ଥିବା ସୁନୀଲଙ୍କୁ ଓଡ଼ିଶା ଫେରିବା ପାଇଁ ଅନୁମତି ଦେଇଛନ୍ତି କେନ୍ଦ୍ର କ୍ୟାବିନେଟ୍ କମିଟି । ଚଳିତ ମାସ ୧୫ ତାରିଖରେ ଓଡ଼ିଶାର ନୂଆ ପୋଲିସ୍ ମହାନିର୍ଦ୍ଦେଶକ (ଡିଜିପି) ଭାବେ ସୁନୀଲ ବଂଶଲଙ୍କୁ ନିଯୁକ୍ତି ଦିଆଯାଇଥିଲା । ବର୍ତ୍ତମାନର ଡିଜିପି ଅଭୟଙ୍କ କାର୍ଯ୍ୟକାଳ ଡିସେମ୍ବର ୩୧ରେ ଶେଷ ହେବ । ଏହା ପରେ ସୁନୀଲ ବଂଶଲ ରାଜ୍ୟର ନୂଆ ଡିଜିପି ଭାବେ ଦାୟିତ୍ୱ ଗ୍ରହଣ କରିବେ ।ସୁନୀଲ ବଂଶଲ ହେଉଛନ୍ତି ୧୯୮୭ ବ୍ୟାଚ୍ ର ଓଡ଼ିଶା କ୍ୟାଡରର ଆଇପିଏସ୍ ଅଫିସର । ସେ ମୟୂରଭଞ୍ଜ ଏସ୍ ପି ଥିଲେ । ତେବେ ୨୭ ବର୍ଷ ଧରି ସେ କେନ୍ଦ୍ରୀୟ ଡେପୁଟେସନ୍ ରେ ଯାଇଥିଲେ ।

## ୨୫ ଲକ୍ଷରୁ ଅଧିକ ପିଲାଙ୍କୁ ଦିଆଯିବ କୋଭିଡ ଟିକା

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ରାଜ୍ୟରେ ୧୫ ବର୍ଷରୁ ୧୮ବର୍ଷ ବୟସ୍କ ୨୫ ଲକ୍ଷ ୫୩ ହଜାର ପିଲା ଅଛନ୍ତି । ତେଣୁ ୧୫ ବର୍ଷରୁ ୧୮ବର୍ଷ ବୟସ୍କ ୨୫ ଲକ୍ଷରୁ ଅଧିକ ପିଲାଙ୍କୁ କୋଭିଡ ଟିକା ଦିଆଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ▶▶ପୃଷ୍ଠା ୭

## ଦେଶରେ ବଢୁଛି ଓମିକ୍ରନ ସଂକ୍ରମିତଙ୍କ ସଂଖ୍ୟା

### ଦିନକରେ ୧୫୬ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ, ସଂଖ୍ୟା ୫୭୮ରେ ପହଞ୍ଚିଲା



ନୂଆଦିଲ୍ଲୀ, ୨୭/୧୨: ଆମେରିକାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି । ତେବେ ଓମିକ୍ରନ ଯୋଗୁଁ ଏହି ସଂଖ୍ୟା ବଢୁଥିବା କୁହାଯାଇଛି । ଏପଟେ ଦେଶରେ ଚିନ୍ତା ବଢାଉଛନ୍ତି ମହାରାଷ୍ଟ୍ର ଓ ଦିଲ୍ଲୀ । ତେବେ ଆଶ୍ୱସ୍ତିର କଥା ହେଉଛି ଦେଶରେ ଚିହ୍ନଟ ହୋଇଥିବା ଓମିକ୍ରନ ଆକ୍ରାନ୍ତଙ୍କ ମଧ୍ୟରୁ ୧୪୧ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ରାଜ୍ୟରେ ଚିହ୍ନଟ ହୋଇଥିବା ୮ଜଣ ଓମିକ୍ରନ ପଜିଟିଭଙ୍କ ମଧ୍ୟରୁ ଗଞ୍ଜାମର ଜଣେ ୯ବର୍ଷର ଶିଶୁ ଥିବା ଜଣାପଡିଥିଲା । ସେ ନାଇଜେରିଆରୁ ଫେରି ଓମିକ୍ରନ ଆକ୍ରାନ୍ତ ହୋଇଥିଲେ । ଏବେ ସେ ସୁସ୍ଥ ହୋଇ ଫେରିଛନ୍ତି । ଦେଶରେ ବଢୁଛି ଓମିକ୍ରନ ସଂକ୍ରମିତଙ୍କ ସଂଖ୍ୟା । ଚିନ୍ତା ବଢ଼ାଉଛନ୍ତି ଦିଲ୍ଲୀ ଓ ମହାରାଷ୍ଟ୍ର । ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା କମ୍ ରହିଥିଲେ ମଧ୍ୟ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ସନ୍ଧ୍ୟା ସୁଦ୍ଧା ସାରାଦେଶରୁ ୫୭୮ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଗୋଟିଏ ଦିନରେ ୧୫୬ ଓମିକ୍ରନ ମାମଲା ଚିହ୍ନଟ ହୋଇଛି । ସବୁଠାରୁ ବଡ କଥା ହେଉଛି, ପ୍ରଥମ ଓ ଦ୍ୱିତୀୟ ଲହର ସମୟରେ ଯେଉଁ ମହାରାଷ୍ଟ୍ର ଓ ଦିଲ୍ଲୀରେ ପ୍ରଥମେ ସଂକ୍ରମଣ ବୃଦ୍ଧି ପାଇବା ପରେ ସାରା ଦେଶରେ କାୟା ବିସ୍ତାର କରିଥିଲା । ଏବେ ସେହି ଦୁଇ ସ୍ଥାନରେ ଓମିକ୍ରନ ସଂକ୍ରମିତଙ୍କ ସଂଖ୍ୟା ପ୍ରତି ଦିନ ବଢ଼ି ବଢ଼ି ଚାଲିଛି । ତେବେ ଆଶ୍ୱସ୍ତିର କଥା ହେଉଛି ଦେଶର ଚିହ୍ନଟ ହୋଇଥିବା ▶▶ପୃଷ୍ଠା ୭

## ଗିରଫ ପରେ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲା ପୀୟୁଷ ଜୈନ

ଭୁବନେଶ୍ୱର,୨୭/୧୨(ନି.ପ୍ର): ବିଡାବିଡା ନୋଟ୍ ଉପରେ ଶୋଉଥିବା କାନପୁରର କୁବେର ପୀୟୁଷ ଜୈନ ଜେଲର ଚାରି କାନ୍ଥ ଭିତରେ ଆହୁରି କେତେ ଦିନ ରହିବେ ସେଥିପାଇଁ ଦିନ ଗଣିବା ଆରମ୍ଭ ହୋଇଛି । କାରଣ ପୀୟୁଷ ଜୈନ ଘରେ ପଇସା ଗଣିଗଣି ହାଲିଆ ହୋଇଗଲେଣି ତଦନ୍ତ ଅଧିକାରୀ । ୟୁପି ନିର୍ବାଚନ ବେଳେ କାନପୁରର ଏହି ବ୍ୟବସାୟୀଙ୍କ ଘରୁ ଜବତ ହୋଇଥିବା ପୁଲୁପୁଲା ଟଙ୍କାକୁ ନେଇ ସାରା ଦେଶରେ ହଇଚଇ । ଗୁରୁବାର ରାତିରେ ଆଇଟି, ଜିଏସଟି ଟିମ୍ ଚଢାଉ କରି କାନପୁରରୁ ନଗଦ ୧୫୦ କୋଟି ଜବତ କରିଥିଲେ । ହେଲେ ଏହାରି ଭିତରେ ଏହି ବ୍ୟବସାୟୀଙ୍କ କନୌଜ ସ୍ଥିତ ବାସଭବନରୁ ୨୦ଟି ସୁନା ଭର୍ତି ବ୍ୟାଗରୁ ୧୨୫ କିଲୋ ସୁନା ଏବଂ ୯ଟି ଟଙ୍କା ଭର୍ତି ବ୍ୟାଗ ଜବତ ହୋଇଛି । ଏହାକୁ ମିଶାଇ ମୋଟ ୨୫୭ କୋଟି ଟଙ୍କାର ନଗଦ ଜବତ ହୋଇଛି । ଅନ୍ୟପଟେ ବ୍ୟବସାୟୀଙ୍କ ବେଡ ରୁମରୁ ୫ ଶହଟି ଚାବି ମିଳିଛି । ଯାହାକୁ ଦେଖି ବିଭାଗୀୟ ଅଧିକାରୀ ବି ତାଜୁବ । ଶହ ଶହ ସଂଖ୍ୟାର ଚାବି ଦେଖି ତଦନ୍ତ ଅଧିକାରୀ ▶▶ପୃଷ୍ଠା ୭

## ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ କହ୍ନେୟା



ଭୁବନେଶ୍ୱର,୨୭/୧୨(ନି.ପ୍ର): ଦକ୍ଷିଣ ଓଡ଼ିଶାରେ କଂଗ୍ରେସର ପାୱାର ସୋ । ପ୍ରଦେଶ କଂଗ୍ରେସ ତାର ଶହେ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ନବରଙ୍ଗପୁରରେ ବିଶାଳ ସମାବେଶର ଆୟୋଜନ କରି ଶକ୍ତି ପ୍ରଦର୍ଶନ କରିଛି ଦଳ । ତେବେ ଏଥିରେ ଆକର୍ଷଣ ପାଲଟିଥିଲେ ଦଳର ଦୁଇ ନେତା, ଜିଗ୍ନେସ ମେୱାନୀ ଓ କହ୍ନେୟା କୁମାର । ଜିଗ୍ନେସ ମେୱାନୀ ଏହି ସଂକଳ୍ପ ସମାବେଶରେ ଯୋଗଦେଇ ଓଡ଼ିଶା ସରକାରଙ୍କୁ ପ୍ରବଳ ସମାଲୋଚନା କରିଛନ୍ତି । ଓଡ଼ିଶା କର୍ପୋରେଟ ଲୁଟର ଆଡ୍ଡା ପାଲଟିଥିବା ସେ କହିଛନ୍ତି । ଖାଲି ସେତିକି ନୁହେଁ ଚାଷୀଙ୍କ ଆୟ ଦୁଇ ଗୁଣା କରିବାକୁ ଦାବି କରିବା ସହ ମମିତା ମେହେର ହତ୍ୟା ପ୍ରସଙ୍ଗରେ ମଧ୍ୟ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ଜିଗ୍ନେସ । ଅନ୍ୟପକ୍ଷରେ କଂଗ୍ରେସ ନେତା କହ୍ନେୟା କୁମାର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବର୍ଷିଛନ୍ତି । ତେବେ ପ୍ରଦେଶ କଂଗ୍ରେସ କମିଟିର ୧୦୦ ବର୍ଷ ପୂର୍ତ୍ତି ଅବସରରେ ନବରଙ୍ଗପୁର ସହରର ନୂତନ ମଣ୍ଡେଇ ପଡିଆରେ ବିଶାଳ ସମାବେଶ ଆୟୋଜନ କରିଥିଲା ଦଳ । କଂଗ୍ରେସର ଯୁବ ଚେହେରା କହ୍ନେୟା କୁମାର ଓ ଜିଗ୍ନେସ ମେୱାନୀଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟରେ ଶାସନରେ ଥିବା ବିଜେଡି ଓ କେନ୍ଦ୍ରର ବିଜେପି ସରକାର ଉପରେ ବର୍ଷିଛନ୍ତି । କହ୍ନେୟା କୁମାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମାଲୋଚନା କରିଛନ୍ତି ଆଉ କହିଛନ୍ତି, ବଡ ବଡ ପୋଷ୍ଟର ମାରି ନିଜର ପ୍ରଚାର କରୁଛନ୍ତି ମୋଦୀ । ମନର କଥା କହି ଦେଶବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି । ବିଜେଡିକୁ ବିଜେପିର ଡି-ଟିମ୍ କହି ସମାଲୋଚନା କରିଛନ୍ତି କହ୍ନେୟା କୁମାର । ଅନ୍ୟପଟେ କଂଗ୍ରେସର ଅନ୍ୟତମ ଯୁବ ଚେହେରା ଜିଗ୍ନେସ ମେୱାନୀ ଓଡିଶା ସରକାରଙ୍କୁ ▶▶ପୃଷ୍ଠା ୭

## ସୀମାନ୍ତରେ ଏନକାଉଂଟର, ୬ ମାଓବାଦୀ ମୃତ

ମାଲକାନଗିରି, ୨୭/୧୨ (ନି.ପ୍ର): ତେଲେଙ୍ଗାନା-ଛତିଶଗଡ଼ ସୀମାରେ ଏନକାଉଣ୍ଟର । ସୁରକ୍ଷାକର୍ମୀଙ୍କ ଗୁଳିରେ ୬ ମାଓବାଦୀ ନିହତ । ଏନକାଉଂଟର ସ୍ଥଳରୁ ବିପୁଳ ପରିମାଣର ମାରଣାସ୍ତ୍ର ଜବତ ହୋଇଛି । ତେଲେଙ୍ଗାନା ଓ ଛତିଶଗଡ଼ ସୀମା କିସ୍ତରାମ ଥାନା ଅଂଚଳରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲେ ସୁରକ୍ଷାବାହିନୀ । କମ୍ବିଂ ଅପରେସନ୍ ବେଳେ ତେଲେଙ୍ଗାନା ଗ୍ରେହାଉଣ୍ଡ ଯବାନଙ୍କ ସହ ମାଓବାଦୀଙ୍କ ଗୁଳି ବିନିମୟ ହୋଇଥିଲା । ସୁରକ୍ଷାକର୍ମୀଙ୍କ ଗୁଳିରେ ୬ ମାଓବାଦୀ ଟଳିଛନ୍ତି । ମୃତକଙ୍କ ମଧ୍ୟରେ ଅଛନ୍ତି ୪ ଜଣ ମହିଳା ମାଓବାଦୀ । କିସ୍ତରାମ ନିକଟ ଜଙ୍ଗଲରେ ମାଓବାଦୀ କ୍ୟାମ୍ପ କରିଥିବା ନେଇ ଗୁଇନ୍ଦା ସୂଚନା ମିଳିଥିଲା । ଏହାପରେ କୋତାଗୁଡମ୍ ଏସପି ସୁନୀଲ ଦତଙ୍କ ନେତୃତ୍ୱରେ ତେଲେଙ୍ଗାନା ଗ୍ରେହାଉଣ୍ଡ ଯବାନ ଆରମ୍ଭ କରିଥିଲେ ଅପରେସନ୍ । ଯବାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ । ଯାହାର ପାଲଟା ଜବାବରେ ଗୁଳି ଚଳାଇଥିଲେ ସୁରକ୍ଷାକର୍ମୀ । ବହୁ ସମୟ ଧରି ଉଭୟ ପକ୍ଷ ମଧ୍ୟରେ ଚାଲିଥିଲା ଗୁଳି ବିନିମୟ । ଏଥିରେ ୬ ମାଓବାଦୀ ନିହତ ହୋଇଥିବା ବେଳେ ଅନ୍ୟମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ । ସମ୍ପୃକ୍ତ ଅଂଚଳରେ ତେଲେଙ୍ଗାନା ଗ୍ରେହାଉଣ୍ଡ ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ୍ ଜାରି ରହିଛି । ମୃତ ମାଓବାଦୀଙ୍କ ମଧ୍ୟରୁ ଜଣକ ପରିଚୟ ମିଳିଛି, ସେ ହେଲେ ଚେରଲା ମଣ୍ଡଳ କମିଟିର ମିଲିସିୟା ସଦସ୍ୟ ମଧୁ ।

## କଂଗ୍ରେସ-ବିଜେପିକୁ ପଛରେ ପକାଇଲା ଆପ୍



ନୂଆଦିଲ୍ଲୀ,୨୭/୧୨: ସୋମବାର ପଞ୍ଜାବର ଚଣ୍ଡୀଗଡ଼ ମ୍ୟୁନିସିପାଲିଟି କର୍ପୋରେସନ୍ ନିର୍ବାଚନର ଫଳାଫଳ ସାମ୍ନାକୁ ଆସିଛି । ଆଉ ଏହି ଫଳାଫଳ, ରାଜନୀତି ପଣ୍ଡିତମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ଆଜି ଘୋଷଣା ହୋଇଥିବା ସମସ୍ତ ୩୫ ୱାର୍ଡ ଫଳାଫଳରେ ଅରବିନ୍ଦ କେଜ୍ରିୱାଲଙ୍କ ଦଳ ଆମ୍ ଆଦମୀ ପାର୍ଟି ବିଜେପି ଏବଂ କଂଗ୍ରେସର ଦୁର୍ଗ ଭାଙ୍ଗି ୧୪ଟି ୱାର୍ଡ ଜିତିଛି । ତେବେ କୌଣସି ଦଳ ସଂଖ୍ୟା ଗରିଷ୍ଠତା ହାସଲ କରିନାହାନ୍ତି । ବିଜେପି ଏବଂ କଂଗ୍ରେସ ଯଥାକ୍ରମେ ୧୨ ଏବଂ ୮ଟି ୱାର୍ଡ ଜିତିଛନ୍ତି । ଗୋଟିଏ ସିଟ୍ ଅକାଳୀ ଦଳ ଜିତିଥିବାବେଳେ ବିଜେପି ପ୍ରାର୍ଥୀ ତଥା ବର୍ତ୍ତମାନର ମେୟର ରବିକାନ୍ତ ଶର୍ମାଙ୍କୁ ଆମ ଆଦମୀ ପାର୍ଟିର ପ୍ରାର୍ଥୀ ପରାସ୍ତ କରିଛନ୍ତି । ଚଣ୍ଡୀଗଡ଼ ମ୍ୟୁନିସିପାଲଟିର ୩୫ଟି ୱାର୍ଡ ପାଇଁ ଆଜି ସକାଳ ୯ଟାରୁ ଗଣନା ଆରମ୍ଭ ହୋଇଥିଲା । ରାଜ୍ୟ ନିର୍ବାଚନ ଆୟୋଗଙ୍କ ଅନୁଯାୟୀ ଅରବିନ୍ଦ କେଜ୍ରିୱାଲଙ୍କ ଦଳ ଆମ୍ ଆଦମୀ ପାର୍ଟି ୧୪ଟି ୱାର୍ଡ ଜିତିଛି । ତେବେ ଆପ ଦଳର ନିର୍ବାଚନ ପ୍ରଚାର କମିଟି ମୁଖ୍ୟ ଚନ୍ଦର ମୁଖୀ ଶର୍ମା ନିର୍ବାଚନରେ ହାରିଯାଇଛନ୍ତି । ତେବେ ନିର୍ବାଚନ ଫଳାଫଳକୁ ନେଇ ଆମ୍ ଆଦମୀ ପାର୍ଟି ଖୁସିରେ ଗଦଗଦ ହୋଇଯାଇଛି । ନିର୍ବାଚନ ଫଳାଫଳକୁ ନେଇ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଖୁସି ବ୍ୟକ୍ତ କରି କହିଛନ୍ତି, "ଚଣ୍ଡୀଗଡ଼ ମ୍ୟୁନିସିପାଲିଟି କର୍ପୋରେସନରେ ଆମ୍ ଆଦମୀ ପାର୍ଟିର ଏହି ବିଜୟ ସଙ୍କେତ ଦେଉଛି ଯେ ପଞ୍ଜାବରେ ପରିବର୍ତ୍ତନ ଆସିବ । ଆଜି ଚଣ୍ଡୀଗଡ଼ର ଲୋକମାନେ ଦୁର୍ନୀତିଗ୍ରସ୍ତ ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ଆପର ସଚ୍ଚୋଟ ରାଜନୀତିକୁ ବାଛିଛନ୍ତି । ଏଥର ପଞ୍ଜାବ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ଅଛି' ।

## ଲକଡାଉନ ଭଳି କଟକଣାର ଆବଶ୍ୟକତା ନାହିଁ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୭/୧୨(ନି.ପ୍ର): ଅନ୍ୟ ରାଜ୍ୟ ତୁଳନାରେ ବର୍ତ୍ତମାନ ଓଡ଼ିଶାର ସ୍ଥିତି ଭଲ ଅଛି । ତେଣୁ ବର୍ତ୍ତମାନ ପାଇଁ ରାଜ୍ୟରେ ନାଇଟ୍ କର୍ଫ୍ୟୁ କି ଲକଡାଉନ ଭଳି କଟକଣାର କିଛି ଆବଶ୍ୟକତା ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି । କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ଟେଷ୍ଟ ପଜିଟିଭ୍ ହାର ୧୦ ପ୍ରତିଶତ ଉପରେ ରହିଲେ, ହସ୍ପିଟାଲାଇଜେସନ ଆବଶ୍ୟକ ପଡ଼ିପାରେ, ସେହିପରି ରାଜ୍ୟରେ ସଂକ୍ରମଣ ବଢ଼ିଲେ ଲକଡାଉନ ଭଳି ନିୟମର ଆବଶ୍ୟକ ପଡ଼ିପାରେ ବୋଲି ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ଦେଶରେ ଏବେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ବେଳେ ବିଦେଶରୁ ରାଜ୍ୟକୁ ଫେରିଥିବା ୧୮ ଜଣଙ୍କ କରୋନା ପଜିଟିଭ ବାହାରିଥିଲା । ସେମାନଙ୍କ ମଧ୍ୟରେ ୮ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ଗଞ୍ଜାମର ଜଣେ ୯ବର୍ଷର ଶିଶୁ ଥିବା ଜଣାପଡ଼ିଥିଲା । ସେ ନାଇଜେରିଆରୁ ଫେରି ଓମିକ୍ରନ ଆକ୍ରାନ୍ତ ହୋଇଥିଲେ । ଏବେ ସେ ସୁସ୍ଥ ହୋଇ ଫେରିଥିବା କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ।

## ବାତ୍ୟା ଜୱାଦ କ୍ଷତିଗ୍ରସ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୫୦୭ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ବାତ୍ୟା ଜୱାଦ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀ ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୦୭ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ଘୋଷଣା କରିଛନ୍ତି । ୩୩ ପ୍ରତିଶତ ଫସଲ ନଷ୍ଟ ହୋଇଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀ ମାନଙ୍କୁ ବର୍ଷାଜଳ ଉପରେ ନିର୍ଭର କରୁଥିବା ଜମି ପାଇଁ ହେକ୍ଟର ପିଛା ୬୮୦୦ ଟଙ୍କା, ଜଳସେଚିତ ଅଂଚଳ ପାଇଁ ହେକ୍ଟର ପିଛା ୧୩,୫୦୦ ଟଙ୍କା ଏବଂ ଆମ୍ବ, କାଜୁ, ନଡିଆ, ପାନବରଜ, କିଆ ଆଦି ସବୁଦିନିଆ ଫସଲ ନିମନ୍ତେ ହେକ୍ଟର ପିଛା ୧୮ ହଜାର ଟଙ୍କା ସହାୟତା ଦିଆଯିବ । ସବୁଦିନିଆ ଫସଲ କ୍ଷତି ପାଇଁ ଇନପୁଟ୍ ସବସିଡି ଭାବରେ ଚାଷୀଙ୍କୁ ସର୍ବନିମ୍ନ ୨୦୦୦ ଟଙ୍କା ଓ ଅନ୍ୟ ଫସଲ ପାଇଁ ୧୦୦୦ ଟଙ୍କା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ପ୍ରମାଣୀକୃତ ଉଚ୍ଚମାନର ବିହନ - କ୍ଷତିଗ୍ରସ୍ତ ୧୨ଟି ଜିଲ୍ଲାର ଚାଷୀମାନଙ୍କୁ ୧୨ ହଜାର କ୍ୱିଂଟାଲ ବିହନ ରିହାତି ଦରରେ ଯୋଗାଇ ଦିଆଯିବ ଏବଂ ବର୍ତ୍ତମାନ ରିହାତି ପରିମାଣର ଅତିରିକ୍ତ ୨୫ ପ୍ରତିଶତ ଡିବିଟି ଜରିଆରେ ୨୦୨୧-୨୨ ରବି ଫସଲ ପାଇଁ ଦିଆଯିବ । କ୍ଷତିଗ୍ରସ୍ତ ଜିଲ୍ଲାର ଚାଷୀ ମାନଙ୍କୁ ୫୦ ହଜାର ଡାଲି ଜାତୀୟ ବିହନ ମିନି କିଟ୍ ଯୋଗାଇ ଦିଆଯିବ । ଏହାସହିତ ୪ ଲକ୍ଷ ପରିବା ବିହନ ମିନିକିଟ୍ ମାଗଣାରେ ଯୋଗାଇ ଦିଆଯିବ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଫଳ ଓ ପନିପରିବା ଚାଷ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀର ଏକ ଲକ୍ଷ ସଦସ୍ୟଙ୍କୁ ପ୍ଲାଷ୍ଟିକ ଜାଲି ବାକ୍ସ (କ୍ରେଟ୍)ଯୋଗାଇ ଦିଆଯିବ । ପ୍ରତି ସଦସ୍ୟଙ୍କୁ ୯୦ ପ୍ରତିଶତ ରିହାତିରେ ୫ ଗୋଟି କ୍ରେଟ୍ ଯୋଗାଇ ଦିଆଯିବ । ଯାହାଦ୍ୱାରା ଫଳ ଓ ପରିବାର ଅମଳ ପରବର୍ତ୍ତୀ କ୍ଷତି କମ୍ କରାଯାଇପାରିବ । ଏକ ଲକ୍ଷ ଚାଷୀଙ୍କୁ ସେମାନଙ୍କ ଘର ପଛ ବଗିଚାରେ ଲଗାଇବା ପାଇଁ ମାଗଣାରେ ପ୍ରତ୍ୟେକଙ୍କୁ ୧୦ ଗୋଟି ଫଳ ଚାରା ଯୋଗାଇ ଦିଆଯିବ । ଏକ ଲକ୍ଷ ଚାଷୀଙ୍କୁ ହାଇବ୍ରିଡ ପରିବା ଚାଷ ପାଇଁ ସହାୟତା ଦିଆଯିବ । ପ୍ରତି ଚାଷୀଙ୍କୁ ୦.୨୦ ହେକ୍ଟର ପାଇଁ ୪୦୦୦ ଟଙ୍କା ଲେଖାଏ ସହାୟତା ମିଳିବ । କ୍ଷତିଗ୍ରସ୍ତ ଜିଲ୍ଲାମାନଙ୍କର ଚାଷୀ ମାନଙ୍କୁ କୃଷି ଯାନ୍ତ୍ରିକୀକରଣ ନିମନ୍ତେ ୫୦ କୋଟି ଟଙ୍କାର ରିହାତି ଦିଆଯିବ । କ୍ଷତିଗ୍ରସ୍ତ ଅଂଚଳରେ ୫୦୦୦ ପମ୍ପସେଟ୍ ୫୦ ପ୍ରତିଶତ ରିହାତିରେ ଯୋଗାଇ ଦିଆଯିବ । ଏଥିପାଇଁ ରିହାତିର ସର୍ବୋଚ୍ଚ ପରିମାଣ ୧୦ ହଜାର ଟଙ୍କା ଦିଆଯିବ । କ୍ଷତିଗ୍ରସ୍ତ ଚାଷୀଙ୍କୁ ୫୦ ପ୍ରତିଶତ ରିହାତିରେ ୫୦୦୦ ସ୍ପ୍ରେୟର ଯୋଗାଇ ଦିଆଯିବ । ପାୱାର ସ୍ପ୍ରେୟର କ୍ଷେତ୍ରରେ ସର୍ବାଧିକ ୩୮୦୦ ଟଙ୍କା ଏବଂ ହସ୍ତଚାଳିତ ସ୍ପ୍ରେୟର କ୍ଷେତ୍ରରେ ସର୍ବାଧିକ ୭୫୦ ଟଙ୍କା ଦିଆଯିବ । ରୋଗପୋକ ନିୟନ୍ତ୍ରଣ ପାଇଁ କ୍ଷତିଗ୍ରସ୍ତ ଚାଷୀ ମାନଙ୍କ ପାଇଁ ମଧ୍ୟ ଏହି ପ୍ୟାକେଜରେ ▶▶ପୃଷ୍ଠା ୭

## ଏକ ବିଶେଷ ସୂଚନା

ସଂପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଦ୍ରଣ ସାମଗ୍ରୀର ଅହେତୁକ ଦରବୃଦ୍ଧି ଓ ବିଜ୍ଞାପନ ନୀତିରେ ପରିବର୍ତ୍ତନ ଆସିଥିବାରୁ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂକଟ ମଧ୍ୟ ଦେଇ ଗତି କରୁଛନ୍ତି । ଏହି ସମୟରେ ଆମ ସମ୍ବାଦପତ୍ର ସହ ଜଡ଼ିତ ଥିବା ଲେଖକ, ଲେଖିକା/ ପାଠକ, ପାଠିକା ଓ ଶୁଭେଚ୍ଛୁମାନଙ୍କୁ ସବିନୟ ଅନୁରୋଧ କରୁଅଛୁ କି, ଏହି ସମ୍ବାଦପତ୍ରର ବାର୍ଷିକ ଗ୍ରାହକଟିଏ ହୋଇ (ଡାକ ଖର୍ଚ୍ଚ ସହ)ବର୍ଷକୁ ମାତ୍ର ଟ. ୧୦୦୦/- ପୈଠ କରି ସମ୍ବାଦପତ୍ର ପ୍ରକାଶନରେ ସହଯୋଗ କରନ୍ତୁ ।

Google pay ନମ୍ବର
(୯୩୩୭୭୩୭୦୫୩)
SBI Bank- 30952449813
IFSC code- SBIN0006933

ପରିଚାଳନା ସଂପାଦକ
ଧ୍ୱନିପ୍ରତିଧ୍ୱନି

# ଶଶଧର କ୍ଷୀରୋଦ ମଣି ଉଚ୍ଚ ବିଦ୍ୟାଳୟରେ ବନ୍ଧୁ ମିଳନ



ବାସୁଦେବପୁର,୨୭/୧୨ (ନି.ପ୍ର): ଲକ୍ଷ୍ମୀଦାସ ପଂଚାୟତର ଶଶଧର କ୍ଷୀରୋଦ ମଣି ଉଚ୍ଚ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମର ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଂଜନ ଦଳେଇ । ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଦାସ, ମହେନ୍ଦ୍ର ପ୍ରସାଦ ନାୟକ, ନବ କିଶୋର ସେଠୀ, ରମାକାନ୍ତ ପତି, ଅର୍ଜୁନ ଚରଣ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଖେଳ ପଡ଼ିଆର ଉନ୍ନତି କରଣ ପାଇଁ ଗତବର୍ଷ ଯେଉଁ ପ୍ରୋଜେକ୍ଟ ଦିଆଯାଇଥିଲା ତାହାର ସଫଳ ରୂପାୟନ ହୋଇଥିବାରୁ ବୈଠକରେ ସାଧୁବାଦ ଦିଆଯାଇଥିଲା । ନୂଆ ପ୍ରୋଜେକ୍ଟ ଉଦ୍ୟାନ ଓ କନ୍ଫରେନ୍ସ ହଲ ଖୁବ ଶୀଘ୍ର ଏହି ବିଦ୍ୟାଳୟରେ ହେବ ବୋଲି ମତ ପ୍ରକାଶ ପାଇଥିଲା । ମୋ ସ୍କୁଲ ଅଭିଯାନରେ ପୁରାତନ ଶିକ୍ଷକ ଓ ଛାତ୍ରମାନେ ପାଣ୍ଠିକୁ କିଛି ଅର୍ଥ ପ୍ରଦାନ କରିଥିଲେ । ଏହି ବୈଠକରେ ପୁରାତନ ଛାତ୍ର ମହେଶ୍ୱର ସେନାପତି, ଅରିନ୍ଦମ ଦାସ, ଜିତେନ୍ଦ୍ର କୁମାର ନାୟକ, ମନୋଜ ନାୟକ, ବ୍ୟୋମକେଶ ବାରିକ, ଇଂ ଅଭୟ ପୁହାଣ, ସନ୍ତୋଷ ମହାରଣା, ପ୍ରେମାନନ୍ଦ ନାୟକ ପ୍ରମୁଖ ଯୋଗଦେଇ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ବ୍ଲକ୍ ସ୍ତରୀୟ ସ୍ୱାସ୍ଥ୍ୟ ଓ ପୋଷଣ ସମନ୍ଧୀୟ ଆଲୋଚନାଚକ୍ର

କନ୍ଧମାଳ,୨୭/୧୨ (ନି.ପ୍ର): ଫିରିଙ୍ଗିଆ ବ୍ଲକ୍ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଆନ୍ତର୍ଜାତୀୟ ଅନୁଷ୍ଠାନ କ୍ରାଏ କୋଲକତାଙ୍କ ମିଳିତ ସହଯୋଗରେ ସ୍ୱାସ୍ଥ୍ୟ ଓ ପୋଷଣ ସମନ୍ଧୀୟ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ହରପ୍ରିୟା ମେହେର ମୁଖ୍ୟ ଅତିଥିଭାବେ ଯୋଗ ଦେଇ କନ୍ଧମାଳ ଜିଲ୍ଲାର ଦୁର୍ଗମ ଅଂଚଳରେ ଥିବା କୁପୋଷଣ ଓ ମତୃଶିଶୁ ମୃତ୍ୟୁହାରକୁ କମାଇବାକୁ ହେଲେ ସମସ୍ତ ଆଗଧାଡିର କର୍ମକର୍ତାଙ୍କସହ ଅନ୍ୟାନ୍ୟ ଷ୍ଟେକ୍ ହୋଲ୍ଡର ହାତକୁ ହାତ ମିଶାଇ ଉଚ୍ଚତର ଶିକ୍ଷା ପତି ଦୃଷ୍ଟି ଦେବାକୁ ହେବ ବୋଲି କହିଥିଲେ । ଅନୁଷ୍ଠାନ ତରଫରୁ ସଂଯୋଜକ ବିଶ୍ୱରଞ୍ଜନ କର ସ୍ୱାଗତ ଭାଷଣ ଦେବାସହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟବିଷୟରେ ସୂଚନା ଦେଇଥିଲେ । ପ୍ରଦୀପ କୁମାର ସ୍ୱାଇଁ ଜାତୀୟ ସ୍ୱାସ୍ଥ୍ୟ ପରିସଂଖ୍ୟାନର ଏକ ତଥ୍ୟ ସମ୍ୱଳିତ ଉପସ୍ଥାପନା କରି କନ୍ଧମାଳ ଜିଲ୍ଲାର ବର୍ତମାନର ସ୍ଥିତିକୁ ନେଇ ଏକ ଖୋଲା ଆଲୋଚନା କରିଥିଲେ । ଏଥିସହିତ କାର୍ଯ୍ୟକ୍ରମରେ ଆଗଧାଡିର ସମାଜସେବୀ ଓ ବର୍ତମାନର ପଂଚାୟତ ପ୍ରତିନିଧି ସୁଦର୍ଶନ କହଁର ଓ ପଂଚାନନ ନାୟକ ଯୋଗ ଦେଇ ପୋଷଣ ସମନ୍ଧୀୟ ସେବା ଗୁଡିକୁ କିପରି ଜିଲ୍ଲାର ଶେଷ ବିନ୍ଦୁରେ ବସବାସ କରୁଥିବା ବକ୍ତି ବା ପରିବାର ପାଖରେ ପହଂଚାଇ ହେବ ତାହା ଉପରେ ଗୁରୁତ୍ୱ ଦେଇ ଜନସାଧାରଣଙ୍କୁ ଆହୁରି ଅଧିକ ସଚେତନତାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସିଦ୍ଧାର୍ଥ ପତି ଅଂଶଗ୍ରହଣକାରୀଙ୍କ ପ୍ରଶ୍ନର ଉତର ଦେବାକୁ ଯାଇ ମାଆ ସ୍ତନ୍ୟପାନ ସମୟରେ ମାନସିକ ଭାବେ ସ୍ଥିର ରହିବା ଓ ଶାରିରୀକ ସ୍ତରରେ ମଧ ସୁସ୍ଥ ରହିବା ଆବଶ୍ୟକ ବୋଲି ଜଣାଇଥିଲେ ।

# ଖୁଜେନ ପାଲି ଉପରଝରେ ରାସ୍ତାର ଭିତ୍ତିପ୍ରସ୍ତର ଦେଲେ ନରସିଂହ : ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

ବଲାଙ୍ଗୀର,୨୭/୧୨ (ନି.ପ୍ର): ବଲାଙ୍ଗିର ସଦର ବ୍ଲକ ଖୁଜେନପାଲି ପଂଚାୟତର ପଣ୍ଡରାପିଟା ଠାରେ ଖୁଜେନପାଲି ଗାଁରୁ ଆଟଗାଁ ଉପରଝର ପୁର୍ତ ବିଭାଗ ରାସ୍ତା ପର୍ଯ୍ୟନ୍ତ ୧୩ କୋଟି ଟଙ୍କା ବ୍ୟୟ ଅଟକଳର ରାସ୍ତା ପ୍ରସସ୍ତିକରଣ କାମର ଶୁଭ ଭିତି ପ୍ରସ୍ତର ମାନ୍ୟବର ବଲାଙ୍ଗିର ବିଧାୟକଙ୍କ କର କମଳରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ଏହି ରାସ୍ତା ଲୋକଙ୍କର ଗମନାଗମନ ତଥା ଅଂଚଳର ବ୍ୟବସାୟିକ ଉନ୍ନତି ଦୃଷ୍ଟିରୁ ଏହି ରାସ୍ତାଟିକୁ ପୂର୍ବ ବିଭାଗ ଅଧିନକୁ ଅଣାଯାଇ ରାସ୍ତାଟିର ପ୍ରସସ୍ତିକରଣ କରାଯିବା ସହ ଉନ୍ନତିକରଣ କରାଯିବ । ଦିର୍ଘ ୧୧ କିମି ରୁ ଉର୍ଦ୍ଧ୍ୱ ଥିବା ଏହି ରାସ୍ତା ସହରରୁ ଖୁଜେନପାଲି, ପଣ୍ଡରାପିଟା, ମାକରଚୁଆଁ ଦେଇ ଆଟଗାଁ, ଉପରଝର ପିଡବ୍ଲୁଡି ରାସ୍ତାକୁ ସଂଯୋଗ କରିବ । ଏହି ରାସ୍ତା ଭିତିପ୍ରସ୍ତର ସମୟରେ ବ୍ଲକ ଉପାଧକ୍ଷା ଯଶୋବନ୍ତି ବଘାର, ବ୍ଲକ ସହକାରୀ ଯନ୍ତ୍ରୀ ଶ୍ରୀ ହୋତା, ବିଧାୟକଙ୍କ ବ୍ଲକ ପ୍ରତିନିଧି କିଶୋର ସିଂ ନିନା, ଖୁଜେନପାଲି ସରପଂଚ ସତ୍ୟବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଗସ୍ତ ସମୟରେ ଖୁଜେନପାଲି ବରକାନି ଉଭୟ ପଂଚାୟତର ଆହୁରି ଅନେକ ଉନ୍ନୟନମୂଳକ ପ୍ରକଳ୍ପ ଯଥା ବାଗଭାଡି ଠାରେ ଅତିରିକ୍ତ ଶ୍ରେଣୀ ଗୃହ, ଖୁଜେନପାଲି ଠାରେ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ, ଅଙ୍ଗନଓ୍ୱାଡି କେନ୍ଦ୍ର ର ଉଦ୍ ?ଘାଟନ ଓ କମ୍ୟୁନିଟି ସେଂଟର, କୁଦେଇପାଲି ରୁ ବାଗଭାଡି ଯିବା ପାଇଁ ସେ ରାସ୍ତାରେ ଥିବା ନାଳ ଉପରେ ପୋଲ, ବରକାନି ଠାରେ କମ୍ୟୁନିଟି ସେଂଟର ଏବଂ ଅଇଁଲାଚୁଆଁ ଠାରେ ଏକ କମ୍ୟୁନିଟି ସେଂଟର ଭିତି ପ୍ରସ୍ତର ସ୍ଥାପନ ମାନ୍ୟବର ବିଧାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ଏ ଅବସରରେ ବରକାନି ଖେଳ ପଡିଆରେ ଅନୁଷ୍ଠିତ ଫୁଟବଲ ଖେଳର ବିଜୟୀ ତଥା ଉପବିଜୟୀ ଦଳକୁ ମାନ୍ୟବର ବିଧାୟକ ଟ୍ରଫି ଓ ଉପହାର ଦେଇ ପୁରସ୍କୃତ କରିଥିଲେ । ଗାଁମାନଙ୍କରେ ଅନୁଷ୍ଠିତ ହୋଇଥିବା ସଭାମାନଙ୍କରେ ବିଶେଷ କରି ବରକାନି ଠାରେ ପଂଚାୟତ ମୁଖ୍ୟାଳୟ ଥିବା ସତ୍ୱେ ସେଠାରେ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ମାଗଣା ବିଜୁଳି ପ୍ରଦାନ ରେ ବିଭାଗ ଫେଲ ମାରିଥିବାରୁ ଲୋକଙ୍କ ଦାବି ମୁତାବକ ଶ୍ରୀ ମିଶ୍ର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଶିଘ୍ର ବିଜୁଳି ସଂଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବାଗଭାଡି କୁଦେପାଲି ବାସୀ ବିଜୁଳି ଓ ପିଇବା ପାଣି ସମସ୍ୟାକୁ ନେଇ ଲୋକେ ବିଧାୟକ ଶ୍ରୀ ମିଶ୍ରଙ୍କୁ ଅଭିଯୋଗ କରିଥିଲେ । ଯାହାକି ବିଧାୟକ ଶ୍ରୀ ମିଶ୍ର ପିଇବା ପାଣି ସମସ୍ୟାକୁ ଶିଘ୍ର ପୁରଣ ହେବ ବୋଲି ପ୍ରତିଶୃତି ଦେଇଥିଲେ ।

# ସିନାପାଲି ସିଂଘଝରର ମଣ୍ଡିରୁ ୧୨୦ ବସ୍ତା ଧାନ ଜବତ

ନୂଆପଡ଼ା,୨୭/୧୨ (ନି.ପ୍ର): ନୂଆପଡା ଜିଲ୍ଲା ସିଂଘଝର ମଣ୍ଡିରେ ପୂର୍ବରୁ ୬୦ ବସ୍ତା ଧାନ ଆଣି ପକାଇଥିବା ବେଳେ ଗାଡି ନମ୍ବର ଓଡ଼ି-୦୮ ୫୪୭୨ରେ ପୁଣି ୬୦ ବସ୍ତା ଧାନ ଆଣି ପକାଉଥିବା ବେଳେ ମିଳିତ ରୂପେ ଚଢ଼ଉ ହୋଇଥିଲା । ଘଟଣାରୁ ପ୍ରକାଶ ଯେ, ଧ୍ୱଲେଶ୍ୱର ସା ନାମକ ବ୍ୟକ୍ତି ଆଣି ଧାନ ପକାଉଥିବା ବେଳେ ଗୋପାଳ ଦାଶଙ୍କ ନାମରେ ଧାନ ବିକ୍ରିର ଲକ୍ଷ୍ୟ ରହିଥିବା ଜଣାପଡିଛି । ଧ୍ୱଲେଶ୍ୱର ସାଙ୍କ ଟୋକନ ସିନାପାଲି ମଣ୍ଡିରେ ବିଥିବା ବେଳେ ଗୋପାଳ ଦାଶଙ୍କ ଧାନ ହୋଇନଥିବା ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ରତ୍ନାକର ସେଠି ପ୍ରକାଶ କରିଛନ୍ତି । ସିନାପାଲି ତହସିଲଦାର ଲୋକନାଥ ଶବର, ସିନାପାଲି ଯୋଗାଣ ଅଧିକାରୀ ଏହି ଚଢ଼ଉରେ ସାମିଲ୍ ଥିଲେ ।

# ବାଲେଶ୍ୱର ପ୍ରତିଭା ବିକାଶ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୨୭/୧୨ (ନି.ପ୍ର): ବାଲେଶ୍ୱର ପ୍ରତିଭା ବିକାଶ ଟ୍ରଷ୍ଟ ଓ ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ରକ୍ତଦାନ ଭଳି ମହତ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ । ବିକାଶ ଟ୍ରଷ୍ଟର ଅଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ ଏଥିରେ ସଭାପତିତ୍ୱ କରିଥିଲେ । ପ୍ରତିଭା ବିକାଶ ଟ୍ରଷ୍ଟର ଉପାଧ୍ୟକ୍ଷ ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରଧାନ, ଭାରତୀୟ ମଜଦୁର ସଂଘର ରାଜ୍ୟ ସଭାପତି ଆଇନଜୀବୀ ପୃଥୀରାଜ ପଣ୍ଡା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମିତ୍ରପୁର ସଙ୍କୁଳ ପ୍ରମୁଖ ପ୍ରାଧ୍ୟାପକ ଜଗବନ୍ଧୁ ମହାପାତ୍ର, ଜିଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ପ୍ରତିଭା ବିକାଶ ଟ୍ରଷ୍ଟର ସମ୍ପାଦକ ଡ. ପଙ୍କଜ କୁମାର ଜେନା, ବରିଷ୍ଠ ସଦସ୍ୟ କିଶୋର ଦାସ ପ୍ରମୁଖ ଏଥିରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଶିଷ ସାହୁ, ଭାବଗ୍ରାହୀ ମହାନ୍ତି, ସଞ୍ଜୀବ ନାୟକ, ଜ୍ୟୋତିର୍ମୟୀ ସାମଲ, ପ୍ରଶାନ୍ତ ପଣ୍ଡା, ଗୌରୀଶଙ୍କର ପରିଡ଼ା, ଅରବିନ୍ଦ ବାରିକ, ଲମ୍ବୋଦର ନାୟକ, ରାଧାକାନ୍ତ ମହାପାତ୍ର, ସିପ୍ରାରେଖା ମହାପାତ୍ର, ରବୀନ୍ଦ୍ର ମାଇତି, ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁଧୀର ମହାନ୍ତି ପ୍ରମୁଖଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଏହି ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଗଛକଟାକୁ ବିରୋଧ

## ମିଶନ ଶକ୍ତି ମାର୍କେଟିଂ କୋଠା ସ୍ଥାନାନ୍ତର ପାଇଁ ଦାବି

ବାଲେଶ୍ୱର,୨୭/୧୨ (ନି.ପ୍ର): ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ପୁରାତନ ଗଛ କାଟି ମିଶନଶକ୍ତି ମାର୍କେଟିଂ କେନ୍ଦ୍ର ପ୍ରତିଷ୍ଠା କରିବା ନେଇ ପ୍ରଶାସନର ପ୍ରସ୍ତାବକୁ ସିଭିଲ ସୋସାଇଟି ବିରୋଧ କରିଛି । ରବିବାରଦିନ ସନ୍ଧ୍ୟାରେ ସିଭିଲ୍ ସୋସାଇଟିର ଏକ ବୈଠକ ଉଠାଜଳ ସେଚନ କର୍ମଚାରୀ ଭବନ ସଭାଗୃହରେ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱର ଜିଲାପାଳଙ୍କ ମୁଖ୍ୟ ଫାଟକ ପ୍ରବେଶ ପଥର ବାମପାର୍ଶ୍ୱରେ ଥିବା ବହୁ ପୁରାତନ ଗଛକୁ କାଟି ସେଠାରେ ଏହି ମାର୍କେଟ୍ ବିଲ୍ଡିଂ ନିର୍ମାଣକୁ ବିରୋଧ କରି ଏହାର ସ୍ଥାନାନ୍ତର ପାଇଁ ବୈଠକରେ ଉପସ୍ଥିତ ଥିବା ବୁଦ୍ଧିଜୀବୀମାନେ ସର୍ବସମ୍ମତ ମତ ପ୍ରକାଶ କରିଛନ୍ତି । ବାଲେଶ୍ୱର ଏକ ଐତିହ୍ୟର ସହର । ଇଂରେଜ ସରକାରଙ୍କ ଶାସନ କାଳରେ ଜିଲାପାଳଙ୍କ ଦପ୍ତର ପାଇଁ ନିରୁପିତ ସ୍ଥାନକୁ ସଂକୁଚିତ କରାଯାଇଥିବା ବେଳେ ପୁନଶ୍ଚ ସେହି ପରିସରରେ ଏକ ମାର୍କେଟ୍ ପ୍ରତିଷ୍ଠାକୁ ବୈଠକରେ ବହୁ ବୁଦ୍ଧିଜୀବୀ ବିରୋଧ କରିଛନ୍ତି । ତେଣୁ ରାଜ୍ୟ ସରକାର ଓ ଜିଲାପାଳଙ୍କ ସମେତ ବାଲେଶ୍ୱରର ନିର୍ବାଚିତ ଜନ ପ୍ରତିନିଧିମାନେ ନିଷ୍ପତ୍ତିର ପୁନଃବିଚାର କରିବାକୁ ବୈଠକରେ ଅନୁରୋଧ କରାଯାଇଛି । ନାରୀ ସଂଘ ସଂଲଗ୍ନ ଜିଲାପାଳଙ୍କ ଆବାସ ପରିସରରେ ଥିବା ଖାଲି ସ୍ଥାନରେ କିମ୍ବା ଜିଲ୍ଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ପଛପଟରେ ଥିବା ସରକାରୀ ସ୍ଥାନରେ ଏହି ବ୍ୟବସାୟ କେନ୍ଦ୍ର ପ୍ରତିଷ୍ଠା ପାଇଁ ବୈଠକରେ ମତପ୍ରକାଶ କରିଛନ୍ତି । ଏହି ବୈଠକରେ ସୋସାଇଟିର ସମ୍ପାଦକ ଆଇନଜୀବୀ ମନୋଜ ନାୟକଙ୍କ ସମେତ ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଶିକ୍ଷାବିତ ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ନିରଞ୍ଜନ ପରିଡ଼ା, ଜିଲ୍ଲା ପରିଷଦ ସଦସ୍ୟ ସୀତାରାମ ପ୍ରଧାନ, ନାରୀନେତ୍ରୀ ବନ୍ଦନା ବିଶ୍ୱାସ, ସନ୍ତୋଷ କୁମାର ସାହୁ, ଶରତ ଚନ୍ଦ୍ର ମହାନ୍ତି, ମଧୁସୂଦନ ଜେନା, ଭରତ ଚନ୍ଦ୍ର ସେଠୀ, ଜ୍ଞାନରଂଜନ ମିଶ୍ର, ପୂର୍ବତନ କାଉନସିଲର ଦେବାଶୀଷ ସିଂହ, ଶ୍ରୀନିବାସ ପାଣିଗ୍ରାହୀ ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଯତିନ ପାତ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଚାଷୀଙ୍କୁ ଆତ୍ମନିର୍ଭରଶୀଳ ହେବାର ରାସ୍ତା ଦେଖାଇଛନ୍ତି ଅନୀଲ

ବଲାଙ୍ଗିର,୨୭/୧୨ (ନି.ପ୍ର): ଦୃଢ଼ ଆତ୍ମବିଶ୍ୱାସ ଓ ଅଧାବସାୟ ବଳରେ ଅସମ୍ଭବକୁ ବି ସମ୍ଭବ କରିହୁଏ । ଲକ୍ଷ୍ୟ ଯଦି ମହତ୍ ଥାଏ ତେବେ ରାସ୍ତା ଆପେ ଆପେ ଆସିଥାଏ । ଏହାକୁ ପ୍ରମାଣିତ କରି ଦେଇଛନ୍ତି ବଲାଙ୍ଗୀର ସହର ରୁଗୁଡି ପଡାର ଜଣେ ଉଦ୍‌ଯୋଗୀ ଯୁବକ ଅନୀଲ କୁମାର ନନ୍ଦ । ବଲାଙ୍ଗୀର ସଦର ବ୍ଲକ ଖର୍ଲିକାନୀ ଗ୍ରାମ ନିକଟରେ ଅଢ଼େଇ ଏକର ପରିମିତ ବିସ୍ତାର୍ଣ୍ଣ ଜମିରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ବିଭିନ୍ନ ପ୍ରକାରର ପନିପରିବା ଚାଷ କରିବାରେ ସଫଳ ହୋଇଛନ୍ତି ଅନୀଲ । ଅନୀଲ ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କର ଜଣେ କର୍ମଚାରୀ । ଅନେକ ପରିଶ୍ରମ କରି ଦିନରେ ୫ ରୁ ୭ ଘଣ୍ଟା ପର୍ଯ୍ୟନ୍ତ ବ୍ୟାଙ୍କ ର ଟିଁନି ସଂଚୟ ଯୋଜନାରେ ଜମା ସଂଗ୍ରହ କରିବା ତାଙ୍କ କାମ ଥିଲା । କରୋନା ଯୋଗୁଁ ମାର୍କେଟ ସବୁ ବନ୍ଦ ହୋଇଯାଇଥିଲା । ଏହି ସମୟରେ ଅନୀଲ ଖାଲି ବସି ନଥିଲେ । ତାଙ୍କର ପିଲାଦିନରୁ ବାପା ବ୍ରଜ ସୁନ୍ଦର ନନ୍ଦଙ୍କ ସହ ପୈତୃକ ଗ୍ରାମ ସିଆଳ ବନ୍ଧ ଗ୍ରାମରେ ବାପାଙ୍କ ସହ କରିଥିବା କାମ ପ୍ରେରଣା ଯୋଗାଇଥିଲା । ସେ ନିଜର କିଛି ଜମିରେ ଅଭିନବ କାମ କରିବାର ସ୍ୱପ୍ନ ଦେଖିଥିଲେ । ତେବେ ତାଙ୍କ ଯୋଜନାର ସଫଳ ରୂପାୟନ ହେବା ପଛରେ ନିଜର ବାପା ମା ଙ୍କ ଆଶିର୍ବାଦ, ବଡ ଭାଇ ସୁଶୀଳ, ସୁଧୀର, ପତ୍ନୀ ମୀରା ଓ ଏକମାତ୍ର ପୁଅ ବିଶ୍ୱାସଙ୍କ ସହଯୋଗ ତଥା ଭଗବାନଙ୍କ କୃପା ରହିଛି ବୋଲି କହିଛନ୍ତି ଅନୀଲ । ଏହି ପନିପରିବା ଚାଷ ଜରିଆରେ ସେ ପ୍ରଚୁର ଆତ୍ମସନ୍ତୋଷ ଲାଭ କରିବା ସହ ପାଖ ଗାଁର କିଛି ଲୋକଙ୍କ ପାଇଁ ସେ ରୋଜଗାରର ମାଧମ ପାଲଟିଛନ୍ତି ବୋଲି କହନ୍ତି ଅନୀଲ । ବଲାଙ୍ଗୀର ସହରରୁ ମାତ୍ର ୭ କିଲୋମିଟର ଦୂର ଏକ ବଣ ପାହାଡ଼ ଘେରା ଶାନ୍ତ, ଶୀତଳ ଓ ପ୍ରାକୃତିକ ପରିବେଶ ମଧରେ ଗଢ଼ି ଉଠିଥିବା ଅନୀଲଙ୍କ ଏହି ଜମିରେ ଜଗୁଆଳି ପାଇଁ କରିଥିବା ଆବାସ ଗୃହ ଫାର୍ମକୁ ଲାଗି ରହିଛି ଫାର୍ମ ହାଉସ । ଏଠାରେ ସେ ସିମଲା ମିରଚି (କେପ୍ସିକମ୍), କଦଳୀ, ବାଇଗଣ, ସଜନା, ପିଜୁଳି, ଆମ୍ବ, ମୂଳା, ଧନିଆପତ୍ର, ରସୁଣ ଆଦି ବିଭିନ୍ନ କିସମର ପନିପରିବା ଓ ଫଳ ଗଛ ଲଗାଇଛନ୍ତି । ଏକ ମନୋରମ ପରିବେଶ ମଧରେ ଗଢ଼ି ଉଠିଥିବା ଏହି ବଗିଚାର ରକ୍ଷଣାବେକ୍ଷଣ ପାଇଁ ୪ ଜଣ କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ଓ.ୟୁ.ଟି ର ଜଣେ ଅଭିଜ୍ଞ ଟେକ୍ନିସିଆନ ଇଂ. ଅଭିଜିତ ମିଶ୍ରଙ୍କ ଦିଗ୍ଦର୍ଶନ ତଥା ପ୍ରତ୍ୟେକ୍ଷ ତତ୍ୱାବଧାନରେ ଏହି ପନିପରିବା ଓ ଫଳ ବଗିଚା ପରିଚାଳିତ ହେଉଛି । କିଛି ଦିନ ତଳେ ବଲାଙ୍ଗୀର ଉଦ୍ୟାନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଏହି ଫାର୍ମ ହାଉସକୁ ପରିଦର୍ଶନରେ ଆସି ଏଠାକାର ଚାଷ ପ୍ରଣାଳୀ, ଉତମ ପରିବେଶ ଓ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗର ଭୂୟସୀ ପ୍ରଶଂସା କରି ଯାଇଛନ୍ତି । ସମ୍ପ୍ରତି ବଲାଙ୍ଗୀର ଜିଲ୍ଲାରେ ପନିପରିବାର ଚାହିଦା ଅହେତୁକ ଭାବରେ ବୃଦ୍ଧି ପାଉଥିବା ବେଳେ ବଲାଙ୍ଗୀର ଜିଲ୍ଲାରେ ଚାହିଦା ମୁତାବକ ପନିପରିବା ଚାଷ ହେଉ ନଥିବାରୁ ବାହାର ଜିଲ୍ଲା ତଥା ରାଜ୍ୟରୁ ପନିପରିବା ରପ୍ତାନୀ ହେଉଛି । ଏପରି ପରିସ୍ଥିତିରେ ଜିଲ୍ଲାର ଅସଂଖ୍ୟ ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବାର ଏକ ରାସ୍ତା ଦେଖାଇଛନ୍ତି ଅନୀଲ ।

# ମୋ ସ୍କୁଲ ଅଭିଯାନକୁ ୧ଲକ୍ଷ ପ୍ରଦାନ କଲେ ଉତ୍ତରାଂଚଳ ରାଜସ୍ୱ ଆୟୁକ୍ତ

କେନ୍ଦ୍ରାପଡା,୨୭/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଅନ୍ୟତମ ସୁନାମ ଧନ୍ୟ ବିଦ୍ୟାଳୟ ବନମାଳି ବ୍ରହ୍ମଚାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଉତରାଂଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ମୋ ସ୍କୁଲ ଅଭିଯାନର ଏକ ବୈଠକରେ ଅଂଶ ଗ୍ରହଣ କରିଥିବା ଜଣାପଡିଛି । ଶ୍ରୀ ଦଳାଇ ବିଦ୍ୟାଳୟର ଉତୋରତର ଉନ୍ନତି ପାଇଁ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହିତ ଆଲୋଚନା କରି ବିଦ୍ୟାଳୟର ଉନ୍ନତି ପାଇଁ ୧ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ପ୍ରଧାନ ଶିକ୍ଷୟିତ୍ରୀ ଆରତୀବାଳା ରଥଙ୍କ ସମେତ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ପୁଷ୍ପଗୁଚ୍ଛ ଦେଇ ଆୟୁକ୍ତ ଶ୍ରୀ ଦଳାଇଙ୍କୁ ସ୍ୱାଗତ କରିବା ସହ ସମ୍ମିଳନୀ କକ୍ଷକୁ ପାଛୋଟି ନେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମୋ ସ୍କୁଲ ସଂଗଠନର ସଭାପତି ଡ଼ଃ ରାଜ କିଶୋର ସ୍ୱାଇଁ, ସଂଯୋଜକ ନାରାୟଣ ଚକ୍ରବର୍ତୀ, ରମାକାନ୍ତ ସାମଲ, ସାମ୍ବାଦିକ ଦିଲିପ କୁମାର ମହାନ୍ତି, ସଂନ୍ଧ୍ୟାରାଣୀ ରଥ, ବିଜୟଲକ୍ଷ୍ମୀ ଦାସ, ସୁଚିସ୍ମିତା ତ୍ରିପାଠୀ, ସୀମା ମଲିକ, ହିମାଂଶୁ ଶେଖର ସ୍ୱାଇଁ, ପବିତ୍ର ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରୀ ମହିଳା ମହାବିଦ୍ୟାଳୟର ସପ୍ତଦିବସୀୟ ଶୀତ ଶିବିର ଉଦ୍‌ଯାପିତ

ଜୟପୁର,୨୭/୧୨ (ନି.ପ୍ର): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏନଏସଏସ୍ ଆନୁକୂଲ୍ୟରେ ପୋଷ୍ୟ ଗ୍ରାମ ଫୁଲବାଡ ଠାରେ ଆୟୋଜିତ ସପ୍ତ ଦିବସୀୟ ସ୍ୱତନ୍ତ୍ର ଶୀତ ଶିବିର ସଚେତନ ଧର୍ମୀ ପଥପ୍ରାନ୍ତ ନାଟକ ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଉଦଯାପିତ ହୋଇଯାଇଛି । ଏନଏସଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଡ଼ଃ. ମନୋରଞ୍ଜନ ପ୍ରଧାନଙ୍କ ତତ୍ୱାବଧାନରେ ଆୟୋଜିତ ଏହି ଶୀତ ଶିବିର ଅନ୍ତିମ ତଥା ଉଦଯାପନୀ ସମାରୋହରେ ବିଜ୍ଞାନ ଇଂଟରନେସନାଲ ସ୍କୁଲର ସଭାପତି ତଥା ବିଶିଷ୍ଟ ସମାଜସେବୀ ପ୍ରକାଶ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀ ମାନଙ୍କ କଠିନ ପରିଶ୍ରମ ଓ ସଂସ୍କାରମୂଳକ କାର୍ଯ୍ୟକ୍ରମ ଗୁଡିକୁ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପରିବେଶବିତ୍, ଶିକ୍ଷାବିତ୍ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭ୍ୟ ତଥା ପ୍ରବୀଣ ଲେଖକ ଡ଼ଃ. ପ୍ରଦୀପ କୁମାର ମିଶ୍ର ନିଜର ମର୍ମସ୍ପର୍ଶୀ ଉଦବୋଧନ ମାଧମରେ ଯୁବ ସମାଜର ଭୂମିକା ହିଁ ଏକ ବିକଶିତ ଭାରତ ଗଠନ ସ୍ୱପ୍ନକୁ ସାକାର କରିପାରିବ ବୋଲି କହିଥିଲେ । ବୋରିଗୁମ୍ମା କଲେଜର ଅର୍ଥନୀତି ବିଭାଗର ଅଧାପକ ସଦାଶିବ ତ୍ରିପାଠୀ ଓ ବିଜ୍ଞାନ ଇଂଟରନେସନାଲ ସ୍କୁଲର ଶୈକ୍ଷିକ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରାର୍ଥୀ ମାନଙ୍କୁ ଉଦବୋଧନ ଦେଇଥିଲେ । ସାତ ଦିନ ଧରି ଚାଲିଥିବା ଏହି ସ୍ୱତନ୍ତ୍ର ଶୀତ ଶିବିରରେ ସରକାରୀ ମହିଳା ମହାବିଦ୍ୟାଳୟର ପଚିଶି ଜଣ ମହିଳା ସ୍ୱେଚ୍ଛାସେବୀ ସହ ଫୁଲବାଡ ଗ୍ରାମର ଦୁଇ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ । କେନ୍ଦ୍ର ସରକାରଙ୍କ ଯୁବ ଓ କ୍ରୀଡ଼ା ବ୍ୟାପାର ମନ୍ତ୍ରଣାଳୟର ସହାୟତା ଓ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରର ମୂଳମନ୍ତ୍ର ଥିଲା ସେବା, ସଚେତନତା ଓ ଦକ୍ଷତା ବିକାଶ । ସେଥିପାଇଁ ଶିବିରାର୍ଥୀ ମାନଙ୍କୁ ବ୍ୟକ୍ତିତ୍ୱ ନିର୍ମାଣ, ଦକ୍ଷତା ବିକାଶ ଓ ଜୀବନ କଳା କୌଶଳ ବିକାଶ ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା । ବିଭିନ୍ନ ବିଭାଗର ବାର ଜଣ ସମ୍ବଳ ଶିକ୍ଷକ ବା ବିଶେଷଜ୍ଞ ଶିବିରାର୍ଥୀଙ୍କୁ ଉଦବୋଧନ ଦେଇଥିଲେ । ଶିବିରାର୍ଥୀ ସାତଦିନ ଧରି ମଧାହ୍ନ ଭୋଜନ ପର୍ଯ୍ୟନ୍ତ ପୋଷ୍ୟ ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ, ମାଦକ ଦ୍ରବ୍ୟ ମୁକ୍ତ ଗ୍ରାମ ନିର୍ମାଣ, ସାକ୍ଷରତା ଅଭିଯାନ ଓ ପାଠ ପଢା ପିଲା ମାନଙ୍କ ଲିଖନ, ପଠନ ଓ ଗଣନା ଦକ୍ଷତା ସମ୍ବନ୍ଧରେ ସଚେତନା ଓ ଶିକ୍ଷା ଦାନ କରିଥିଲେ । ସାତ ଦିନ ମଧରେ ଅନେକ ନିରକ୍ଷର ପୁରୁଷ ଓ ମହିଳା ନିଜ ନାମ ଲେଖିବା ପାଇଁ ସକ୍ଷମ ହୋଇଥିବା ବେଳେ ବିଦ୍ୟାଳୟରେ ପଢୁଥିବା ପିଲାମାନେ ଶିବିରାର୍ଥୀଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିଲେ । ରକ୍ତଦାନ ଶିବିର ସହ ଶିବିରର ଅନ୍ତିମ ଦିବସରେ ସ୍ୱଚ୍ଛ ଗ୍ରାମ, ସୁନ୍ଦର ଗ୍ରାମ, ବାଳିକା ଶିକ୍ଷା, ନିଶା ନିବାରଣ ଓ ଶୌଚାଳୟର ବ୍ୟବହାର ସମ୍ପର୍କିତ ପଥପ୍ରାନ୍ତ ନାଟକ, ଅଭୟ ଫାଉଣ୍ଡେସନର ସହାୟତା ଓ ସଦସ୍ୟ ଚନ୍ଦ୍ରେସ ରାଠୋରଙ୍କ ଉପସ୍ଥିତିରେ ଶୀତବସ୍ତ୍ର ବଂଟନ ଓ 'ଥିଲେ ଦିଅ ନଥିଲେ ନିଅ' କାଉଣ୍ଟର ଜରିଆରେ ପୁରୁଣା ପୋଷାକ ଓ ବସ୍ତ୍ର ବଂଟନ ଶିବିର ଆକର୍ଷଣର କେନ୍ଦ୍ର ବିନ୍ଦୁ ଥିଲା । ଗ୍ରାମ ଛାଡ଼ିବା ବେଳେ ଛୋଟ ଛୋଟ ପିଲା ଓ ଶିବିରାର୍ଥୀଙ୍କ ଗଢି ଉଠିଥବା ସମ୍ପର୍କର ଗଭୀରତା ସ୍ପଷ୍ଟ ବାରି ହୋଇ ପଡୁଥିଲା । କେହି କେହି ନିଜ କୋହ ସମ୍ବରଣ କରି ନ ପାରି ଲୁହ ପୋଛୁ ଥିବା ଦେଖାଦେଇଥିଲା । ଶିବିରାର୍ଥୀଙ୍କୁ ଉପସ୍ଥିତ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ହାଇସ୍କୁଲର ସମସ୍ୟା ସୁଧାରିବା ପାଇଁ ଅଣ୍ଟା ଭିଡିଲେ ପୁରାତନ ଛାତ୍ରଛାତ୍ରୀ

କେନ୍ଦ୍ରାପଡା,୨୭/୧୨ (ନି.ପ୍ର): ରାଜ୍ୟର ଅନ୍ୟତନ ପୁରୁଣା ହାଇସ୍କୁଲ ଭାବେ ପରିଚିତ କେନ୍ଦ୍ରାପଡା ହାଇସ୍କୁଲର ୧୯୯୧ ମସିହା ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କର ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ସେକ ବରକତୁଲାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବନ୍ଧୁ ମିଳନରେ ଶିକ୍ଷକ ହେମନ୍ତ କୁମାର ଜେନା, ମହମ୍ମାଦ ଫଜଲେ ବାରି, ପହଲି ସ୍ୱାଇଁ, ବି ବି ରାୟ ପ୍ରମୁଖ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ଥିଲା । ଏଥି ସହିତ ହାଇସ୍କୁଲର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇ ସମସ୍ୟାକୁ ସମାଧାନ କରିବା ପାଇଁ ନିଷ୍ପତି ନିଆଯାଇଛି । ଏହି ବନ୍ଧୁ ମିଳନରେ ସଂଜୟ ପଢିଆରୀ, ନିରଞ୍ଜନ ବେହେରା, ସେକ ଅହେସାନ ଅଲ୍ଲୀ, ଇମତିଆଜ ଅହେମଦ, ପତୁଷ୍ପ ନିହାର ଗୋଛାୟତ ପ୍ରମୁଖଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।


# ମତ୍ସ୍ୟଜୀବୀଙ୍କୁ ପ୍ରଦାନ କରାଯାଇଥିବା ଡ଼ଙ୍ଗା ନିମ୍ନମାନର ଅଭିଯୋଗ

ମାଲକାନଗିରି,୨୭/୧୨ (ନି.ପ୍ର): ମାଲକାନଗିରି ସ୍ୱାଭିମାନ ଅଂଚଳରେ ପାଇଖାନା ନିର୍ମାଣରେ କୋଟିକୋଟି ଟଙ୍କାର ଦୁର୍ନୀତି ହେବା ପରେ ରାଜ୍ୟ ସରକାର ଦୁର୍ନୀତିର ତଦନ୍ତ କରି ତତ୍କାଳୀନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଯନ୍ତ୍ରୀଙ୍କୁ ନିଲମ୍ବନ କରିଥିବାବେଳେ ଏବେ ସ୍ୱାଭିମାନ ଅଂଚଳରେ ମତ୍ସ୍ୟଜୀବୀଙ୍କୁ ଡଙ୍ଗା ପ୍ରଦାନ କରିଥିବାବେଳେ ଏହା ସେମାନଙ୍କ ଉନ୍ନତି ପାଇଁ ନୁହେଁ ବରଂ ପ୍ରତାରଣା ବୋଲି ମତ୍ସ୍ୟଜୀବୀ ଅଭିଯୋଗ କରିଛନ୍ତି । ଏହି ଡଙ୍ଗା ଧରି ଜୀବିକା ନିର୍ବାହ କରିବୁ ନାଁ ଜୀବନ ହାରିବୁ ବୋଲି କିଛି ମତ୍ସ୍ୟଜୀବୀ ପ୍ରଶ୍ନ କରିଛନ୍ତି । ମତ୍ସ୍ୟଜୀବୀଙ୍କ ଏଭଳି ଅଭିଯୋଗ ପରେ ଏହି ଡଙ୍ଗା ଅତ୍ୟନ୍ତ ନିମ୍ନମାନର ବୋଲି ସ୍ପଷ୍ଟ ଅନୁମାନ କରି ହେଉଛି । ସୂଚନାଯୋଗ୍ୟ ଏକ କମ୍ପାନୀ ପ୍ରାୟ ୧୮କୋଟି ଟଙ୍କାର ଟେଣ୍ଡର ନେଇ ଅତ୍ୟନ୍ତ ନିମ୍ନମାନର ଡଙ୍ଗା ଯୋଗାଇଥିବା ଅଭିଯୋଗ ହୋଇଛି । ସ୍ୱାଭିମାନ ଅଂଚଳବାସୀଙ୍କ ଜୀବନ ଜୀବିକା ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ନଜର ଦେଇ ସରକାରଙ୍କ ସେତୁ ଯୋଜନାରେ ମତ୍ସ୍ୟଜୀବୀଙ୍କ ନିମନ୍ତେ ବାଲିମେଳା ଜଳଭଣ୍ଡାରରେ ଯାଆଁଳା ଛାଡିବା ଓ ମାଛ ବଢ଼ିଲା ପରେ ମାଛ ଧରିବା ନିମନ୍ତେ ଜାଲ , ମାଛ ଡଙ୍ଗା ମାଗଣାରେ ପ୍ରଦାନ କରାଯାଉଛି । ସ୍ୱାଭିମାନ ଅଂଚଳର ଲୋକମାନେ ମାଛ ମାରି ସ୍ୱାବଲମ୍ବୀ ହେବା ପାଇଁ ମାଛଧରା ଡଙ୍ଗା ବଂଟନ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୬୦ଜଣ ହିତାଧିକାରୀଙ୍କୁ ମାଛଧରା ଡଙ୍ଗା ବଂଟନ କରାଯାଇଥିଲା । ମୁଖ୍ୟଅତିଥି ? ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣଚନ୍ଦ୍ର ବାକା ହିତାଧି କାରୀଙ୍କୁ ଡଙ୍ଗା ବଂଟନ କରିଥିଲେ । କିନ୍ତୁ ହିତାଧି କାରୀ ଅତି ନିମ୍ନମାନର ଡଙ୍ଗା ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଡଙ୍ଗା ନେବାକୁ ମନା କରି ବିଧାୟକଙ୍କୁ ଘେରିଥିବା ଜଣାଯାଇଛି । ସରକାର ଦେଉଥିବା ଟଙ୍କା ଖରାପ ଡଙ୍ଗା ଦେଇ ବାଟମାରଣା ହେଉଛି ବୋଲି ଅଭିଯୋଗ କରିଥିଲେ ମତ୍ସ୍ୟଜୀବୀ । ଡଙ୍ଗା ନିର୍ମାଣରେ ଲାଗିଥିବା କାଠ ଅତି ହାଲୁକା । କାଠପଟା ଗୁଡିକ ନିମ୍ନମାନର । ଡଙ୍ଗା ଗୁଡ଼ିକରେ ଫଟା ପଟା ବ୍ୟବହାର ହୋଇଛି । ଡଙ୍ଗା ନେଇ ନଦୀରେ ଛାଡିଲେ ଡଙ୍ଗାରେ ପାଣି ପଶିଯାଉଛି । ନିମ୍ନମାନର ଡଙ୍ଗା ଦେଇଥିବା ଓସିଏପି କାପେରସନ ସଂସ୍ଥାର ବିଲ ବନ୍ଦ କରିବା ସହ ଆଗାମୀ ଦିନରେ ଭଲ ଡଙ୍ଗା ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବି ବୋଲି ପ୍ରତିଶ୍ରୁତି ଦେଇଥିଲେ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା । ଜିଲା ମତ୍ସ୍ୟ ଅଧିକାରୀଙ୍କ କହିବା ଅନୁଯାୟୀ କମ୍ପାନୀ ଡଙ୍ଗା ନିର୍ମାଣ କରିଛି , ତାଙ୍କ ପାଖରେ ଯାହା ଆସିଛି ସେମାନେ ବଂଟନ କରୁଛନ୍ତି ।

# ସମାନ କାମକୁ ସମାନ ଦରମା ଅମଲା ସଂଘର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କେନ୍ଦ୍ରାପଡା,୨୭/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଅମଲା ସଂଘର କର୍ମକର୍ତା ମାନେ "ସମାନ କାମକୁ ସମାନ ଦରମା" ଦାବିରେ ଏକ ଦାବିପତ୍ର ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ପ୍ରଦାନ କରିଛନ୍ତି । ରବିବାର ପ୍ରଦାନ କରା ଯାଇଥିବା ଏହି ଦାବିପତ୍ରରେ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସର୍ବନିମ୍ନ ସ୍ନାତକ ରଖାଯାଇ ୪ବର୍ଷ ତଳୁ କାର୍ଯ୍ୟକାରୀ କରାଯାଇଛି । ମାତ୍ର ସ୍ନାତକ ହାରରେ ଦରମା ପ୍ରଦାନ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଅମଲା ମାନଙ୍କ ମଧ୍ୟରେ ନୈରଶତା ଦେଖାଯାଇଛି । ଅନ୍ୟ ବର୍ଗର ସ୍ନାତକ ଯୋଗ୍ୟତାଧାରୀଙ୍କ ଦରମା ୯୩୦୦ ଓ ଗ୍ରେଡ୍ ପେ ୪୨୦୦ପ୍ରଦାନ କରା ଯାଉଥିବା ବେଳେ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ପ୍ରତି ତାହା ଲାଗୁ କରାଯାଇ ନାହିଁ । "ସମାନ କାମକୁ ସମାନ ଦରମା" ନୀତି କାର୍ଯ୍ୟକାରୀ କରାଯାଇ ଉକ୍ତହାର ରେ ଦରମା ନେବାକୁ ସଭାପତି ଅଞ୍ଜନ କୁମାର ଶତପଥୀ, ସଂପାଦକ ବିଶ୍ୱ ପ୍ରକାଶ ଲେଙ୍କା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି ।

# ଲାହୋଲ-ସ୍ପିତି ଘାଟୀ



ହିମାଚଳପ୍ରଦେଶର ଲାହୋଲ ସ୍ପିତି ଭାରତର ଏକ ପ୍ରମୁଖ ଦର୍ଶନୀୟ ସ୍ଥଳୀ । ଯେଉଁ ସ୍ଥାନକୁ ବର୍ଷସାରା ଯାତ୍ରା କରିବା ପର୍ଯ୍ୟଟକମାନଙ୍କ ପାଇଁ ସହଜ ହୋଇଥାଏ । ଚାରିପଟେ ଝରଣା, ହିମଖଣ୍ଡ, ଶିଳାଖଣ୍ଡ ମଧ୍ୟରେ ରହିଥିବା ଏହି ଲାହୋର -ସ୍ପିତି ଘାଟୀ ପ୍ରକୃତିର ବିବିଧତା ଯୋଗୁ ବିଶ୍ୱବିଖ୍ୟାତ । ହିନ୍ଦୁ ଓ ବୌଦ୍ଧ ପରମ୍ପରାର ବିରଳ ମିଳନସ୍ଥଳ ହୋଇପାରିଥିବା ଏହି ଘାଟୀରେ ପ୍ରକୃତିର ବିଭିନ୍ନ ମନୋରଞ୍ଜନ ଦୃଶ୍ୟ ଉପଭୋଗ୍ୟ କରିହୁଏ । ଆକାଶକୁ ଛୁଇଁଲାଭଳି ପର୍ବତଖଣ୍ଡ ଏହା ସୌନ୍ଦର୍ଯ୍ୟତାକୁ ଦ୍ୱିଗୁଣିତ କରିଥାଏ । ସ୍ପିତି ଘାଟୀକୁ ବରଫର ଘାଟୀ ମଧ୍ୟ କୁହାଯାଏ । କାରଣ ଏଠାରେ ପ୍ରବଳ ମାତ୍ରାରେ ବରଫ ପଡ଼ିଥାଏ । ସମୁଦ୍ର ସ୍ଥଳଠାରୁ ୧୦ହଜାର ଫୁଟ ଉଚ୍ଚରେ ଅବସ୍ଥିତ 'ତୋବୋ' ଗାଁକୁ ବିଶ୍ୱର ସବୁଠାରୁ ପ୍ରାଚୀନତମ, ସବୁଠାରୁ ଉଚ୍ଚା ଗାଁ ତଥା ହିମାଳୟର ଅଜନ୍ତା ମଧ୍ୟ କୁହାଇଥାଏ । ଏହି ଗାଁ ସ୍ପିତି ଘାଟୀର ମୁଖ୍ୟ କାର୍ଯ୍ୟାଳୟ କାଜାରୁ ୪୬କି.ମି ଦୂରରେ ଅବସ୍ଥିତ ଏବଂ ଏହାକୁ ବୌଦ୍ଧଧର୍ମର ଏକ ପ୍ରମୁଖ କେନ୍ଦ୍ର ବୋଲି ଗଣନା କରାଯାଇଥାଏ । କୁହାଯାଏ ଏହି ଗାଁ ୯୪୮ରେ ଲାଭା ରିନି-ଛେନ-ଜଙ୍ଗ-ପୋର ସ୍ଥାପନା କରିଥିଲେ । ପାହାଡ଼ଉପରେ ନିର୍ମାଣ କରାଯାଇଥିବା ମନ୍ଦିର ଓ ଗୁମ୍ଫା ଦେଖିବାପାଇଁ ହଜାର ହଜାର ବିଦେଶୀ ପର୍ଯ୍ୟଟକ ଏଠାକୁ ଛୁଟି ଆସିଥାନ୍ତି । ଏହି ମନ୍ଦିର ଓ ଗୁମ୍ଫା ମାନଙ୍କରୁ ଭାସି ଆସୁଥିବା ବୌଦ୍ଧ ସଂଗୀତ ମନକୁ ଅଧିକ ରୋମାଞ୍ଚିତ। ଲାହୋଲ ଓ ସ୍ପିତି ଦୁଇଟି ଭିନ୍ନଭିନ୍ନ ପର୍ବତ ଶୃଙ୍ଗର ନାମ । କିନ୍ତୁ ପ୍ରକୃତିର ବିବିଧତା କାଣରୁ ଏହାର ଧାର୍ମିକ, ସାଂସ୍କୃତିକ ଓ ଐତିହାସିକ ପୃଷ୍ଠଭୂମି ପ୍ରାୟତଃ ସମାନ ରହିଥିବାର ଦେଖିବାକୁ ମିଳ । ଲାହୋରକୁ ଚୀନର ପରିବ୍ରାଜକ 'ହୁଏନସାଂ' 'ଲୋ- ୟୁ-ଲୋ' ନାମରେ ସମ୍ବୋଧିତ କରିଥିଲେ । ସେହିପରି ରାହୁଏ ସାଂସ୍କୃତାନ ଏହାକୁ ଦେବତାମାନଙ୍କ ଦେଶ ବୋଲି କହିଥିଲେ । ଲାହୋଲର ସଂପୂର୍ଣ୍ଣ ବିପରୀତ ଘାଟୀ ହେଉଛି ସ୍ପିତି । ସ୍ପିତିକୁ 'ମଣିମାନଙ୍କ ଘାଟୀ' ମଧ୍ୟ କୁହାଯାଏ । ସ୍ଥାନୀୟ ଭାଷା ଅନୁସାରେ

> ଲାହୋର -ସ୍ପିତି ଘାଟୀ ପ୍ରକୃତିର ବିବିଧତା ଯୋଗୁ ବିଶ୍ୱବିଖ୍ୟାତ । ହିନ୍ଦୁ ଓ ବୌଦ୍ଧ ପରମ୍ପରାର ବିରଳ ମିଳନସ୍ଥଳ ହୋଇପାରିଥିବା ଏହି ଘାଟୀରେ ପ୍ରକୃତିର ବିଭିନ୍ନ ମନୋରଞ୍ଜନ ଦୃଶ୍ୟ ଉପଭୋଗ୍ୟ କରିହୁଏ । ଆକାଶକୁ ଛୁଇଁଲାଭଳି ପର୍ବତଖଣ୍ଡ ଏହା ସୌନ୍ଦର୍ଯ୍ୟତାକୁ ଦ୍ୱିଗୁଣିତ କରିଥାଏ । ପାହାଡ଼ଉପରେ ନିର୍ମାଣ କରାଯାଇଥିବା ମନ୍ଦିର ଓ ଗୁମ୍ଫା ଦେଖିବାପାଇଁ ହଜାର ହଜାର ବିଦେଶୀ ପର୍ଯ୍ୟଟକ ଏଠାକୁ ଛୁଟି ଆସିଥାନ୍ତି ।

ଲାହୋର-ସ୍ୱତି ଘାଟୀ ପ୍ରକୃତିର ବିବିଧତା ଯୋଗୁ ବିଶ୍ୱବିଖ୍ୟାତ । ହିନ୍ଦୁ ଓ ବୌଦ୍ଧ ପରମ୍ପରାର ବିରଳ ମିଳନସ୍ଥଳ ହୋଇପାରିଥିବା ଏହି ଘାଟୀରେ ପ୍ରକୃତିର ବିଭିନ୍ନ ମନୋରଞ୍ଜନ ଦୃଶ୍ୟ ଉପଭୋଗ୍ୟ କରିହୁଏ । ଆକାଶକୁ ଛୁଇଁଲା ଭଳି ପର୍ବତଖଣ୍ଡ ଏହା ସୌନ୍ଦର୍ଯ୍ୟତାକୁ ଦ୍ୱିଗୁଣିତ କରିଥାଏ ପାହାଡ଼ ଉପରେ ନିର୍ମାଣ କରାଯାଇଥିବା ମନ୍ଦିର ଓ ଗୁମ୍ଫା ଦେଖିବା ପାଇଁ ହଜାର ହଜାର ବିଦେଶୀ ପର୍ଯ୍ୟଟକ ଏଠାକୁ ଛୁଟି ଆସିଥାନ୍ତି ।

'ସି' ଶବ୍ଦର ଅର୍ଥ ମଣି ଓ 'ପିତା' ଶବ୍ଦର ଅର୍ଥ ସ୍ଥାନ । ଏହି ଘାଟରେ ଥିବା କିଛି ପଥର ଓ ହୀରା ଆଜି ମଧ୍ୟ ଦେଖିବାକୁ ମିଳିଥାଏ । ଯେଉଁଥିପାଇଁ ଏହାକୁ ମଣିମାନଙ୍କ ଘାଟୀ କୁହାଯାଏ । ସପ୍ତଦଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଲଦାଖ୍ ସାମ୍ରାଜ୍ୟରୁ ଅଲଗା ହେବା ପରେ ଲାହୋର କୁଲ୍ଲୁର ମୁଖିଆଙ୍କ ହାତକୁ ଚାଲି ଆସିଲା । ୧୮୪୦ ମସିହାରେ ମହାରାଜା ରଣଜିତ୍ ସିଂହ ଲାହୋଲ ଓ କୁଲ୍ଲୁକୁ ଜିତି ତାଙ୍କ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ ଓ ୧୮୪୬ ମସିହା ପର୍ଯ୍ୟନ୍ତ ଏହା ଉପରେ ତାଙ୍କର କର୍ତ୍ତୃତ୍ୱ ଜାହାରି କରିଥିଲେ । ୧୮୪୬ରୁ ୧୯୪୦ ମସିହା ପର୍ଯ୍ୟନ୍ତ ଏହି ଅଞ୍ଚଳ ବ୍ରିଟିଶ ଶାସନାଧୀନ ରହିଥିଲା । ୧୯୪୧ରେ ଲାହୋର-ସ୍ପିତିକୁ ଏକ ଉପ-ତହସିଲ ରୂପେ ମାନ୍ୟତା ପ୍ରଦାନ କରାଯାଇ କୁଲ୍ଲୁ ମଣ୍ଡଳ ସହିତ ଏହାର ସମ୍ପର୍କ ଯୋଡ଼ି ଦିଆଯାଇଥିଲା । ୧୯୬୦ ମସିହାରେ ତତ୍କାଳୀନ ପଞ୍ଜାବ ସରକାର ଲାହୋଲ-ସ୍ପିତୀକୁ ଏକ ଜିଲ୍ଲାର ମାନ୍ୟତା ପ୍ରଦାନ କରିଥିଲେ ଓ ୧୯୬୬ରେ ପଞ୍ଜାବ ରାଜ୍ୟର ପୁନର୍ଗଠନ ପରେ ଲାହୋର -ସ୍ପିତି ଜିଲ୍ଲା ହିମାଚଳ ପ୍ରଦେଶରେ ମିଶି ଯାଇଥିଲା । ଲାହୋଲ-ସ୍ପିତିକୁ ଯିବାପାଇଁ ଏକ ରାସ୍ତା କୁଲ୍ଲୁ ଜିଲ୍ଲାର ରୋହତାଙ୍ଗ ଦେଇଯାଇଛି । ରୋହତାଙ୍ଗରେ ପହଞ୍ଚିବା ପାଇଁ ପ୍ରଥମେ ମନାଲୀ ଯିବାକୁ ପଡ଼ିଥାଏ, ଯାହା କୁଲ୍ଲୁଠାରୁ ପାଖାପାଖି ୪୦କି.ମି ଆଗରେ ଅବସ୍ଥିତ । ମନାଲୀରୁ ବ୍ୟାସନଦୀ କୂଳେକୂଳେ ଯିବାପରେ ୧୩୦୫୦ଫୁଟ ଉଚ୍ଚରେ ପଡ଼ିଥାଏ ରୋହତାଙ୍ଗ । ସମୁଦାୟ ରାସ୍ତା ପ୍ରାକୃତିକ ଦୃଶ୍ୟରେ ଭରପୁର ଓ ସର୍ପିଳ । ରୋହତାଙ୍ଗ ଲାହୋଲୀ ଭାଷାରେ 'ଲାଶ କା ଘର' ସଂସ୍କୃତ ଭାଷାରେ 'ଭୃତୁତୁଙ୍ଗ୍' ଓ ହିନ୍ଦୀରେ 'ମୌତ କା ନୈଦାନ' ମଧ୍ୟ କୁହାଯାଇଥାଏ । ଯେତେବେଳେ ରୋହତଙ୍ଗ ଉପରେ ମନୁଷ୍ୟର ପାଦପଡ଼େ ସେତେବେଳେ ଏହା ଏକ ଶାନ୍ତ ସରଳ ଜାଗା ବୋଲି ସମସ୍ତେ ଅନୁଭବ କରିଥାନ୍ତି । କାରଣ ମୁନୀଋଷିମାନେ ମଧ୍ୟ ଏହା କହିଯାଇଛନ୍ତି ଏହାର ପରିବେଶକୁ ଲକ୍ଷ୍ୟକରି । ମହର୍ଷି ବେଦ୍ୟାସ ଏଠାରେ ତପସ୍ୟା କରିଥିଲେ ଏବଂ ବିଶ୍ୱର ପ୍ରଥମ ପୁସ୍ତକ 'ବେଦ'ର ରଚନା କରିଥିଲେ । ମହାଭାରତ ସମୟରେ ଅର୍ଜୁନ ମଧ୍ୟ ଏଠାକର ଇନ୍ଦ୍ରକୀଲ ପର୍ବତ ଶୃଙ୍ଗରେ ତପସ୍ୟା କରିଥିଲେ, ଯେଉଁଥିଷର ଭଗବାନ ଶିବ ପ୍ରସନ୍ନ ହୋଇ ତାଙ୍କ ପଶୁପତ୍ ଅସ୍ତ୍ର ପ୍ରଦାନ କରିଥିଲେ । କେବଳ ଏହା ନୁହେଁ ରେହତଙ୍ଗ ପାଣ୍ଡବମାନଙ୍କ ସ୍ୱର୍ଗାରୋହଣର ପଥ ମଧ୍ୟ ରହିଥିଲା । କିଛିଲୋକ କହିଥାନ୍ତି ଯେ, ଶେଷ ଯାତ୍ରା ସମୟରେ ପାଣ୍ଡବ ଓ ଦୌପଦୀ ଏଠାରେ ତାଙ୍କର ଶେଷ ନିଃଶ୍ୱାସ ଛାଡ଼ିଥିଲେ । ପୌରାଣିକ କଥାବସ୍ତୁରେ ଯେଉଁ ବିଶାଳକାୟ ପର୍ବତ, ଇନ୍ଦ୍ରାସନ, ଦେବସ୍ଥଳ ଆଦି ଉଲ୍ଲେଖ ରହିଛି ତାହା ସବୁ ଏହି ସ୍ଥାନ ବୋଲି ବିଶ୍ୱାସ କରାଯାଏ । ରୋହତଙ୍ଗ ଅତିକ୍ରମ କଲେ ଲାହୋର-ସ୍ପିତି ଜିଲ୍ଲା ସୀମା

> ସ୍ପିତି ଘାଟୀକୁ ବରଫର ଘାଟୀ ମଧ୍ୟ କୁହାଯାଏ । କାରଣ ଏଠାରେ ପ୍ରବଳ ମାତ୍ରାରେ ବରଫ ପଡ଼ିଥାଏ । ସମୁଦ୍ର ସ୍ଥଳଠାରୁ ୧୦ ହଜାର ଫୁଟ ଉଚ୍ଚରେ ଅବସ୍ଥିତ 'ତାବୋ' ଗାଁକୁ ବିଶ୍ୱର ସବୁଠାରୁ ପ୍ରଚୀନତମ, ସବୁଠାରୁ ଉଚ୍ଚା ଗାଁ ତଥା ହିମାଳୟର ଅଜନ୍ତା ମଧ୍ୟ କୁହାଯାଇଥାଏ । ଏହି ଗାଁ ସ୍ପିତି ଘାଟୀର ମୁଖ୍ୟ କାର୍ଯ୍ୟାଳୟ କାଜାରୁ ୪୬କି.ମି ଦୂରରେ ଅବସ୍ଥିତ ଏବଂ ଏହାକୁ ବୌଦ୍ଧଧର୍ମର ଏକ ପ୍ରମୁଖ କେନ୍ଦ୍ର ବୋଲି ଗଟନା କରାଯାଇଥାଏ । କୁହାଯାଏ ଏହି ଗାଁ ୯୪୮ରେ ଲାଭା ରିନି-ଛେନ -ଜଙ୍ଗ- ପୋର ସ୍ଥାପନା କରିଥିଲେ ।




©thinkingparticle.com

ଆରମ୍ଭ ହୋଇଥାଏ । ରୋହତଙ୍ଗଠାରୁ ୭କି.ମି ତଳକୁ ଯାତ୍ରା କରିବାପରେ 'ଗ୍ରାମ୍ଫୁ' ନାମକ ଜାଗା ଦେଖିବାକୁ ମିଳିଥାଏ । ଏଠାରୁ ସ୍ପିତି ଘାଟୀ ପାଇଁ ଡାହାଣକୁ ଏବହ ଲାହୋଲ ଘାଟୀ ପାଇଁ ବାମକୁ ରାସ୍ତା ପଡ଼ିଛି । ଏହିଠାରୁ ଯେତେବେଳେ ଲାହୋଲ ଘାଟୀ ଯିବାକୁ ହୁଏ ସେତେବେଳେ ଚନ୍ଦ୍ରାନଦୀ ପଥ ପ୍ରଦର୍ଶକ ହୋଇଥାଏ । ତାଣ୍ଡୀ ନାମକ ଜାଗାରେ କଲୋଙ୍ଗରୁ ଆସିଥିବା 'ଜାଗା' ନାମକ ଅନ୍ୟଏକ ନଦୀ ଏହି ନଦୀ ସହିତ ମିଶିଥାଏ, ଫଳରେ ଏହାନାମ ଏଠାରେ 'ଚନ୍ଦ୍ରଭାଗା' ହୋଇଛି । ଏହି ନଦୀ ସମ୍ବନ୍ଧରେ ମଧ୍ୟ ଏକ ଲୋକକଥା ରହିଛି । ଏହି ଲୋକକଥା ଅନୁସାରେ ଚନ୍ଦ୍ରା ଓ ଭାଗା ଦୁଇପ୍ରେମୀ ଥିଲେ । ଚନ୍ଦ୍ରା ଚନ୍ଦ୍ରଦେବତାଙ୍କ ଝିଅ ଥିଲେ ଓ ଭାଗା ସୂର୍ଯ୍ୟ ଦେବତାଙ୍କ ପୁଅ । ଯେତେବେଳେ ଏମାନଙ୍କ ପ୍ରେମ ଗାଢ଼ ହୋଇଗଲା, ସେମାନେ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଗଲେ । କିନ୍ତୁ ସ୍ୱର୍ଗରେ ରହିଥିବା ଦେବତାମାନେ ଏହି ବିବାହକୁ ବିରୋଧ କରିଥିଲେ । ଏଣୁ ଏହି ଦୁଇପ୍ରେମୀ ମର୍ତ୍ତ୍ୟକୁ ପଳାଇ ଆସି ବିବାହ କରିବା ଲାଗି ନିଷ୍ପତ୍ତି ନେଲେ ଓ ସ୍ୱର୍ଗରେ ଜଳଧାରା ଭାବେ ବୋହିବାକୁ ଲାଗିଲେ । ତାଣ୍ଡୀ ନାମକ ସ୍ଥାନରେ ଦୁଇ ଜଳଧାର ଜଣେ ଅନ୍ୟଜଣଙ୍କ ସହିତ ମିଶି ଯାଇଥିଲେ ଏବଂ ଏହିପରି ଭାବେ ଚନ୍ଦ୍ରା ଭାଗା ମଧ୍ୟରେ ବିବାହ ସମ୍ପ... ହୋଇଥିଲା । ଦୀର୍ଘଯାତ୍ରା ପ... ଯେତେବେଳେ ଏହି ନି... କାଶ୍ମୀରରେ ପହଞ୍ଚିଥି... ସେତେବେଳେ ଏହାର ନା... ପରିବର୍ତ୍ତନ ହୋଇ ଚେନାବ ହୁ... ଓ ପରେ ପାକିସ୍ଥାନ ଯା... ସମୁଦ୍ରରେ ମିଶିଥାଏ ।

ସ୍ପିତି ଘାଟୀକୁ ବରଫର ଘାଟୀ ମ... କୁହାଯାଏ । କାରଣ ଏଠାରେ ପ୍ରବଳ ମାତ୍ରାରେ ବର... ପଡ଼ିଥାଏ । ସମୁଦ୍ର ସ୍ଥଳଠାରୁ ୧... ହଜାର ଫୁଟ ଉଚ୍ଚରେ ଅବସ୍ଥି... 'ତାବୋ' ଗାଁକୁ ବିଶ୍ୱର ସବୁଠା... ପ୍ରଚୀନତମ, ସବୁଠାରୁ ଉଚ୍ଚା ... ତଥା ହିମାଳୟର ଅଜନ୍ତା ମ... କୁହାଯାଇଥାଏ । ଏହି ଗାଁ ସ୍ପି... ଘାଟୀର ମୁଖ୍ୟ କାର୍ଯ୍ୟାଳୟ କାଜା... ୪୬କି.ମି ଦୂରରେ ଅବସ୍ଥିତ ଏ... ଏହାକୁ ବୌଦ୍ଧଧର୍ମର ଏକ ପ୍ରମୁ... କେନ୍ଦ୍ର ବୋଲି ଗଟନା କ... ଯାଇଥାଏ । କୁହାଯାଏ ଏହି ... ୯୪୮ରେ ଲାଭା ରିନି-ଛେନ -ଜ... ପୋର ସ୍ଥାପନା କରିଥିଲେ । ଗାଁ... ଉଚ୍ଚ ପାହାଡ଼ରେ ଅବସ୍ଥିତ ଗୁମ୍ଫା... ପ୍ରାଚୀନ ଭିତ୍ତିଚିତ୍ର ରହିଛି... ସୁରଜଲାଲ, ଚନ୍ଦ୍ରତାଲ, ମନୟ... ଛୋହ ଓ ଢ଼ଙ୍କର ଛୋହ ଲାହୋଲ ସ୍ପିତିର ପ୍ରମୁଖ ୪ଟି ଝରଣା ରହିଛି... ଏହି ଝରଣା ଗୁଡ଼ିକର ସୌନ୍ଦ... ବେଶ୍ ମନୋରମ । ତେଣୁ ଏହିପ... ଏକ ପ୍ରାକୃତିକ ଦୃଶ୍ୟରାଜିଘେ... ଅଞ୍ଚଳ ଯେକୌଣସି ପର୍ଯ୍ୟଟକ ପା... ଆକର୍ଷଣ ହୋଇଥାଏ ।

## ହେୟାର ଷ୍ଟାଇଲର ଗୁରୁତ୍ୱ



ଆପଣ ବଢ଼ିଆ ପୋଷାକ କିମ୍ବା ଦାମୀ ପୋଷାକ ପିନ୍ଧିଛନ୍ତି, କିନ୍ତୁ ଆପଣଙ୍କ ହେୟାର ଷ୍ଟାଇଲ ଓ ଆକସେସରିଜ୍ ସେହି ପୋଷାକ ସହ ମ୍ୟାଚ୍ କରୁନାହିଁ ତେବେ ସେ ପୋଷାକ ପିନ୍ଧିବା ବେକାର । ଯଦି ଆପଣ ସାଧାରଣ ଓ କମଦାମର ପୋଷାକ ପିନ୍ଧିଛନ୍ତି, କିନ୍ତୁ ଆପଣଙ୍କ ହେୟାର ଷ୍ଟାଇଲ ଓ ଆକ୍ସେସରିଜ ମ୍ୟାଚ କରିଯାଉଛି ସେ ପୋଷାକ ସହ ତେବେ ଆପଣ ସୁନ୍ଦରୀ ଆଉ ଗର୍ଜିୟସ୍ ଦିଶିବେ ।

## ମହିଳାଙ୍କ ଅଧିକାର

- ଯଦି ପୋଲିସ୍ ଅଧିକାରୀ କୌଣସି ମହିଳାଙ୍କର ତଲାସୀ ନେବାକୁ ଚାହୁଁଛନ୍ତି ତେବେ ସେ ମହିଳା ପୋଲିସଙ୍କ ସହାୟତାରେ ତଲାସୀ ନେବେ । ତଲାସୀ ସମୟରେ ସମ୍ପୂର୍ଣ୍ଣ ଶାଳୀନତା ରକ୍ଷା କରାଯିବା ଉଚିତ୍ ।
- ଯଦି କୌଣସି ମହିଳା ଅପରାଧୀଙ୍କର ଡାକ୍ତରୀ ଯାଞ୍ଚ କରିବାର ଅଛି ତେବେ ମହିଳା ଡାକ୍ତର କିମ୍ବା ମହିଳା ଡାକ୍ତରଙ୍କ ଦେଖା ଚାହାଁରେ ଅନ୍ୟକୌଣସି ଡାକ୍ତର ଏହି ଯାଞ୍ଚ କରିପାରିବେ ।
- ଯଦି କୌଣସି ଅପରାଧୀ କାହା ଘରେ ଲୁଚି ରହିଛି ବୋଲି ପୋଲିସ୍ ଜାଣେ ଓ ସେହି ଘରର ମହିଳା ଯଦି ପାରମ୍ପାରିକ ଭାବେ ଖୋଲାଖୋଲି ବାହାରକୁ ନଥାଆନ୍ତି, ତେବେ ପୋଲିସ୍ ସେହି ଘରେ ପ୍ରବେଶ କରିପାରିବେ ନାହିଁ । ସେହି ଘରର କବାଟ ମଧ୍ୟ ସେ ପର୍ଯ୍ୟନ୍ତ ଭାଙ୍ଗି ହେବ ନାହିଁ ଯେ ପର୍ଯ୍ୟନ୍ତ ସେହି ଘରର ମହିଳାଙ୍କୁ ଅନ୍ୟତ୍ର ଚାଲିଯିବାର ସୂଚନା ଦିଆଯାଇଛି ।
- କୌଣସି ମାମଲାରେ ସାକ୍ଷୀର ବୟସ ଯଦି ୧୫ବର୍ଷରୁ କମ୍ କିମ୍ବା ସାକ୍ଷୀ ଯଦି ବାଳିକା ବା ମହିଳା ହୋଇଥାଆନ୍ତି, ତେବେ ପୋଲିସ୍ ଅଧିକାରୀ ତାଙ୍କ ଘରକୁ ଯାଇ ପଚରାଉଚରା କରିବେ । ଏହି ଭଳି ସାକ୍ଷୀଙ୍କୁ ଥାନାକୁ ଆସିବା ପାଇଁ ବାଧ କରାଯାଇ ପାରିବ ନାହିଁ ।

## ଗ୍ୟାଷ୍ଟ୍ରିକ୍ ସମସ୍ୟା

ଆଜିକାଲି ଅଧିକାଂଶ ବ୍ୟକ୍ତିବିଶେଷଙ୍କର ପେଟ କାଟିବା, ତଳିପେଟ ବିନ୍ଧିବା, ପେଟ ଜଳାପୋଡ଼ା ହେବାର ସମସ୍ୟା ଇତ୍ୟାଦି ଦେଖା ଦେଲେ ଆମ୍ଭେ ଏହି ଲକ୍ଷଣ ଗୁଡ଼ିକୁ ସାଧାରଣତଃ ଗ୍ୟାସ୍ ହୋଇଗଲା ବୋଲି ମାନି ନେଉ । ଏହା ହିଁ ସତ୍ୟ ଯାହାକୁ ଆମ୍ଭେ ରହିପାରିଥାଏ । ତେବେ ଏହାର ତୁରନ୍ତ ନିଦାନ ଏବଂ ଉପଚାର କରାନଗଲେ ପରବର୍ତ୍ତୀ ସମୟରେ ଏହା ପେପଟିକ ଅଲସର, ପରିଶେଷରେ ମହାମାରୀ କ୍ୟାନସର ରୂପ ନେଇଥାଏ । କେବଳ ବୟସ୍କମାନେ ନୁହନ୍ତି ବିଶେଷକରି ଯୁବବର୍ଗମାନେ ଏଥିରେ ଆକ୍ରାନ୍ତ ହେଉଛନ୍ତି । ଏଥିପାଇଁ ଦାୟୀ ହେଲା-

- ଅନିୟମିତ ଆହାର (ଠିକ୍ ସମୟରେ ନ ଖାଇବା)
- ବାରମ୍ବାର ଖାଲିପେଟରେ ରହିବା
- ସହରୀକରଣରେ ନିଜର ଜୀବନଶୈଳୀ ଏବଂ ଅତ୍ୟଧିକ ମସଲା, ତେଲଯୁକ୍ତ ଆହାର ସେବନ ମଦ୍ୟପାନ ଇତ୍ୟାଦି ।
- ଆହୁରି ମଧ୍ୟ ଚର୍ବି ଜାତୀୟ ଖାଦ୍ୟମାନଙ୍କରୁ ଫାଷ୍ଟଫୁଡ୍ ଖାଦ୍ୟ, ଦୀର୍ଘଦିନ ଧରି ଯନ୍ତ୍ରଣା ନିବାରକ ଔଷଧ ଖାଇବା ଫଳରେ ମଧ୍ୟ ଏହି ସମସ୍ୟା ସୃଟ୍ଟି ହୋଇଥାଏ । ଏତଦବ୍ୟତୀତ ହେଲିକୋବ୍ୟକ୍ଟର ପାଇରୋଲି ସଂକ୍ରମଣ ମଧ୍ୟ ଦାୟୀ । ଏହି ଜୀବାଣୁ ଗୁଡ଼ିକ ପାକସ୍ଥଳୀକୁ ଘେରି ରହିଥିବା ଲାଳକୁ ଦୁର୍ବଳ କରିଦିଏ । ଫଳରେ ଗ୍ୟାଷ୍ଟ୍ରୋ ଇଣ୍ଟେଷ୍ଟିନାଲ ଲାଇନିଂ ଦ୍ୱାରା ତିଆରି ହେଉଥିବା ଅମ୍ଳ ପାକସ୍ଥଳୀ କାନ୍ଥକୁ ଚାଲିଯାଏ । ଏଚ ପାଇରୋଲି ଏବଂ ଏହି ଅମ୍ଳ ମିଶି ଗ୍ୟାଷ୍ଟ୍ରିକ୍ ସମସ୍ୟା ସୃଷ୍ଟି କରିଥାନ୍ତି । ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଦୂଷିତ ପାଣି ମଧ୍ୟ ଏହି ଏଚ୍ ପାଇରୋଲି ସଂକ୍ରମଣ ପାଇଁ ଦାୟୀ ।

### ଲକ୍ଷଣ ଏବଂ ନିରାକରଣ


**ଗ୍ୟାଷ୍ଟ୍ରିକ୍ ସମସ୍ୟା ଥିଲେ ପେଟ ବ୍ୟଥା ଏବଂ ଏହା ଦୀର୍ଘଦିନ ଧରି ଲାଗିରହେ । ଖାଦ୍ୟ ଖାଇବାର ୨/୩ଘଣ୍ଟା ପରେ ପେଟ ଯନ୍ତ୍ରଣା ଆରମ୍ଭ ହୁଏ । ଅଧରାତ୍ରରେ ମଧ୍ୟ ପେଟ ଖାଲି ହୋଇଗଲେ- ଯନ୍ତ୍ରଣା ହୋଇଥାଏ ।**

- ନିୟମିତ ଖାଇବା (ଠିକ୍ ସମୟରେ) ଏବଂ ବିଶ୍ରାମ ନେବା ଆବଶ୍ୟକ ।
- କୋଷ୍ଠ କାଠିନ୍ୟ ସମସ୍ୟା ଥିଲେ ତୁରନ୍ତ ଏହାର ଆଶୁ ଚିକିତ୍ସା କରାଇନେବା ଆବଶ୍ୟକ ।
- ପ୍ରତିଦିନ ପ୍ରଚୁର ପାଣି ପିଅନ୍ତୁ, ଆବଶ୍ୟକ ସ୍ଥଳେ ପଇଡ, ଆଖୁରସ, ଜୁସ୍, ତରଭୁଜ, ଆଇସ୍କ୍ରିମ୍ ଖାଇଲେ ଏହା ଗ୍ୟାଷ୍ଟ୍ରିକ୍ ସମସ୍ୟାରୁ ଆରମ ଦେଇଥାଏ ।
- ବାହାର ପାଣି ପିଇବା ପାଇଁ ସତର୍କ ରୁହନ୍ତୁ ।
- ମସଲା ଯୁକ୍ତ ଖାଦ୍ୟ, ପାନ ମସଲା, ଧୂମପାନ, ମଦ୍ୟପାନ ଠାରୁ ଦୂରେଇ ରୁହନ୍ତୁ ।
- ଦୀର୍ଘଦିନ ଧରି କୌଣସି ପେନକିଲର ଖାଇବା ଉଚିତ୍ ନୁହେଁ ।
- ବାରମ୍ବାର, ଚା, କଫି ଏବଂ ମସଲାଯୁକ୍ତ ଖାଇବା ଅଭ୍ୟାସ କମାଇବା ଆବଶ୍ୟକ ।
- ଗ୍ୟାଷ୍ଟ୍ରୋଇଟିସ୍ ସମସ୍ୟା ଥିବା ବ୍ୟକ୍ତି ହେୟଜ୍ଞାନ ନକରି ବିଜ୍ଞ ଡାକ୍ତରଙ୍କର ପରାମର୍ଶରେ ନିୟମିତ ଔଷଧ ଖାଇବା ସଙ୍ଗେସଙ୍ଗେ ଜୀବନଶୈଳୀ ପରିବର୍ତ୍ତନ କରି ଚଳିଲେ, ଏହି ରୋଗରୁ ମୁକ୍ତି ପାଇପାରିବେ ।









## ସ୍ୱଚ୍ଛତାର ଦୂତ ରାଜାରାମ

ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରି ଜିଲ୍ଲାରେ ଥିବା ବସ୍ତୋଲି... ଗ୍ରାମର ୩୬ ବର୍ଷୀୟ ରାଜାରାମଙ୍କୁ ସେଠାକାର ଲୋକ 'ସ୍ୱଚ୍ଛତା ଦୂତ' କୁହନ୍ତି । କିଏ ପରିବେଶ ଅପରିଷ୍କାର କରୁଥିବା ଦେଖିଲେ ବା ଖୋଲା ପଡ଼ିଆରେ ଶୌଚ କରିଥିବା ଦେଖିଲେ ସେ ହ୍ୱିସିଲ ବଜାଇଥାନ୍ତି । ଏଥିପାଇଁ ସେ କୌଣସି ପାରିଶ୍ରମିକ ନେଇନଥାନ୍ତି ଏବଂ ଦିନରାତି ସବୁବେଳେ ଗ୍ରାମର ସ୍ୱଚ୍ଛତା ତଦାରଖ ପାଇଁ ଘୁରିବୁଲୁଥାନ୍ତି । ୨୦୧୪ରେ ଗ୍ରାମରେ ସ୍ୱଚ୍ଛତା ଆଣିବା ପାଇଁ ପାଞ୍ଚାୟତିରାଜ ବିଭାଗ ପକ୍ଷରୁ ଖୋଲା ପଡ଼ିଆରେ ଶୌଚ ନକରିବା ପାଇଁ ଅଭିଯାନ ଆରମ୍ଭ ହୋଇଥିଲା । ଏଥିପାଇଁ ସରକାରୀ ଲୋକମାନେ ଗ୍ରାମ ଗ୍ରାମ ବୁଲି ବାହାରେ ଶୌଚ ନକରିବା ପାଇଁ ବୁଝାଇଥିଲେ । ଲୋକମାନେ ସକାଳ ଏବଂ ନକରିବା ପାଇଁ ବୁଝାଇଥିଲେ । ଲୋକମାନେ ସକାଳ ଏବଂ ସନ୍ଧ୍ୟା ସମୟରେ ବୁଲି ବୁଲି ଏହାର ପ୍ରଚାର କରିଥାନ୍ତି । ଏଥିରେ ରାଜାରାମ ଏତେ ମାତ୍ରାରେ ପ୍ରଭାବିତ ହୋଇଥିଲେ ଯେ, ସେ ସରକାରୀ ଲୋକଙ୍କ ସହ ମିଶି ପ୍ରଚାର କାର୍ଯ୍ୟ କରିଥାନ୍ତି ଏବଂ ସେମାନେ ଗଲାପରେ ରାଜାରାମ ତାଙ୍କ ଗ୍ରାମର ସ୍ୱଚ୍ଛତା ଭାର ଗ୍ରହଣ କରିଥିଲେ । ରାଜାରାମଙ୍କ ଏହି କାମରେ ଗ୍ରାମର ମୁଖିଆ ଅନିଲ ଦୀକ୍ଷିତ ତାଙ୍କୁ ସହଯୋଗ କରିବା ସହ ଏକ ଜାକେଟ୍ ଦେଇଛନ୍ତି । ବର୍ତ୍ତମାନ ରାଜାରାମ ଏହି ଜାକେଟ୍ ପିନ୍ଧି ବୁଲିବୁଲି ଗ୍ରାମର ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେଉଛନ୍ତି ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୨୮ ଡିସେମ୍ବର ୨୦୨୧, ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନୂଆ ନକ୍ସା...

ଛଅମାସ ପାଖାପାଖି ହେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାମ୍ମୁ-କାଶ୍ମୀରର ରାଜନୀତିକ ଦଳଗୁଡ଼ିକର ନେତାମାନଙ୍କୁ କହିଥିଲେ ଯେ ସେସ 'ଦିଲ୍ କୀ ଦୂରୀ' ଏବଂ 'ଦିଲ୍ଲୀ କୀ ଦୂରୀ' ହଟାଇବାକୁ ଚାହାନ୍ତି, ଅର୍ଥାତ ଜାମ୍ମୁ-କାଶ୍ମୀର ଅଂଚଳର ଲୋକମାନଙ୍କ ହୃଦୟରେ ଦିଲ୍ଲୀ ପ୍ରତି ଯେଉଁ ମନୋଭାବ ରହିଛି, ତାକୁ ସେ ଦୂର କରି ଦେବାକୁ ଚାହାନ୍ତି । କିନ୍ତୁ ମୋଦୀ ସରକାରଙ୍କ ଦ୍ୱାରା ନିଯୁକ୍ତ ସୀମାଙ୍କନ କମିଶନ/ ଡିଲିମେଟସନ୍ କମିଶନ କିଛି ଭିନ୍ନ କଥା ଚିନ୍ତା କରିଥିବା ଜଣାପଡ଼ିଛି । ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ରଂଜନା ଦେଶାଇଙ୍କ ନେତୃତ୍ୱରେ ଗଠିତ ଏହି କମିଶନ ଜାମ୍ମୁ-କାଶ୍ମୀର ବିଧାନସଭାରେ ସାତଗୋଟି ନୂଆ ଆସନ ଯୋଡ଼ିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ଏହି ସାତଟି ଆସନରୁ ଛଅଟି ଜାମ୍ମୁରେ ଏବଂ କାଶ୍ମୀରରେ ଗୋଟିଏ ଆସନ ଯୋଡ଼ିବା ପାଇଁ ପ୍ରସ୍ତାବ ଦେଇଛନ୍ତି । ଏହି ସାତଟି ଆନରୁ ଛଅଟି ଜାମ୍ମୁରେ ଏବଂ କାଶ୍ମୀରରେ ଗୋଟିଏ ଆସନ ସମ୍ପ୍ରତି ରହିଥିବା ଆସନ ସଂଖ୍ୟା ସହିତ ମିଶ୍ରଣ କରାଯିବ । ଫଳରେ ଜାମ୍ମୁରେ ଆସନ ସଂଖ୍ୟା ୩୭ରୁ ୪୩କୁ ଏବଂ କାଶ୍ମୀରରେ ୪୬ରୁ ୪୭କୁ ବୃଦ୍ଧି ପାଇବ । କମିଶନରଙ୍କର ଏହି କାର୍ଯ୍ୟ ଉପତ୍ୟକାର ନ୍ୟାସନାଲ କନ୍‌ଫରେନ୍ସ, ପିପଲସ୍ ଡେମୋକ୍ରାଟିକ ପାର୍ଟି ଏବଂ ଜାମ୍ମୁ ଓ କାଶ୍ମୀର ପିପିଲ୍ କନଫରେନ୍ସ ସମେତ ସବୁ ପ୍ରମୁଖ ରାଜନୀତିକ ଦଳଙ୍କୁ ଏହାର ତୀବ୍ର ସମାଲୋଚନା କରିବାକୁ ଖୋରାକ ଯୋଗାଇଛି । ପ୍ରତିବାଦର ମୂଳରେ ରହିଛି ଜାମ୍ମୁ ଅଂଚଳକୁ ରାଜନୀତିକ କ୍ଷମତାର ସ୍ଥାନାନ୍ତରଣକୁ ନେଇ ଆଶଙ୍କା । ସମ୍ପ୍ରତି କମିଶନ ଯେଉଁ ରାଜନୀତିକ ନକ୍ସାଟି ଅଙ୍କନ କରିଛନ୍ତି, ତାହା ସମ୍ପୂର୍ଣ୍ଣ ଭାବରେ ଜନସଂଖ୍ୟାର ଅବସ୍ଥିତି ଅନୁସାରେ କରାଯାଇନାହିଁ । ବରଂ ଏହି ଅତିରିକ୍ତ ନିର୍ବାଚନ୍ ମଣ୍ଡଳୀଗୁଡ଼ିକ ଯୋଗାଯୋଗର ପର୍ଯ୍ୟାପ୍ତହୀନତା ଏବଂ ଅତ୍ୟଧିକ ଦୂରତା ବା ଆନ୍ତର୍ଜାତିକ ସୀମାରେ ଅବସ୍ଥିତ ହୋଇଥିବାରୁ ସେହି ଅଂଚଳଗୁଡ଼ିକର ପ୍ରତିକୂଳ ଅବସ୍ଥା ଯୋଗୁଁ ଜନସାଧାରଣ ଓ ସରକାରୀ କଳର ଅସୁବିଧାଗୁଡ଼ିକ ଆଧାରରେ ମଧ୍ୟ ଗଠନ କରିବା ନିମନ୍ତେ ପ୍ରସ୍ତାବ ଦିଆଯାଇଛି । ପୂର୍ବରୁ କେତେକ ଘଟଣା ସମୟରେ ହୁଏତ ଏଭଳି କାର୍ଯ୍ୟ କରାଯାଇ ପାରିଥାନ୍ତା, କିନ୍ତୁ ବର୍ତ୍ତମାନର ପରିସ୍ଥିତିକୁ ଯାହା ବିଶେଷତା ପ୍ରଦାନ କରିଛି, ତାହା ହେଉଛି-ମୁସଲମାନ ବହୁଳ ଅଂଚଳରୁ ହିନ୍ଦୁ ବହୁଳ ଅଂଚଳକୁ ରାଜନୀତିକ କ୍ଷମତାର ସ୍ଥାନାନ୍ତରଣ ଏବଂ ଏହା ହେବାକୁ ଯାଉଛି ୨୦୧୯ ଜାମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କରୁଥିବା ଧାରା ୩୭୦କୁ ହଟାଇ ଦିଆଯାଇ ଏହାକୁ ଦୁଇଗୋଟି ପୃଥକ୍ କେନ୍ଦ୍ରଶାସିତ ଅଂଚଳରେ ପରିଣତ କରି ଦିଆଯିବା ପରେ । ସୂଚନାଯୋଗ୍ୟ ଯେ ଉପରୋକ୍ତ କମିଶନ ଜାମ୍ମୁ ଏବଂ କାଶ୍ମୀର ପୁନର୍ଗଠନ ଆଇନ, ୨୦୧୯ର ପଂଚମ ଅଂଶ ଅଧୀନରେ ରହିଥିବା ସଂସଦୀୟ ଆଇନର ବ୍ୟବସ୍ଥା ଅନୁସାରେ ୨୦୨୦, ମାର୍ଚ୍ଚ ୬ ତାରିଖରେ ଗଠନ କରାଯାଇଥିଲା । ବିଭାଜନ ପୂର୍ବରୁ ଦୁଇ କେନ୍ଦ୍ରଶାସିତ ଅଂଚଳର ଥିବା ମୋଟ ୮୩ ସଦସ୍ୟବିଶିଷ୍ଟ ବ୍ୟବସ୍ଥାପିକା ସଭାର ପୁନରାଙ୍କନ ତଥା ସୀମାଙ୍କନ କରି ଏହି ଆସନ ସଂଖ୍ୟାରେ ସାତଗୋଟି ଅତିରିକ୍ତ ଆସନ ମିଶାଇବାକୁ ଅନିବାର୍ଯ୍ୟ କରାଯାଇଥିଲା ।

ଯେ କୌଣସି ପ୍ରକାରରର ସୀମାଙ୍କନ କାର୍ଯ୍ୟର ଉଦ୍ଦେଶ୍ୟ ହେଉଛି ଯେତେଦୂର ସମ୍ଭବ, ପ୍ରତି ଭୋଟର ସମାନ ମୂଲ୍ୟ ରହିବ । କିନ୍ତୁ ଉପଲବ୍ଧ ସର୍ବଶେଷ ଜନସାଂଖ୍ୟିକ ତଥ୍ୟ ଅନୁସାରେ ଦେଖିଲେ ୨୦୧୧ଠାରୁ ଜାମ୍ମୁ ନିମନ୍ତେ ୪୩ଟି ଆସନରେ ନିର୍ବାଚନ ମଣ୍ଡଳୀ ପିଛା ୧,୨୫,୦୦୦ କମ୍ ଜନସଂଖ୍ୟା ରହିବ । ଅପରପକ୍ଷରେ କାଶ୍ମୀରରେ ୪୭ଟି ଯାକ ଆସନରେ ରହିବ ନିର୍ବାଚନ ମଣ୍ଡଳୀ ପିଛା ୧,୪୬,୦୦୦ ଜନସଂଖ୍ୟା । ଉଭୟ ଜାମ୍ମୁ ଏବଂ କାଶ୍ମୀରରେ ବହୁ ଦୂର ଦୂରାନ୍ତ ଏବଂ ଦୁର୍ଗମ ଅଂଚଳ ରହିଛି, ଯେଉଁସବୁରେ ସୁବିଧାରେ ପହଂଚିବା କଦାଚିତ୍ ସମ୍ଭବପର । ଏହି ଅଂଚଳଗୁଡ଼ିକ ମଧ୍ୟ ଯୋଗାଯାଗ ଏବଂ ସଂଯୋଗ ଦୃଷ୍ଟିରୁ ଉଭୟ କେନ୍ଦ୍ରଶାସିତ ଅଂଚଳକୁ ପଙ୍ଗୁ କରିଦେବାରେ ଭୂମିକା ଗ୍ରହଣ କରିଥାଏ । ତେଣୁ ଜାମ୍ମୁରେ ଏକତରଫା ଭାବରେ ଆସନ ସଂଖ୍ୟାକୁ ଅଧିକ ବୃଦ୍ଧି କରିବାକୁ ଏହା କୌଣସି ମତେ ଯଥାର୍ଥ ସାବ୍ୟସ୍ତ କରୁନାହିଁ । ଜାମ୍ମୁ-କାଶ୍ମୀରରେ ଯେଉଳି ଭାବରେ ସଂକୀର୍ଣ୍ଣ ପକ୍ଷପାତିତାର ରାଜନୀତିକ ଖେଳ ଖେଳାଯାଉଛି, ତାହା ଭାରତର ଅନ୍ୟ କୌଣସି ରାଜ୍ୟରେ କ୍ୱଚିତ୍ ଦେଖିବାକୁ ମିଳୁଛି ।

# ଭକ୍ତ କବି ମଧୁସୂଦନ ରାଓ



### ଅକ୍ଷୟ କୁମାର ରାଉତ



ଦିଗ୍‌ବଳୟର ମଧ୍ୟବିନ୍ଦୁରେ ଦଣ୍ଡାୟମାନ ମଣିଷ ଦେଖେ ଅନନ୍ତ ପ୍ରକୃତିର ବୈଚିତ୍ର୍ୟ ସମ୍ଭାର । ସେହି ବୈଚିତ୍ର୍ୟ ସୌନ୍ଦର୍ଯ୍ୟ ମଧ୍ୟରେ ଦେଖେ ପରିବର୍ତ୍ତନ । ତାହାର ଚିତ୍ତ ପଟରେ ଫୁଟିଉଠେ ଅସଂଖ୍ୟ ଅନାବନା ଭାବନା । ଦିଗ୍‌ବଳୟର ପରିଧି ଅତିକ୍ରମ କରି ତାର କଳ୍ପନା ଛୁଟି ଯାଏ ଧରିତ୍ରୀରୁ ଆକାଶ । ସୃଷ୍ଟି ରହସ୍ୟର ପ୍ରତ୍ୟେକଟି ପାହାଚ ଅନ୍ୱେଷଣ ତାର ଭାବନାରେ । ଭାବନା ପାଲଟି ଯାଏ ଭାବ ଭକ୍ତିରେ ସେହି ଭକ୍ତି ଭାବନାର କବି ମଧୁସୂଦନ ରାଓ ୧୮୫୩ ମସିହା ଶ୍ରୀ ପଞ୍ଚମୀ ଜାନୁଆରୀ ୨୯ ତାରିଖ ଦିନ ପୁରୀ କୁଣ୍ଢେଇବେଣ୍ଟ ସାହିର ଭାଗୀରଥି ରାଓ ଓ ଅମ୍ବିକା ବାଈଙ୍କ କୋଳମଣ୍ଡନ କରିଥିଲେ । ମଧୁସୂଦନ ଥିଲେ ମରହଟ୍ଟା ବଂଶଜ । ଇଂରେଜମାନେ ଆସିବା ପୂର୍ବରୁ ମରହଟ୍ଟାମାନେ କରୁଥିଲେ ରାଜୁତି । ସେହି ମରହଟ୍ଟମାନଙ୍କ ମଧ୍ୟରୁ ସଦାଶିବ ରାଓ ଆଉ ତାଙ୍କ ରାଜ୍ୟକୁ ନଫେରି ରହିଗଲେ ସବୁଦିନ ପାଇଁ ପୁରୀରେ । ସେ ଥିଲେ ମଧୁସୂଦନଙ୍କ ଅଜା । ପିତା ଭାଗୀରଥି ରାଓ ଓ ମାତା ଅମ୍ବିକା ବାଈ ଥିଲେ ଈଶ୍ୱର ବିଶ୍ୱାସୀ, ଧାର୍ମିକ ଓ ଆଦର୍ଶ ଦମ୍ପତି । ମଧୁସୂଦନ ତାଙ୍କ ଜନ୍ମ ତିଥିକୁ କବିତାରେ କୁହନ୍ତି -

"ମଧୁ ଜନ୍ମ ତିଥି
ମଧୁମୟୀ ଶ୍ରୀପଞ୍ଚମୀ
ଯାର ଆଗମନେ ଜାଣେ
ଧରଣୀ ଉଲ୍ଲାସେ
ଶତ ପୁଷ୍ପ ବିକଶଇ ବିଶ୍ୱ
ପ୍ରାଣ ରମି
ବହଇ ମଳୟ, ଗାଏ
କୋକିଳ ଉଚ୍ଛ୍ୱାସେ"

ଭାଗୀରଥି ରାଓ ପାଠ ପଢିଥିଲେ ଅଳ୍ପ । ତେଣୁ ସେ ଗୋଟିଏ ପୁଲିସ୍ ଚାକିରି କରୁଥିଲେ । ଯାହା ଦରମା ପାଉଥିଲେ ସେଥିରେ ତାଙ୍କ ସଂସାର କଷ୍ଟେମଷ୍ଟେ ଚଳିଯାଉଥିଲା । ମଧୁସୂଦନଙ୍କର ଜନ୍ମ ହେବାର ଅଢେଇ ବର୍ଷ ପରେ ତାଙ୍କର ଗୋଟିଏ ସାନ ଭାଇ ହେଲା, ତାର ନାମ 'ଜଗନ୍ନାଥ' । ମଧୁସୂଦନଙ୍କୁ ପାଞ୍ଚ ବର୍ଷ ସମୟରେ ମା ଅମ୍ବିକା ଦେବୀ ଏକ କନ୍ୟା ସନ୍ତାନ ଜନ୍ମ ଦେଇ ଅନ୍ତୁଡିଶାଳରେ ଆଖି ବୁଜିଦେଲେ । ପରେ କନ୍ୟାଟିର ମୃତ୍ୟୁ ଘଟିଲା । ଅମ୍ବିକା ଦେବୀ ମରିବା ଆଗରୁ ସ୍ୱାମୀଙ୍କୁ ପାଖକୁ ଡାକି କହିଥିଲେ ପୁଅ ଦୁଇଟିଙ୍କୁ ମାମୁଁଙ୍କ ପାଖରେ ଛାଡିଦେଇ ଆସିବ । ମାମୁଁ ମାଇ ତାଙ୍କୁ ପାଳିବେ । ଭାଗୀରଥି ରାଓ ଜମାଦାର ଭାବରେ ପୁରୀ ଅଠରନଳାଠାରେ କାର୍ଯ୍ୟରେ ଯୋଗଦେଲେ । କିଛି ଦିନ ପରେ ତାଙ୍କର ଗୋପ ଥାନାକୁ ବଦଳି ହେଲା । ଦିନେ ତାଙ୍କ ସ୍ତ୍ରୀ ସ୍ୱପ୍ନରେ ଦେଖାଦେଇ କହିଲେ ମାମୁଁ ଘରେ ମା'ଛେଉଣ୍ଡ ପିଲା ଦୁଇଟି ବଡ ହୀନସ୍ତା ହେଉଛନ୍ତି । ତା ପରଦିନ ଭାଗୀରଥି ରାଓ ପିଲା ଦୁହିଁଙ୍କର ଅବସ୍ଥା ଦେଖି ସ୍ୱପ୍ନ କଥା ସତ ମଣିଲେ । ତେଣୁ ପିଲା ଦୁଇଟିଙ୍କୁ ଆଣି ନିଜ ପାଖରେ ରଖିଲେ । ମାତୃହରା ପିଲା ଦୁଇଟି ଭାଗୀରଥିଙ୍କ ଠାରୁ ପିତୃମାତୃ ସ୍ନେହ ଲାଭ କଲେ । ବର୍ତ୍ତମାନ ଭାଗୀରଥି ହିଁ ହେଲେ ମା ଓ ବାପା । ସକାଳୁ ଅଫିସ୍ ସମୟ ଯାଏ ସେମାନେ ବାପାଙ୍କ ପାଖରେ ଘରେ ରୁହନ୍ତି । ବାପା ଥାନାକୁ ଗଲେ ସେମାନେ ମଧ ଥାନାକୁ ଆସନ୍ତି । ଥାନା ବାରଣ୍ଡାରେ ଜଗନ୍ନାଥଙ୍କୁ ଧରି ମଧୁସୂଦନ ଖେଳାନ୍ତି । ମଧୁସୂଦନ ଦାନ, ଧ୍ୟାନ, ଈଶ୍ୱର ଭକ୍ତି, ବିନୟ, ସତ୍ୟ, ଧୈର୍ଯ୍ୟ ଓ ସହିଷ୍ଣୁତା ଆଦି ଗୁଣରେ ପରିପୂର୍ଣ୍ଣ । ଗୋପ ଥାନାକୁ ଲାଗି ଗୋଟିଏ ଚାଟଶାଳୀ ଥାଏ । ପିଲା ଦୁଇଟି ସେହି ଚାଟଶାଳୀରେ ଅବଧାନଙ୍କ ପାଖରେ ପାଠ ପଢିଲେ । ମଧୁସୂଦନ ଜଣେ ଭଲ ଛାତ୍ର ହେବାର ଗୁଣ ପିଲାଦିନୁ ଜଣା ପଡିଥିଲା । ସେ ଲିଖନ, ପଠନ ସହିତ ସାହିତ୍ୟ ଓ ଅଙ୍କ ପ୍ରଭୃତ ପାଠ ପଢୁଥିଲେ । ଚାଟଶାଳୀ ପାଠ ଶେଷ ବେଳକୁ ଭାଗୀରଥି ବାବୁଙ୍କର ଗୋପ ଥାନାରୁ ଭୁବନେଶ୍ୱର ଥାନାକୁ ବଦଳି ହେଲା । ତେଣୁ ମଧୁସୂଦନ ସରକାରୀ ମାଇନର ସ୍କୁଲରେ ନାମ ଲେଖାଇ ପାଠ ପଢିଲେ । ବଙ୍ଗାଳୀମାନଙ୍କର ପ୍ରଭାବ ଯୋଗୁ ଓଡିଶାର ବିଦ୍ୟାଳୟମାନଙ୍କରେ ବଙ୍ଗଳା ଭାଷାରେ ପାଠ ପଢୁଥିଲେ । ଶ୍ରେଣୀରେ ସେ ପ୍ରତିବର୍ଷ ପ୍ରଥମ ସ୍ଥାନ ଅଧିକାର କରୁଥିଲେ । ମଧୁସୂଦନଙ୍କ ସରଳ ସୁନ୍ଦର ବ୍ୟବହାର ଓ ମଧୁର ବଚନରେ ସମସ୍ତେ ଅତି ଆପଣାର ହୋଇପଡୁଥିଲେ ।

ଓଡିଶାର ସ୍କୁଲ ବିଭାଗୀୟ ଇନ୍‌ସପେକ୍ଟର ଥିଲେ ଉଡ୍ରୋ ସାହେବ । ସେ ଖଣ୍ଡଗିରି ଦେଖିବା ପାଇଁ ଆସିଲେ । ଆସୁଛନ୍ତି ଯେତେବେଳେ ଭୁବନେଶ୍ୱର ସ୍କୁଲକୁ ମଧ ପରିଦର୍ଶନରେ ଗଲେ । ପାଠ ପଚରା ପଚରି ସମୟରେ ମଧୁସୂଦନଙ୍କର ସୁନ୍ଦର କତାବାର୍ତ୍ତା ଓ ବିଦ୍ୟାଗୁଣର ଅନୁରାଗ ଦେଖି ଉଡ୍ରୋ ସାହେବ ପ୍ରୀତ ହୋଇଗଲେ । ତାଙ୍କର ରହିବା ପାଇଁ ମଧ ଭାଗୀରଥି ବାବୁଙ୍କ ଘରେ ବ୍ୟବସ୍ଥା ହୋଇଥିଲା । ତେଣୁ ସାହେବ ତାଙ୍କୁ କହିଥିଲେ ତୁମ ପୁଅ ଦିନେ ଓଡିଶାର ନାଁ ରଖିବ । ଇନ୍‌ସପେକ୍ଟର ସାହେବ ମଧୁସୂଦନଙ୍କୁ ବିନା ଦରମାରେ ପୁରୀ ଜିଲ୍ଲା ହାଇସ୍କୁଲରେ ପାଠପଢ଼ିବା ପାଇଁ ଏକ ସୁପାରିସ ପତ୍ର ଲେଖି ଦେଇଥିଲେ । ସେଥିପାଇଁ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ପାଠ ପଢ଼ିପାରିଲେ । ସେ ପାଠପଢ଼ାରେ ଭଲ କରିବାରୁ ଗୋଟିଏ ବରଷରେ ଦୁଇ ଶ୍ରେଣୀ ଉପରକୁ ଉଠିଗଲେ । ପ୍ରଧାନଶିକ୍ଷକ ଜନ୍ ବକ୍‌ସଓୟେଲ ମେଧାବୀ ଚରିତ୍ରବାନ୍ ମଧୁସୂଦନଙ୍କୁ ଭାରି ଭଲ ପାଉଥିଲେ । ଗରିବ ପିଲା ହିସାବରେ ସେ ତାଙ୍କୁ ସାହାଯ୍ୟ କରୁଥିଲେ । ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ, ଜିଲ୍ଲା ସ୍କୁଲ ପିଲାଙ୍କୁ ଅଧିକ ଉତ୍ସାହିତ କରିବାକୁ ପ୍ରତିବର୍ଷ ୨୦ ଟି ପ୍ରଶ୍ନ ଦେଉଥିଲେ । ପ୍ରତ୍ୟେକ ପ୍ରଶ୍ନକୁ ୫ ଟଙ୍କା ହିସାବରେ ୧୦୦ ଟଙ୍କା ପୁରସ୍କାର ଦିଆଯାଉଥିଲା । ମଧୁସୂଦନ ଲାଗ ଲାଗ ତିନିବର୍ଷ ଏହି ପୁରସ୍କାର ପାଇଁ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ । ମଧୁସୂଦନ ୧୧ ବର୍ଷ ବୟସରେ ପଦ୍ମାବାଈ ନାମକ ଜଣେ ନଅ ବର୍ଷ ବୟସର ବାଳିକାକୁ ବିବାହ କରିଥିଲେ ।

୧୮୬୬ ମସିହା ପୁରୀ ରାଜା ଦିବ୍ୟସିଂହ ଦେବଙ୍କ ନଅ ଅଙ୍କରେ ଦୁର୍ଭିକ୍ଷ ପଡିଥିବାରୁ ତାକୁ ନଅଙ୍କ ଦୁର୍ଭିକ୍ଷ କୁହାଗଲା । ଏଥିରେ ଓଡିଶାର କେତେ ଯେ ଲୋକ ମଲେ ତାର କଳନା ନାହିଁ । ଗାଁ ଗଣ୍ଡା ସବୁ ପଦା ହୋଇଗଲା । ସେତେବେଳେ ମଧୁସୂଦନ ଏକାଦଶ ଶ୍ରେଣୀର ଛାତ୍ର । ମଧୁସୂଦନ ସ୍ୱେଚ୍ଛା ସେବକ ଅନୁଷ୍ଠାନ ଗଠନ କରି ତାର ଦଳପତି ହେଲେ । ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ସହାୟତାରେ ଘରେ ଘରେ ଚୂଡା ଓ ଚାଉଳ ବାଣ୍ଟିବାକୁ ଲାଗିଲେ । ମଧୁସୂଦନ ଗାଁ ଗାଁ ବୁଲି ଦୁଃଖୀରଙ୍କୀ ଭୋକୀ ଶୋଷୀଙ୍କ ସେବାରେ ମନ ପ୍ରାଣ ଢ଼ାଳିଦେଲେ । ଏହି ଦେଶ ସେବା ଯୋଗୁ ତାଙ୍କର ପଢ଼ାପଢ଼ିରେ ଅବହେଳା ଘଟିଲା । ସେ ମାଟ୍ରିକ୍ ପରୀକ୍ଷା ଦେଇପାରିଲେ ନାହିଁ । ଦ୍ୱିତୀୟ ଥର ମଧ ଦେହ ଖରାପ ଯୋଗୁ ପରୀକ୍ଷା ଦେଇପାରିଲେ ନାହିଁ ।

ପୁରୀ ଜିଲ୍ଲା ସ୍କୁଲରେ ରାଧାନାଥ ରାୟ ଦ୍ୱିତୀୟ ଶିକ୍ଷକ ପଦରେ ନିଯୁକ୍ତ ହେଲେ । ଏହିଠାରେ ମଧୁସୂଦନ ରାଧାନାଥଙ୍କ ସ୍ନେହ, ସହାନୁଭୂତି ଓ ସାହାଯ୍ୟ ପାଇ ଉନ୍ନତି ପଥରେ ଆଗେଇବାକୁ ଲାଗିଲେ । ରାଧାନାଥ ଓ ମଧୁସୂଦନ ସମ୍ପର୍କ ଥିଲା ମଣିକାଞ୍ଚନ ସଦୃଶ । ଦିନେ ମଧୁସୂଦନଙ୍କୁ ଜଣେ ଶିକ୍ଷକ ଗାଳି ଦେଇଥିବାରୁ ମଧୁସୂଦନ ଦୃଷ୍ଟ ବାଳକଙ୍କ ସହିତ ଟେକାପଥର ଧରି ବାଟରେ ଶିକ୍ଷକଙ୍କୁ ଅପେକ୍ଷା କରିଥିଲେ, କିନ୍ତୁ ସେହି ବାଟରେ ରାଧାନାଥ ଆସିଯିବାରୁ ମଧୁସୂଦନଙ୍କ ବୁଦ୍ଧି ସ୍ଫୁରିଲା ନାହିଁ । ମଧୁସୂଦନ ରାଧାନାଥଙ୍କ ଗୋଡତଳେ ପଡିଯାଇ ସବୁ ସତ କଥା କହି କ୍ଷମା ମାଗିଲେ । ରାଧାନାଥଙ୍କ ଆର୍ଶୀବାଦ ପାଇ ମଧୁସୂଦନ ଜଣେ ଭଲ ପିଲା ହେବାକୁ ଚେଷ୍ଟା କଲେ । ରାଧାନାଥଙ୍କ ଯତ୍ନ, ଉତ୍ସାହ ଓ ପରିଶ୍ରମରେ ମଧୁସୂଦନ ୧୮୬୯ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷାରେ କୃତିତ୍ୱର ସହିତ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କଲେ । ତାଙ୍କୁ ମାସିକ ଦଶ ଟଙ୍କା ବୃତ୍ତି ମିଳିଲା । ତେଣୁ ସେ କଟକ ଆସି କଲେଜରେ ଏଫ.ଏ. ଶ୍ରେଣୀରେ ନାମ ଲେଖାଇଲେ । ତାଙ୍କ ସହ ତାଙ୍କର ସାନଭାଇ ଜଗନ୍ନାଥ ମଧ କଟକ ଆସି ପାଠପଢ଼ିଲେ । କଲେଜରେ ତାଙ୍କର ସହପାଠୀ ଆଚାର୍ଯ୍ୟ ପ୍ୟାରୀମୋହନ ଓ ବଳରାମ ଦାସ ଥିଲେ । ୧୮୭୧ ମସିହାରେ ସେ ଖ୍ୟାତି ସହ ଏଫ.ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୨୦ ଟଙ୍କା ବୃତ୍ତି ପାଇଲେ । ସୁଦୂର କଲିକତା ଯାଇ ବି.ଏ. ପଢ଼ିବା ପାଇଁ ତାଙ୍କ ପିତାଙ୍କର ଇଚ୍ଛା ନଥିଲା । ତେଣୁ ତାଙ୍କ ପାଠପଢ଼ା ଏତିକିରେ ଡୋରି ବନ୍ଧାଗଲା । ପ୍ରାଚୀନ ଓଡିଆ ସାହିତ୍ୟ ବିଷୟରେ ଜ୍ଞାନ ଲାଭ କରିବା ପାଇଁ ସେ ପୁରୁଣା ତାଳପତ୍ର ପୋଥି ସବୁ ଆଣି ପଢ଼ିଲେ । କଠୋର ଅଧ୍ୟବସାୟ ବଳରେ କଠିନ ଶାସ୍ତ୍ରମାନ ସେ ଆୟତ୍ତ କରିପାରିଥିଲେ ।

ଛୁଆଁ ଅଛୁଆଁ, ଜାତି ଅଜାତି, ଉଚ୍ଚ ନୀଚ ଭେଦଭାବ ପ୍ରଭୃତି ଅନେକ ଅନ୍ଧବିଶ୍ୱାସ ଆମ ସମାଜକୁ କବଳିତ କରି ରଖିଥିଲା । କୁକୁରଟି ମଳତ୍ୟାଗ କଲେ ଆମେ ତା ସେବା କରୁ ଆମ କୋଳରେ ଶୁଆଉ ଥାଉ, କିନ୍ତୁ ମଣିଷକୁ ଘୃଣାକରୁ ଭାତୃତ୍ୱର ଦ୍ୱାହି ଦେଇ କଚେରୀରେ ଛିଡା ହେଉ । ନିଜର ମଣିଷପଣିଆକୁ ଭୁଲି ବିଶ୍ୱଭାତୃତ୍ୱକୁ କୁଠାରଘାତ କରୁ । ହିନ୍ଦୁ ସମାଜର କୁସଂସ୍କାର ପାଶ୍ଚାତ୍ୟ ଶିକ୍ଷା, ଖ୍ରୀଷ୍ଟଧର୍ମ ଓ ପାଦ୍ରିମାନଙ୍କର ପ୍ରଭାବରେ ମଧୁସୂଦନ ବ୍ୟତିବ୍ୟସ୍ତ ହୋଇ "ବ୍ରାହ୍ମଧର୍ମ" ଗ୍ରହଣ କରିଥିଲେ । ସେଥିପାଇଁ ତାଙ୍କୁ ସମାଜର ବିଦ୍ରୁପ, ଗାଳି ଓ ଯନ୍ତ୍ରଣା ସହିବାକୁ ପଡିଛି ।

(କ୍ରମଶଃ)

# ଭୋଟ ଦେବା କାହାକୁ ?



### କବି ବିପ୍ଳବ

ଭାରତ ପୃଥିବୀର ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ସେଥିପାଇଁ ଏଠି ନିର୍ବାଚନ ସମୟ ଆସିଲେ ଉତ୍ସବର ମାହୋଲ ସୃଷ୍ଟି ହୁଏ । ଏଥିରେ ସାମିଲ ହୁଅନ୍ତି ଅଠର ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଶେଷ । ରାଜନୈତିକ ଦଳ ଗୁଡ଼ିକ ପକ୍ଷରୁ ପ୍ରତିଶ୍ରୁତିର ବର୍ଷା ହୁଏ । ସାଧାରଣ ଜନତା ବି ଲୋଭର ବଶବର୍ତ୍ତୀ ହୋଇ ସବୁ ଭୁଲିଯାଇ ନିଜର ସ୍ୱାର୍ଥକୁ ଗୁରୁତ୍ୱ ଦେଇଥାନ୍ତି । ସଂପ୍ରତି ଓଡିଶାର ପଞ୍ଚାୟତ ଆଉ ପୌର ନିର୍ବାଚନ ପାଖେଇ ଆସୁଥିବା ପରିପ୍ରେକ୍ଷୀରେ ଉଭୟ ଶାସକ ଓ ବିରୋଧୀ ମାତି ଯାଇଛନ୍ତି । ସେଥିପାଇଁ ଏବେ କାଦୁଅ ଫିଙ୍ଗା ରାଜନୀତି ଚାଲିଛି । ବିରୋଧୀ ସରକାରଙ୍କୁ ବିରୋଧ କରିବା ନୀତିରେ ଅଟଳ ରହି ଅଣ୍ଟା ଫୋପାଡ଼ି ବିରୋଧ କରୁଥିବା ବେଳେ ସରକାର ନିଜର ଆତ୍ମ ରକ୍ଷା ପାଇଁ ବିଭିନ୍ନ ରଣନୀତି ଆପଣଉଛନ୍ତି । ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ । ଏପରି ସମୟରେ ଗୋଟିଏ ସାଧାରଣ ଲୋକ ବା ଭୋଟରର ଭୂମିକା କଣ ହେବା ଦରକାର? ରାଜନୈତିକ ଦଳ ଗୁଡ଼ିକ ଆଉ ପ୍ରାର୍ଥୀ ମାନେ ସାଧାରଣ ଲାଗୁଥିବା ପଞ୍ଚାୟତ ନିର୍ବାଚନରେ ବି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରନ୍ତି । ଏଥିରେ ସତ ଉପାୟରେ ଅର୍ଜିତ ଟଙ୍କା ବା ପୈତୃକ ସମ୍ପତ୍ତି ଖୁବ କମ ପରିମାଣର ଥାଏ । ବାକି ତକ ଥାଏ ଦଳୀୟ ପାଣ୍ଠି । ଯାହାକୁ ବୁଥ ଖର୍ଚ୍ଚ କୁହାଯାଏ । ଏହି ଟଙ୍କା ଆସେ କେଉଁଠୁ ? ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, କମ୍ପାନୀ ଗୁଡ଼ିକ ରାଜନୈତିକ ନେତାଙ୍କର ଛତ୍ର ଛାୟା ତଳେ ରହି ବ୍ୟବସାୟ କରିବା ଲକ୍ଷ୍ୟରେ ଏହି ସବୁ ଚାନ୍ଦା ଦେଇଥାନ୍ତି । ତଳ ସ୍ତରରେ ମାନେ ପଞ୍ଚାୟତ ସ୍ତରରେ ଶାସକ ଦଳ ବା ସ୍ଥାନୀୟ ବିଧାୟକଙ୍କ ଶୁଭ ଦୃଷ୍ଟିରେ ରହିବା ପାଇଁ କୁଜି କଣ୍ଟ୍ରାକ୍ଟର ଆଉ ଡିଲର ମାନେ ନିର୍ବାଚନ ପୂର୍ବରୁ ଖର୍ଚ୍ଚ କରି ନିଜର ପତିଆରା ଦେଖାଇଥାନ୍ତି । ଯାହା ଫଳରେ ସେମାନେ ପାଞ୍ଚ ବର୍ଷ ଯାଏଁ ସ୍ଥାନୀୟ ପ୍ରତିନିଧିଙ୍କ ଶୁଭ ଦୃଷ୍ଟିରେ ରହିବେ । ସେଥିପାଇଁ ଏବେ ଗାଁ ରେ ଗାଁରେ ମେଳି ଆରମ୍ଭ ସହିତ ଭୋଜି ଭାତର ଆସର ବି ଜମିଲାଣି । ଆମେ ଭୋଜିଖାଇ ଖୁସି । କିନ୍ତୁ ଆମ ଗାଁକୁ ଆସିଥିବା ରାସ୍ତା ଢ଼ଳେଇର କିଛି ଦିନ ପରେ କେମିତି ଗାତ ହେଇଯାଏ ସେ ବିଷୟରେ ଚିନ୍ତା କରୁନା । ସ୍ଥାନୀୟ କଣ୍ଟ୍ରାକ୍ଟର କେମିତି କୌଣସି ସରକାରୀ ଚାକିର ନକରି ନିଜର ବିଲଡିଂ ବଢ଼େଇ ଚାଲେ ଆମେ ଚିନ୍ତା କରୁନା । ଆମେ ଭାବୁ ଭୋଜି ଭାତ, ମାଂସ, ମଦ ସବୁ ମାଗଣା ମିଳୁଛି । ସାଧାରଣ ଲୋକଟିଏ ବିବାହ ବା ଶୁଦ୍ଧ ଘରରେ କିଛି ଟଙ୍କା ଖର୍ଚ୍ଚ କରି ଦେବାଳିଆ ହେଇଯାଏ । ସାରାଜୀବନ କରଜର ବୋଝ ମୁଣ୍ଡେଇ ବୁଲେ । ମାତ୍ର ଗୋଟିଏ ରାଜନୈତିକ ବ୍ୟକ୍ତି ବିଶେଷ କ୍ଷେତ୍ରରେ ଏମିତି ଘଟେନି । କାରଣ ତାର ରୋଜଗାର ଯଥେଷ୍ଟ । ଲୋକଟିଏ ବା ସାଧାରଣ ଭୋଟର ଟିଏ ଭାବେ ସେ ଦେଶ ଲୁଟି ଖାଉଛି, କଣ ଆମ ବାପ ସମ୍ପତ୍ତି ଖାଇ ଯାଉଛି? ସିଏ ଖାଉଛି ଆମେ ନିର୍ବାଚନ ସମୟରେ କିଛି ଝଡ଼େଇ ଖାଇଲେ ଦୋଷ କଣ ? ଏମିତି ଚିନ୍ତାଧାରା ପାଇଁ ଦେଶ ଆଜି ତଳକୁ ଯାଉଛି । ଟିକିଏ ନିରିଖେଇକି ଦେଖିଲେ ଏ ସବୁ ଆମ ପଇସା । ବିନ୍ଦୁ ବିନ୍ଦୁ ମିଶି ସିନ୍ଧୁ ହେଲାପରି ଆମ କଷ୍ଟ ଅର୍ଜିତ ସମ୍ପତ୍ତି ନେତା ମାନେ ଲୁଟି ଚାଲୁଛନ୍ତି । ସେଥିପାଇଁ ତ ମହଙ୍ଗା ସମୟ ଦେଇ ଆମେ ଗତି କରୁଛେ । ଗ୍ୟାସ ଆଉ ତୈଳଜାତ ଦ୍ରବ୍ୟର ଭୟଙ୍କର ଦର ବୃଦ୍ଧି ଏହାର ପ୍ରକୃଷ୍ଟ ଉଦାହରଣ । ଆମର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଭିତରେ ପରୋକ୍ଷ ଭାବରେ ଆମ ରୋଜଗାର କମ୍ପାନୀ ବା ସରକାର ବା ନେତାଙ୍କ ପକେଟ୍‌କୁ ଚାଲି ଯାଉଛି । ଆମେ ଅଳ୍ପ କିଛି ମଦ, ମାଂସ ଆଉ ଟଙ୍କାରେ ସନ୍ତୁଷ୍ଟ ହେଇ କୃତ୍ୟ କୃତ୍ୟ ହେଇ ଯାଉଛେ । ତେଣୁ ଆମେ କାହାକୁ ଭୋଟ ଦେବା ତାହା କୌଣସି ଦଳର ଭୋଜି ବା ଟଙ୍କା ନିଷ୍ପତ୍ତି ନ ନେଉ । ଆମ ବିବେକ ସେ ବିଚାର କରୁ । ତାହେଲେ ଯାଇ ଗଣତନ୍ତ୍ରର ସୁଫଳ ଆମ ପାଖରେ ପହଂଚିବ ।

+ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬




## ଜୀବନ...

### ଅମୂଲ୍ୟ କୁମାର ପଣ୍ଡା



ଜୀବନର ମାନେ ଖାଲି ସଂଘର୍ଷ
ସଂଗ୍ରାମର, ହସର, ଲୁହର
ବର୍ତ୍ତମାନ, ଅତୀତ ଓ ଭବିଷ୍ୟତର
ପ୍ରାପ୍ତିର ଆଶାରେ ଆଉ
ଅପ୍ରାପ୍ତିର ନିରାଶାରେ
ଦଗ୍ଧୀଭୂତ ହା-ହା କାର...!

ସୁନେଲି ସ୍ୱପ୍ନର ସିକ୍ତ ମନରେ
ଜୀବନକୁ ଜିତିବାର ଅପୂର୍ବ ଇଚ୍ଛା
ଅତୀତର ମାୟା ମୋହକୁ
ତୁଚ୍ଛ କରି ବଞ୍ଚିବାକୁ ହୁଏ
ଆଉ ବର୍ତ୍ତମାନର ହାତ ଧରି
ସ୍ୱଚ୍ଛ ମନରେ ପୁଷ୍ପ କଣ୍ଟକିତ
ରାସ୍ତାରେ ଚାଲିବାକୁ ହୁଏ...!!

ଏଇତ ଜୀବନ.............

ଜୀବନ ଯମୁନାରେ
ଅଗଭୀର ଜଳର ଅବିଚ୍ଛେଦ୍ୟ ସମ୍ଭାର
ସମ୍ପର୍କ ଦୁନିଆରେ ପ୍ରେମ ପ୍ରଣୟର
ପୁଷ୍ପ ସଜ୍ଜିତ ନୌକା ବିହାର
ସୁଖ ଦୁଃଖର ଲୁଚକାଳି ଖେଳ
ଆଉ ଜନ୍ମରୁ ମୃତ୍ୟୁ ଯାଏଁ
ଚିରନ୍ତନ ଧବଳ ସତ୍ୟର
ପବିତ୍ର ଗଙ୍ଗାଜଳ....!!!

ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) ୯୯୩୮୯୦୬୦୭୦

## କିଏ ଜାଣିଥିଲା.. ?

### ସୁଧାଂଶୁ ଶେଖର ଦ୍ୱିବେଦୀ



କିଏ ଜାଣିଥିଲା...
ଛୁଟିଦିନ ସବୁ ଲମ୍ବା ହୋଇଯିବ
ମନ ବାଣ୍ଟିବାକୁ ସରାଗ ନଥିବ
ସହର ବଜାର ଶୂନଶାନ ଥିବ

ଦେଖିବାକୁ ସେଠି କେହି ନଥିବ
ଦୂର ଦୂରାନ୍ତରେ ଯିଏ ରହିଥିବ
ଘରକୁ ଜମାରୁ ଫେରୁ ନଥିବ
ସାବୁନରେ ହାତ ସଫା ହେଉଥିବ

ହାତ ମିଳାଇବାକୁ କେହି ନଥିବ
ପବନ ପ୍ରବାହ ଶୁଦ୍ଧ ବହୁଥିବ
ତଥାପି ମୁହଁରେ ଡବଲ ମାସ୍କ ଥିବ
ଘର ଲେଉଟାଣି ଯିଏ ଆସୁଥିବ

କରେଣ୍ଟାଇନରେ ସେ ଅଟକି ଯିବ
ସମୟ ସମସ୍ତଙ୍କର ବହୁତ ଥିବ
ସାଥିହୋଇ କେହି ବସୁ ନଥିବ
ତାରିଖ ଓ ବାର ଭୁଲି ଯାଇଥିବ

ପାଞ୍ଜି,କ୍ୟାଲେଣ୍ଡର ମନେ ନଥିବ
ଯାହାଙ୍କ ପାଖରେ ପଇସା ଥିବ
ଖର୍ଚ୍ଚ କରିବାକୁ ଦୋକାନ ନଥିବ
ଯାହାଙ୍କ ପାଖରେ ପଇସା ନଥିବ

ରୋଜଗାର ପନ୍ଥା ବନ୍ଦ ହୋଇଥିବ
ଚିନ୍ତା ଚଇତନ ବଢି ଯାଇଥିବ
କିଏ ଜାଣିଥିଲା....
ଏମିତି ଦିନ ବିତେଇବାକୁ ହେବ?

♥ ବିସି-୭୪,ସଲଟ ଲେକ,
କଲକତା-୬୪
(ମୋ) ୯୬୮୧୩୭୩୫୧୨



## ଜୀବନ ବହି

### ଧ୍ରୁବ ଚରଣ ବେହେରା

ଭୁଲ୍ ଯଦି ଗୋଟେ ପୃଷ୍ଠାଟିଏ ହୁଏ
ସଂପର୍କତ ଗୋଟେ ବହି
ସାମାନ୍ୟ ଭୁଲ୍‌ର ଦ୍ୱାହି ଦେଇ କରି
ବନ୍ଦ ତା'କୁ କର ନାହିଁ ।

ଅଧା ରହିଯିବ ଜୀବନ କାହାଣୀ
ମିଳିବନି କିଛି ଭାଷା
ଶବ୍ଦ ବି ଅଧୁରା ବାକ୍ୟର ଅଧୁରା
ହେବେ ଖାଲି ଲୋକ ହସା ।

ଆଜିର ଜୀବନ କାଲିକୁ ନଥାଏ
ଅଢେଇ ଦିନ ସଂସାର
ଯୌବନ ଜୁଆର ଆସି ଚାଲିଯାଏ
ସତେ ଏକ ନଦୀ ଧାର ।

ଜନ୍ମ ପାଖେ ମୃତ୍ୟୁ ଶିଶୁର ଭବିଷ୍ୟ
ବୃଦ୍ଧଠାରେ ପୂର୍ଣ୍ଣଚ୍ଛେଦ
ଅବେଳରୁ ଯଦି ଝଡି ଯାଏ ଫଳ
କେ କରିବ ପ୍ରତିବାଦ ।

ସୁଖ ଦୁଃଖ ନେଇ ମଣିଷ ଜୀବନ
ସମୟର ସାଥେ ବନ୍ଧା
ଆଜି ଯିଏ ଏଠି ରାଜେନ୍ଦ୍ର ବୋଲାଏ
କାଲି ସେ ଫକୀର ଚନ୍ଦା ।

ସ୍ୱାର୍ଥ ପର ନୁହେଁ ପ୍ରକୃତ ମାନବ
ମଣିଷତ୍ୱ ମହା ଧର୍ମ
ମାନବିକତାର ପଥଚାରି ହେଲେ
ସାଥେ ରହେ ଯଶ କର୍ମ ।

ଶାନ୍ତି ଦୟା କ୍ଷମା ହୃଦୟ ପୋଥିରୁ
ସଦା ପଢୁଥିବ ଭାଇ
ଏ ଜୀବନ ଅଟେ ଦଣ୍ଡେ କ୍ଷଣ ମାତ୍ର
କାମରେ ଦେବ ଲଗାଇ ।

ଆସିଥଲା ବେଳେ ଆସିଥିଲେ ଏକା
ଗଲାବେଳେ ଯିବା ଏକା
ବାକି ସବୁ ଏଠି ଅଢେଇ ଦିନିଆଁ
ଧର୍ମ ଥିଲେ ହେବ ସଖା ।

ପଢି ଚଲୁଥାଅ ଧର୍ମର ବହିକୁ
ବନ୍ଦ କରନାହିଁ କେବେ
ନିଶ୍ୱାର୍ଥରେ ତା'କୁ ପଢି ପଢି ଗଲେ
ବନ୍ଧୁତ୍ୱ ରହିବ ତେବେ ।

♥ଅଠରବାଟିଆ,ବାଲୁଗାଁ,ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## ତୁମେ କି ଯାଇଛ ଗାଁକୁ ବୁଲି

### ସଂଯୁକ୍ତା ପରିଡ଼ା

ମୋ ଗାଁରେ........
ଅସୀମ ନୀଳିମାର ବୁକୁଚିରି
ମୁଠାଏ କିରଣ ଢାଳି ଦେବା ପାଇଁ
ସମୀର ସଂଗୀତ ଗାଏ
ଅଙ୍କାବଙ୍କା ନଈ ହସି ଉଠେ
ମନ ଉଚ୍ଛୁଳି ନାଚେ...
ସମୁଦ୍ରର ନୀଳ ଜଳରାଶିର
ପର୍ଯ୍ୟାପ୍ତ ଫେଣ ପରି
ଧୀରେ ଧୀରେ ହସିଉଠେ
ସୁବର୍ଣ୍ଣ କିରଣ ରକ୍ତିମ ଆଭାରେ
ସତରେ.....
ଅତୁଳନୀୟ ମୋ ଗାଁର
ସୁର୍ଯ୍ୟୋଦୟ ଆଉ ସୂର୍ଯ୍ୟାସ୍ତ
ସୂର୍ଯ୍ୟ ଧୀରେ ଧୀରେ ଢାଳୁଥାଏ
ଆଲୋକ ମୁରୁଜ
ହସି ଉଠୁଥାନ୍ତି
ଖିଲି ଖିଲି ଫୁଲ କଢି.....
ମହମହ ବାସ୍ନାରେ.....।

♥ ମାର୍ଫତ୍-ରବିନାରାୟଣ ପରିଡ଼ା,
ଭୁବନେଶ୍ୱର
ମୋ-୮୦୯୩୬୭୫୩୩୪

ଧ୍ୱନି ପ୍ରତିଧ୍ୱନି

# କବିତାମାଳା



## ଜରିଗୋଟାଳି ପିଲା
### ଶରତ କୁମାର ଦାସ



ସଂଜ ଗଡି ରାତିହେଲେ ଏକା ଏକା
ଘଡିଏ ଦାଣ୍ଡପିଣ୍ଡାରେ ବସି ଏକଲୟରେ
ଆକାଶକୁ ନିରେଖି ଚାହେଁ ଆଖିମେଲା କରି
ହାତଠାରି ଡାକେ ତାରାମାନଙ୍କୁ
ମନକୁ ମନ କଥାହୁଏ ଚୁପଚାପ ।

କ'ଣ ଭାବେ ସେ କେଜାଣି
କିଛି ସମୟ ନିରୋଳାରେ
ପୁଣି ଉଠିଚାଲିଯାଏ ନିମିଷକେ ତରବର
ହୋଇ ।

ପକ୍ଷୀର ଗୀତ ଶୁଣେ ନୀରବରେ
ନା ଗାଇପାରେ ମନଖୋଲି
ନା ଦେଖିପାରେ ସେ ଅଦୃଶ୍ୟ ପକ୍ଷୀକୁ ।

ଅଗଣାରେ ବିଛାଡି ହୋଇ ପଡିଥିବା
ବହଳ ଅନ୍ଧାରର କଳା ମଚମଚ ଛିଟାକୁ
ସାଉଁଟିବାକୁ ଚେଷ୍ଟାକରେ ସେ ,
କେତେବେଳେ ହସେ ପୁଣି
କେତେବେଳେ କାନ୍ଦେ ଗୁମୁରି ଗୁମୁରି
ତା' ମାଆ ଲଗାଇଥିବା ବାଡିପଟ
ସଜନାଗଛକୁ ଜଡେଇ ଧରି ।

ଛଳ ଛଳ ତା' ଆଖିହଳକରେ
ସେ ଦେଖେ ସମୁଦ୍ରର ମୁକୁଳା ଲହଡି
ସାଇଁ ସାଇଁ ପବନରେ ଶୁଣେ
ସେ ପ୍ରଳୟର ଶବ୍ଦ ।

ଖୁବ୍ ଜୋର୍‌ରେ ଡରିଯାଇ
କୁଙ୍କୁରିକାଙ୍କୁରି ହୁଏ ସେ ।
ଝାଳ ବହେ ଗମଗମ ତା' ସର୍ବାଙ୍ଗରୁ
ପାଣି ଢାଳେ ପିଇଦିଏ ପରମ ତୃପ୍ତିରେ
ଆଉ ଫେରିଯାଏ ତା' ଭଙ୍ଗାଦଦରା
ନୁଁଆଣିଆ ଚାଳ ଛପର ଘରକୁ
ମଳିଛିଆ ଛିଣ୍ଡା ଚାଦରକୁ କାନ୍ଧରେ ପକାଇ
ନାକ ସୁଁ ସୁଁ କରି ଖୁବ୍ ସନ୍ତର୍ପଣେ ।

ଫାଳେ କବାଟ ନଥିବା
ଉଇଖିଆ ଝର୍କା ବନ୍ଦ କରି
ଥକିପଡିଥିବା ଦେହଟାକୁ
ମାଟି ଚଟାଣରେ ଲୋଟେଇ ଦିଏ କିଛିକ୍ଷଣ ।

ଆଖି ମୁଦିହୋଇଯାଏ ଆପଣା ଛାଏଁ ଛାଏଁ
ପାହିଯାଏ ରାତି ,ସକାଳ ହୁଏ
ପୁଣି ଆରମ୍ଭ ହୋଇଯାଏ ସେଇ ଏକା କାମ
ଗତକାଲି ଭଳି ଯୁଝେ
ତା' ଅଲୋଡା ଭାଗ୍ୟ ସହ
ଲାଗିପଡେ ଥଳିଆ ଧରି ପୁନଶ୍ଚ
ଜରି ଗୋଟାଇବାରେ ଖରାପିଠିଆ ହୋଇ ।

ନା ତା' ଦୁନିଆରେ ଥାଏ କିଛି ପରିବର୍ତ୍ତନ
ନା ଥାଏ ତା' ଜିଇଁବାରେ ନୂଆ ସମ୍ଭାବନା
ଦରଫୁଟା ଫୁଲ ଭଳି ମଉଳିଯାଏ ତା'ର
ସବୁତକ ଆୟୁଷ
ବାସହୀନ ହୁଏ ତା' ବର୍ତ୍ତମାନ ଓ ଭବିଷ୍ୟ
ଚତୁର୍ଦ୍ଦିଗ ଲାଗେ ତାକୁ କୋଳାହଳ ଶୂନ୍ୟ
ଧୂ ଧୂ ଝାଂଜିପିଟା ଖରାବେଳ ।

ଖାଲି ଯାହା ଦିନ ପରେ ଦିନ ଗଡୁଥାଏ
ତା' ଆଖିର ସବୁତକ ଲୁହ
ଧୀରେ ଧୀରେ ଜମାଟବାନ୍ଧୁଥାଏ
ସ୍ରୋତଟିଏ ହୋଇ କାଳେ କେବେ ବହିଯିବ
ତା' ଜୀବନର ଖାଲଢିପ କେଉଁ ପାହାଡୀ
ରାସ୍ତାରେ ।

♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଅଭିଶପ୍ତ ଅହଲ୍ୟା
### ପ୍ର. ଗିରିଜା ଶଂକର ଶର୍ମା



ପାଷାଣ ଭିତରେ ସଂଜୀବନୀ ସ୍ରୋତଟିଏ
ସାଗର ଗର୍ଭରେ ଜୀବନ୍ୟାସ ପାଇଁ
ଅପେକ୍ଷା କରିଥିବା
ଫସିଲର ଦୁଃଖ ବୁଝି ପାରୁନଥିବା ସମୟ ।
ଏଇତ ଅହଲ୍ୟା ଯୁଗ ଯୁଗ ଧରି
ଅଭିଶାପର ଖୋଳପା ଭିତରୁ
ବାହାରିବା ପାଇଁ ଅନେଇ ଥାଏ ।

ବାହାର ଦୁନିଆ କେତେ ରଂଗୀନ,
ସୁଲୁସୁଲିଆ ପବନ
ପକ୍ଷୀଙ୍କର ସୁମଧୁର ଗାନ
ଝରଣାର କୁଳୁକୁଳୁ ଗୀତ
ସବୁଜ ବନାନୀର ଚିତ୍ରିତ ଜଗତ
ସୂର୍ଯ୍ୟର ସୁନେଲୀ କିରଣ
ଜ୍ୟୋସ୍ନାର ଧଳା ଆସ୍ତରଣ
ତାରାଙ୍କ ଚିତ୍ରିତ ଆକାଶ
ଉପମାହୀନ ଶୋଭାର ଭଣ୍ଡାର,
ଏସବୁ ଅହଲ୍ୟାର ପହୁଁଚ ବାହାରେ ।

ପାଷାଣ ଭିତରୁ ସେ ସବୁ ଦେଖେ
କିନ୍ତୁ କିଛି କରି ପାରେନା
ବାହାରି ଆସିବାର ଶତ ଚେଷ୍ଟା ବିଫଳ ।
ଅଭିଶାପର ପଂଝାରୁ
ମୁକ୍ତ ହେବାର ରାସ୍ତା କାହିଁ ଯେ ?

ହେ ଗୌତମ ! କେତେଦିନ ଯେ ଯଂତ୍ରଣା
ଗୋଟିଏ ଅବସ୍ଥାରେ, ପାଷାଣ ଗାତ୍ରରେ
ସ୍ଥାଣୁ ପାଲଟି ଯାଇଥିବା ଜୀବନ ।
ଶହଶହ ଦିନ ଶହଶହ ରାତି
ବଂଚିଛି ପାଷାଣ ଦେହରେ
ନିଃସଙ୍ଗ ନିଶ୍ଚଳ ଅବସ୍ଥାରେ ।
ଖରା ବର୍ଷା, ଶୀତ ଓ ବସନ୍ତ
ଋତୁଚକ୍ର ଗଡ଼ି ଗଡ଼ି ଯାଏ ।
କିନ୍ତୁ ମୁକ୍ତିର ରାସ୍ତା ଇ ନଥାଏ ।
ସେ ସବୁ ଭିତରେ ସେ ଥାଏ
କିନ୍ତୁ କିଛି ବି ନଥାଏ ହାତ ପାହାନ୍ତାରେ ।

ହେ ଗୌତମ !
ଫେରାଇ ନିଅ ତୁମର ଅଭିଶାପ
ମୋତେ ବଂଚିବାକୁ ଦିଅ
ମୋତେ ବଂଚିବାକୁ ଦିଅ ।

♥ ସୋନାପାଲି, ଧନକଉଡ଼ା,
ସମ୍ବଲପୁର-୭୬୮୦୦୬
ମୋ: ୯୪୩୭୦୮୮୬୦୨

## ତୁ ଫେରିଯା
### ଝରଣା ବାରିକ



ଜାଣିନି ତୁ କାହାକୁ କ'ଣ ଦେଇଛୁ
କିନ୍ତୁ ଏତିକି ଜାଣିଛି
ତୁ ଦେଇଛୁ କମ୍
ନେଇଛୁ ବେଶୀ

ତତେ ଅନୁରୋଧ ମୋର
ତୁ ଫେରିଯା
ତୋ ସାଥିରେ ଆଣି ଥିବା
ଦୁଃଖ ଦୁର୍ଦ୍ଦଶା କୁ ନେଇ
ଯଥା ଶୀଘ୍ର ଫେରିଯା ।

ଯାହା ଠାରୁ ଯାହା ନେଇଛୁ
କଣ ଗଲାବେଳେ
ଫେରିଇ ପାରିବୁ
ଜାଣିଛି ତୁ ପାରିବୁ ନାହିଁ

ଏତିକି ଅନୁରୋଧ
ତୁ ଦେଇଥିବା ସବୁତକ ଲୁହ
ଫେରେଇ ନେଇ
ଟିକିଏ ହସ ଦେଇଯା ।

ଆମେ ତତେ ଖୁସିରେ ବିଦାୟ ଦେଉଛୁ
ତୋ ପାଇଁ ମୁହଁରେ
ତୁଣ୍ଡ ତୁଣ୍ଡି ବାନ୍ଧି
ଅଣ ନିଃଶ୍ୱାସୀ ହେଇ ଗଲୁଣି
ଏବେ ଟିକେ ଖୋଲା ପବନରେ
ନିଃଶ୍ୱାସ ନେବାକୁ ଦେଇଯା ।
ତୋ ବିଦାୟ ବେଳାରେ ।

♥ ସମଲ, ତାଳଚେର, ଅନୁଗୋଳ
(ମୋ) ୯୫୫୬୮୪୬୯୩୨



## ଶୀତ ଛୁଇଁ ଦେଲା ଆସି
### ଝରଣା ମଲ୍ଲିକ

ଶୋଇ ରହିଥିଲି କଅଁଳ ଶେଯରେ
ଶୀତ ଛୁଇଁ ଦେଲା ଆସି
ଶିଶିର ଭିଜାରେ ପାଦ ପାଉଁଜିରେ
ଗେଣ୍ଡୁ ତା ସୁରଭି ବିଞ୍ଚି ।

ବାସି ବିଛଣାରେ ଭିଡ଼ି ଦେଲା ଆସି
କମ୍ବଳକୁ ହେଲି ଘୋଡ଼ି
ପରଶ ପାଇ ମୁଁ ଜାଣିଗଲି ଏବେ
ସତେ କି ମୋ ଆଈ ବୁଢ଼ୀ ।

ମିଠା, ମିଠା ଲାଗେ ସୁରୁଜ ଜୋଛନା
ସୁନା ରଙ୍ଗି ତୁମ ଦେହ
ଯେତେ ଘଷି ହେଲେ ଶରୀରେ ମୋହର
ଛାଡ଼େନି ତୁମରି ମୋହ ।

♥ ମାଣିଖମ୍ବ, ମୋତିଗଂଜ, ବାଲେଶ୍ୱର
(ମୋ) ୯୨୩୮୫୭୪୫୦୩

## ଏ ମନ ଝୁରୁଛି ତୋତେ
### ପ୍ରଶାନ୍ତ କୁମାର ନାଥ



ପ୍ରେମକୁ ମୋହର କବର ଦେଇତୁ
ଚାଲିଗଲା ପରେ ଦୂରେ
ବିରହ ଜ୍ୱାଳାରେ ଜଳି ଜଳି ପ୍ରିୟା
ପ୍ରେମକୁ ତୋହର ଝୁରେ ।

ଯନ୍ତ୍ରଣା ଜୁଇରେ ଶୋଇଛି ଆଜି ମୁଁ
ସ୍ମୃତିର ଶେଯକୁ ପାରି
କହିବୁକି ପ୍ରିୟା ଅତୀତର କଥା
କେମିତି ଦେଲୁ ପାସୋରି ।

ଛଳନା ଛୁରୀରେ ଛାତିକୁ ମୋହର
ତୁ ସିନା ଦେଇଛୁ ଚିରି
ଆଜିବି ତୋସାଥେ ଯୋଡାଅଛି ମୋର
ଅଭୂଲା ପ୍ରେମର ଡୋରି ।

ଚାଲିଗଲା ପରେ ଖୁସି ଯେତେ ଥିଲା
ଛାଡିଦେଲେ ମୋର ହାତ
ଜୀବନର ନାଆ ବାହିବା ପାଇଁକି
ଖୋଜୁଛି ଆହୁଲା କାତ ।

ଆଖିର ଲୁହକୁ ଓଠ ମୋ ପିଉଛି
ଗୋପନ ବେଳାରେ ବସି
ଦୁଃଖ ଆଜି ମୋର ଚିର ସହଚର
ସୁଖ ହେଲା ପରଦେଶୀ ।

ଯେଉଁଠି ଛାଡିଛୁ ସେଇଠି ରହିଛି
ଛାଇକୁ ତୋହର ଧରି
ଅବୁଝା ମନକୁ ଯେତେ ବୁଝେଇଲେ
ତୋତେ ଖାଲି ହୁଏ ଝୁରି ।

♥ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର
(ମୋ)୮୮୯୨୩୦୧୧୪୩

## ଆମ ଗାଁରେ ଶୀତ
### ପୁଷ୍ପାଞ୍ଜଳି ପଣ୍ଡା

ପହିଲି ଶୀତରେ ଥରିଥରି
ସର୍ ସର୍ ଦାଆ ଚଲେଇ,
ଖାଲି ପାଦରେ, ଧାନ ବିଲରେ
ଧନୁଆଁ ସାଙ୍ଗରେ
ପଶି ଆସୁଥାଏ ଶୀତ
ଆମ ଗାଁକୁ କୁହୁଡ଼ି ପରସ୍ତ ଘୋଡ଼ାଇ ।

ପାହାଡ଼ ସେପଟୁ ସୂର୍ଯ୍ୟ ଉଠେ ଡେରିରେ,
ଅଳସ ଭାଙ୍ଗିଲା ପରେ
ଅଧା ଖରା ଅଧା ଛାଇରେ
ଧୂଆଁଳିଆ ଦିଶୁଥାଏ ଆମ ଗାଁ
ତେଜହୀନ ତାତିରେ
ଗାଈ ଗୋଠର ଶବଦମାନ
ମିଶିଯାଏ ଘଣ୍ଟାଧ୍ୱନି ସହ ।

ଆମ ଗାଁ ମନ୍ଦିର ପାଖ ରାସ୍ତାରେ
ଶୀତରେ ଦିନ ସାରା ଖରାରେ
ଶୋଇଥାଏ ଧେଡି କୁକୁର ।

ପେମୀ ବୋଉ କହେ
ଏଇ ଶୀତରେ ବୁଢୀ ଅସୁରୁଣୀ
ଗପରୁ ବାହାରି ବାହାରେ ବୁଲେ
ଗାଁ ଠାକୁରାଣୀ ଆଲୁଅ ଜଳାଇ
ପିଲାଛୁଆ ନେଇ ଜାଡୁଆଶୀତରେ
ନଈ ପଠାଠାରୁ ଶମସାନ
ଯାଏ ଦୌଡୁଥାଏ ।

ବିଲୁଆ ଡାକରେ ସନ୍ଧ୍ୟା ପହରରୁ
ନୀରବତା ଛାଇଯାଏ
ଲଣ୍ଠନ ଆଲୁଅ ବିଜୁଳିବତିକୁ
ଖତେଇହୁଏ,
ନିଆଁ ଉହ୍ଲେଇର ହୁତୁ ହୁତୁ ନିଆଁ
ଶୀତୁଆ କାଲୁଆ ଧିଅ କୁଧରି
ସେକି ପକାଏ ।

ଆମ ଗାଁରେ ଶୀତ ବଢିଗଲେ
ସବୁ ଗପ, ସବୁ ଗୀତ ସତ ଲାଗନ୍ତି
ଗଛ ପତର କଥା ହୁଅନ୍ତି ନଦୀ କୂଳରେ
ପାଣି ଉପରୁ ଧୂଆଁ ବାହାରେ
ଏଇ ଶୀତରେ ।

♥ ଯୋଜନା ଓ ସଂଯୋଜନା ବିଭାଗ
ଓଡ଼ିଶା ସରକାର
(ମୋ)୯୮୬୧୪୫୭୫୬୩



## ଅସ୍ତିତ୍ୱ
### ବୈଷ୍ଣବ ମେହେର

ଦୁନିଆଁ ଆଜି...
କରେ ତୁଳନା....
ତୁମ ଆଉ ମୋ ଭିତରେ,
ତୁମେ ହୋଇପାର...
ଭାଗ୍ୟ ବିଧାତା...
ଲକ୍ଷେ ଲୋକଙ୍କ ମଧ୍ୟରେ,
ମୁଁ ମୋ...
ଭାଗ୍ୟକୁ ଆବୋରି...
ସତ୍ୟପଥେ ଚାଲେ ।

ନିଜକୁ ନିଜେ ମୁଁ....
ମଜବୁତ କରିଛି,
ମୋ ନିଜ ଅସ୍ତିତ୍ୱ...
ନିଜେ ଗଢ଼ିଛି ।

ନିଜେ ନିଜକୁ ଏମିତି ଗଢ଼,
ଯଦି...
କେବେ କିଏ ଯାଏ ଦୁରେଇ,
ସେ କେବେ...
ତୁମକୁ ଭୁଲି ପାରିବ ନାହିଁ ।

ଏ ଜୀବନର ଚଳାପଥେ,
ଥରକୁ ହୁଏ ନାହିଁ ସବୁ ଅନ୍ତ,
ଏକର ପରିସମାପ୍ତି ପୂର୍ବେ..
ହୁଏ ଦ୍ୱିତୀୟ ଦୃଶ୍ୟର ପ୍ରାରମ୍ଭ ।

ମୁଁ ନିଜେ...
ଦୁନିଆଁ ସହିତ...
ଚାଲିବା ଶିଖି ଯାଇଛି,
ଏବେ ତୁମ ପାଇଁ...
ତୁମ ପାଇଁ...
ମୁକ୍ତାକାଶ ଅପେକ୍ଷା କରିଛି ।

♥ ଗଣ୍ଡାବାହାଲି, ନୂଆପଡା

## ସୂତ୍ର ଧର ତୁମେ
### ପୁଷ୍ପାଞ୍ଜଳି ମିଶ୍ର

ତୁମ କବିର ଲେଖନୀରେ
ମୁଁ ଯେବେ ଭାବନାର
ଶବ୍ଦ ହୋଇ ଯାଏ
କହି ପାରିବ କି
କେତେ ଶିହରଣ ହୁଏ
ମନର ଭାବକୁ ଯୋଡି ଯୋଡି ଯେବେ
ଲେଖିବସେ ମୁଁ କବିତା
ପ୍ରତି ଅକ୍ଷରରେ
ଭରି ରହିଥାଏ
କେତେ ଯେ ମାଦକତା
ଜୀବନ ଅଙ୍କକୁ ଏମିତି କଷିଲ
କି ସୂତ୍ରଧର ହୋଇ
କିଛି ବାହାରୁନି ଫଳ
ଖେଳୁଛି ଚକା ଚକା ଭଉଁରୀ
କେମିତି ରଚିଲ ନାଟ୍ୟକାର ହୋଇ
ଜୀବନ ନାଟକକୁ
ନିଜ ଜୀବନର
ନିଜେ ମୁଁ ଦର୍ଶକ
ନିଜେ କଳାକାର ହୋଇ
ଅନ୍ୟ ଜଣେ କେହି ନାହିଁ
ନିଜେ ନିଜେ ଖାଲି
ଅଭିନୟ କରି
ଚାଲିଛି ମୋ ଯବନିକା
କେମିତି ଯେ ତୁମେ
ଭାଗ୍ୟ ବିଧାତା
ଜୀବନ ରାସ୍ତାରେ
ପଥ ପ୍ରଦର୍ଶକ ହୋଇ
କଣ୍ଟା କେତେ ଆଉ ଫୁଲ କେତେ
ହିସାବ ତାର ନାହିଁ
ଜୀବନ ଡାଏରୀ ରେ
କେମିତି ଲେଖୁଛ
ପ୍ରତି ଫର୍ଦ୍ଦେ ଫର୍ଦ୍ଦେ
ଭରି ରହିଅଛି
ଅନାବିଳ କେତେ ପ୍ରେମ
ମାପି କି ପାରିବ
କୁହ ତୁମେ ଥରେ
ସେ ପ୍ରେମର ଗଭୀରତା
କହି ଦିଅ ଥରେ
ଆହେ ସୂତ୍ରଧର
ସବୁ ସୂତ୍ର ର ପ୍ରଣାଳୀ ।

♥ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
(ମୋ)୯୫୫୬୬୪୩୯୨୧





## ସବୁ ରହିଯାଏ ଅଧା
### ରଣଜିତ୍ କୁମାର ବେହେରା

କିଏ ଜାଣେ
ଜୀବନର ଚଲାପଥରେ
ଚାଲୁ ଚାଲୁ
ହଠାତ୍ ଏକ ଦୁର୍ଘଟଣା
ନିଶ୍ୱାସ ପ୍ରଶ୍ୱାସର ପୂର୍ଣ୍ଣଚ୍ଛେଦ ।

ସବୁ ରହିଯାଏ ଅଧା
ଯାହା ଈଶ୍ୱରଙ୍କ ଇଚ୍ଛା ।
ଲେଖା ରହିଯାଏ ଅଧା
କର୍ମ ରହିଯାଏ ଅଧା ।
ଆଶା ନିରାଶା ହୁଏ
ସ୍ୱପ୍ନ ନିଷ୍ଫଳ ହୁଏ ।
ସ୍ଥୂଳ ଶରୀର ମାଟିରେ ମିଶେ ।

କଳା କର୍ମ, ଲିଭି ଲିଭି ଯାଏ
ଗର୍ବର ପାହାଡ଼ ଭାଙ୍ଗି ପଡ଼େ
ହିଂସା, କ୍ରୋଧ ଧରାଶାୟୀ ହୁଏ
ଗିରି କନ୍ଦରରୁ ଝରଣା ଜନ୍ମ ନିଏ
ସାଗର ବକ୍ଷରେ ଲୀନ ହୁଏ
ସମ୍ପତ୍ତି ଲୋଭ ଅଧା ହୁଏ
ଆଶା, ଆକାଂକ୍ଷା ଅଧା ହୁଏ ।
ସବୁ ରହିଯାଏ ଅଧା ।

♥ ମାଣିଖମ୍ବ, ମୋତିଗଂଜ,ବାଲେଶ୍ୱର
(ମୋ) ୯୨୩୮୫୬୮୮୧୧

## ଶିଶିରଭିଜା ସକାଳର ଶୋଭା
### ଅରୂପ କୁମାର ବିଶ୍ୱାଳ



ଶିଶିରଭିଜା ଏ ସକାଳର ଶୋଭା
ଆହାକି ସୁନ୍ଦର ଦିଶେ,
ପୂରବ ଆକାଶ ଆହାକି ସୁନ୍ଦର
ନାଲି ପାଟ ପିନ୍ଧି ହସେ ।
ଟପଟପ ପଡେ ଶିଶିରର ବୁନ୍ଦା
ଘାସ ଗାଲିଚା ଉପରେ,
ସୂର୍ଯ୍ୟଙ୍କ କିରଣ ପଡି ଝଟକଇ
ଦର୍ଶକର ମନହରେ ।
ସତେକି ଧରଣୀ ପିନ୍ଧିଛି ବସନ
ମୁକ୍ତାରେ ହୋଇଛି ଖଞ୍ଜା,
ଭଳି ଭଳି ଫୁଲ ଫୁଟି ମହକଇ
ଆହାକେଡେ ମନଲୋଭା ।
ପବନରେ ବାସ ମହକି ଉଠୁଛି
ମରତ ସାଜିଛି ବୋହୂ,
ନାଲି ପାଟ ପିନ୍ଧି କମନୀୟ ଦିଶେ
ଦିଶେ ରଙ୍ଗ ଦାଉଦାଉ ।
କୋଇଲି ମଧୁର କଣ୍ଠରୁ ଶୁଭୁଛି
ପଞ୍ଚମ ତାନରେ ଗୀତ,
କାଉ ଡାକେ କାଆ ଗଛ ଡାଳେ ବସି
ଶେଯ ଛାଡ ହେ ତ୍ୱରିତ ।
ହଳଦୀବସନ୍ତ ମନରେ ଆନନ୍ଦ
ପିନ୍ଧିଛି ହଳଦୀ ପାଟ,
ଉଷା ଆଗମନୀ ବାରତା ଦେଉଛି
ଧିରେ ଧିରେ ଦିଶେ ବାଟ ।
କୁମ୍ଭାଟୁଆ ଗାଏ ମଧୁର ସଙ୍ଗୀତ
ଉଷା ଆଗମନ ଯାଣି,
ବେଲୁବେଳ ନଭ ଦିଶଇ ଉଜ୍ଜଳ
ତାରା ନିଅନ୍ତି ମେଲାଣି ।
କଜ୍ଜଳପାତୀର କୁନିକୁନି ଡେଣା
ଝାଡିଝାଡି ଆକାଶରେ,
ସୁରୁଜ କିରଣେ ଛଳମଳ ଦିଶେ
ପ୍ରଭାତୀ ଆଗମନରେ ।
ମହୁମାଛି ମହୁ ସଂଗ୍ରହ ନିମନ୍ତେ
ଉଡେ ଫୁଲରୁ ଫୁଲକୁ ,
ଗାଆଁ ଦାଣ୍ଡେ ଲାଗେ ଗହଳ ଚହଳ
ଚଷା ଯାଏ ତା କ୍ଷେତକୁ ।
ମନ୍ଦିର ରେ ଶୁଭେ ଘଣ୍ଟଘଣ୍ଟା ଧ୍ୱନି
ସରଗକୁ ଛୁଇଁ ଯାଏ,
ମନ୍ତ୍ର ଉଚ୍ଚାରଣ ପୁରାଣ ପାଠର
ପ୍ରତିଧ୍ୱନି ଶୁଭୁଥାଏ ।

♥ ସହକାରୀ ଶିକ୍ଷକ
ଏନ୍.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ
ପାରାଦୀପ, (ମୋ)୯୦୪୦୮୭୦୧୦୦

## ଆସ ସାଥୀ !
### କୃଷ୍ଣା ମିଶ୍ର

ଆସ ସାଥୀ ! ଦୁଆର ଯେ ଖୋଲା,
ପ୍ରବେଶ କର....
ନା' ନା'.... ଟିକିଏ ଅପେକ୍ଷା କର !

ଏରୁଣ୍ଡିର ପାପୋଛ ରେ, ସ୍ୱୟଂର ଅହଂକୁ
ଝାଡି ଦେବ !
ଛାତରେ ଲୋଟିଛି ମାଳତୀ ଲତା,
କ୍ରୋଧର ପସରା ସେଇଠି ଅଜାଡ଼ି ଦେବ !
ମନର ଭଗ୍ନାଂଶକୁ ରଖି ଦେବ,
ଚଉରା ମୂଳରେ....
ଜୀବନର ବ୍ୟସ୍ତତାକୁ ଓହଳେଇ ଦେବ
ପାଚେରୀ ଖୁଣ୍ଟରେ....
ଶୁଭୁଛି ଶିଶୁଙ୍କ କୋଳାହଳ,
ସେଥିରୁ, ଦୁଷ୍ଟାମୀ ଟିକିଏ ମାଗି ଆଣିବ....
ଉପବନେ ଫୁଲର ରଙ୍ଗୀନ ଛିଟା,
ସେଥିରୁ କିଛି ଶରୀରେ ମାଖିବ...

ଆସ ! ତୁମର ସବୁ ଦ୍ୱନ୍ଦ, ମୋତେ ଦିଅ !
ତୁମ କ୍ଲାନ୍ତ ଶରୀର, କରିଦେବି ଶ୍ୱେଦ ମୁକ୍ତ...
ଦେଖ ! ସନ୍ଧ୍ୟାର ଗାଲିଚା ବିଛାଇ,
ତାରା ଫୁଲେ ସଜାଇଛି,
ଜ୍ୟୋସ୍ନାର କିରଣ, ଚଉଦିଗେ ବିଞ୍ଚି ଦେଇଛି,
ପ୍ରୀତି ଓ ବିଶ୍ୱାସ ର ଆଞ୍ଚରେ ଚା' ତିଆରିଛି,
ଧୀରେ ଧୀରେ ପିଇବ !
ଦୁନିଆରେ ବଞ୍ଚିବାଟା,
ଏତିକି ବି କଷ୍ଟ ନୁହଁ... ?
ଆସ !

♥ ରାୟଗଡ଼, ଛତିଶଗଡ
ଅଧ୍ୟାପିକା, ଓ ପି ଜିନ୍ଦଲ ବିଦ୍ୟାଳୟ
(ମୋ) ୯୩୦୧୦୧୨୩୩୩

## କହିଦିଅ ମତେ...
### ଜୟନ୍ତ କୁମାର ମଲ୍ଲିକ୍

ପାଦରେ ତୁମର କଣ୍ଟା ଫୁଟିଗଲେ
ମୋ ଆଖିରୁ ଲୁହ ଝରେ
ମନକଥା ତୁମ ଖୋଲି କହିଦିଅ
ମୋ ପାଖରେ ଆସି ଥରେ ।

କେତେ କେତେ ଦିନ ବିତି ଯାଇଅଛି
ଉତ୍ତର ପଡ଼ିଛି ବାକି
ଆମ ଏ ମିଳନ କାହାଣୀ ହୋଇବ
କେହି ତ ନାହାଁନ୍ତି ସାକ୍ଷୀ ।
ହୃଦୟର ଖାତା ଖୋଲା ପଡ଼ିଅଛି
ପଦେ ବି ଲେଖୁନି କାହିଁ
କଲମ ଧରିଲେ ହାତ ମୋ ଥରୁଛି
ମୁଣ୍ଡ ବି ମାରୁଛି ଝାଇଁ ।

ନିରବ ନରହି କହିଦିଅ ଆଜି
ଅନ୍ତରର କଥା ମତେ
ମରୁଭୂମି ସମ ଚାହିଁ ମୁଁ ବସିଛି
ଭୁଲିତ ହେଉନି ସତେ ।

♥ ଶୂରଡିହ, ନନ୍ଦିପୁର, ଯାଜପୁର
(ମୋ)୯୪୩୭୮୬୫୭୨୭

# ସବୁଜ ଭାରତ ତରଫରୁ ବୃକ୍ଷରୋପଣ

ଭୁବନେଶ୍ୱର,୨୭/୧୨ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ ସବୁଜ ଭାରତ ତରଫରୁ ଭୁବନେଶ୍ୱରସ୍ଥିତ ୟୁ.ପି.ଏଚ୍.ସି. ହସ୍ପିଟାଲ ଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ହରିଜନ ସେବକ ସଂଘ ରାଜ୍ୟ ସମ୍ପାଦକ ଆର୍ଯ୍ୟଭଟ୍ଟ ମହାନ୍ତି ଯୋଗଦେଇ ବିଭିନ୍ନ ଫୁଲଚାରା ରୋପଣ କରିବା ସହିତ ସବୁଜ ଭାରତର ଏଭଳି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ମନୁଷ୍ୟ ଓ ବୃକ୍ଷ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି। ବୃକ୍ଷ ବିନା ମଣିଷ ବଂଚିବା ଅସମ୍ଭବ। କିନ୍ତୁ ଆଜିର ସମାଜରେ ମନୁଷ୍ୟମାନେ ଗଛଟିଏ ଲଗାଇବା ବଦଳରେ ବୃକ୍ଷକୁ ଛେଦନ କରିବାରେ ଲାଗିଛନ୍ତି। ଫଳରେ ପରିବେଶ ପ୍ରଦୂଷଣ ହେବା ସହିତ ଜଳବାୟୁ ପରିବର୍ତ୍ତନରେ ମଧ ଘୋର ସଙ୍କଟ ଦେଖା ଦେଉଛି। ତେଣୁ ବୃକ୍ଷ ଛେଦନ କିରବା ପରିବର୍ତ୍ତେ ପ୍ରତ୍ୟେକ ମଣିଷ ଗୋଟିଏ ଗୋଟିଏ ବୃକ୍ଷ ଲଗାଇବା ଦରକାର। ସମ୍ମାନିତ ଅତିଥି ଭାବେ ୟୁ.ପି.ଏଚ୍.ସି. ମେଡ଼ିକାଲ ଇନ୍‌ଚାର୍ଜ ଡଃ ପୂର୍ଣ୍ଣଚନ୍ଦ୍ର ରଥ ଯୋଗଦେଇ କହିଲେ, ସବୁଜ ଭାରତ ଅନୁଷ୍ଠାନ ଓ ଏହାର କର୍ମକର୍ତ୍ତାମାନେ ହେଲେ ମୋ ବାମ ଓ ଡ଼ାହାଣ ହାତ। ସେମାନଙ୍କ ବିନା ମୁଁ ପାଦେ ଆଗକୁ ବଢ଼ିପାରିବି ନାହିଁ। ସୋମନେ ମୋତେ ଓ ମୋ ଅନୁଷ୍ଠାନକୁ ଯେତେ ସାହାଯ୍ୟ କରୁଛନ୍ତି, ତାକୁ ମୁଁ କେବେ ଭୁଲିପାରିବି ନାହିଁ।

ସବୁଜ ଭାରତର ଅଧ୍ୟକ୍ଷ ସତ୍ୟବ୍ରତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସବିତାରାଣୀ ମିଶ୍ର, ଆସ ପଢ଼ାଇବାର ଆବାହକ ପ୍ରତ୍ୟୟ ପ୍ରଶାନ୍ତ ମହାନ୍ତି, ପ୍ରଫେସର ରମେଶ ଚନ୍ଦ୍ର ପାତାଳସିଂ, ମୁକ୍ତେଶ୍ୱର କଳାକାରର ଉପସଭାପତି ବୈକୁଣ୍ଠ ଭୋଇ, ସୁଶ୍ରୀ ସଙ୍ଗୀତା ଦାସ, ରଶ୍ମିତା ମୁଖୀ, ପୁଷ୍ପାଞ୍ଜଳି, ପ୍ରଶାନ୍ତ ଭୋଇ, ପ୍ରଫେସର ରୁପାଲି ସାହୁ, ନୀଳମଣି ମିଶ୍ର, ବିଶ୍ୱଭୂଷଣ ହରିଚନ୍ଦନ ପ୍ରମୁଖ ଯୋଗଦେଇ ବିଭିନ୍ନ ଫୁଲଗଛ ରୋପଣ କରିଥିଲେ।

# ସବୁଜ ପତ୍ରିକାଧାରୀ ପଂଚାୟତ ନିର୍ବାଚନରେ ଜବାବ ଦେବେ

ଭୁବନେଶ୍ୱର,୨୭/୧୨ (ନି.ପ୍ର): ରାଜ୍ୟ ସରକାର ପଂଚାୟତ ନିର୍ବାଚନ ପୂର୍ବରୁ ବିଭିନ୍ନ ବର୍ଗର ଲୋକମାନଙ୍କ ପାଇଁ ସାହାଯ୍ୟ ଓ ପ୍ୟାକେଜ ଘୋଷଣା କରି ଚାଲିଥିବାବେଳେ ରାଜ୍ୟର ୨୬ଲକ୍ଷ ସବୁଜ ପତ୍ରିକାଧାରୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବାରୁ ସରକାରଙ୍କର ଏହି ଆଭିମୁଖ୍ୟର ନିନ୍ଦା କରିବା ସଙ୍ଗେ ସଙ୍ଗେ ଆଗାମୀ ପଂଚାୟତ ନିର୍ବାଚନରେ ପ୍ରତି ପଂଚାୟତରେ ଥିବା ୩/୪ ଶହ ସବୁଜପତ୍ରିକାଧାରୀ ଏହାର ଉପଯୁକ୍ତ ଜବାବ ଦେବେ ବୋଲି ଏଆଇଟିୟୁସି ସହ ଅନୁବନ୍ଧିତ ନିଖିଳ ଓଡ଼ିଶା ସବୁଜପତ୍ରିକାଧାରୀ ସଂଘର ସଭାପତି ସୁର ଜେନା ଚେତାବନୀ ଶୁଣାଇଛନ୍ତି। ଆଜି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରପତ୍ର ଦେବା ପରେ ସଭାପତି ଶ୍ରୀ ଜେନା ଏକ ପ୍ରେସ୍ ବିବୃତିରେ କହିଛନ୍ତି– ୨୦୧୨ ମସିହା ପରଠାରୁ ରାଜ୍ୟ ସରକାର ସବୁଜପତ୍ରିକାଧାରୀମାନଙ୍କୁ ଆଉ ପରିଚୟପତ୍ର ଦେଉ ନାହାନ୍ତି। ୧୨ ଦଫା ଦାବି ନେଇ ସବୁଜପତ୍ରିକାଧାରୀମାନେ ଲଗାତର ଆନ୍ଦୋଳନ ଚଳାଇବା ଫଳରେ ମୁଖ୍ୟମନ୍ତ୍ରୀ ଏହିସବୁ ଦାବି ସମ୍ପର୍କରେ ବିଚାର କରିବା ପାଇଁ ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କଲେ। ମାତ୍ର ବର୍ଷ ପରେ ବର୍ଷ ବିତିଯାଇଥିଲେ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କାର୍ଯ୍ୟକାରୀ ହେଉ ନାହିଁ।

ଆଜି ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ସ୍ମାରକପତ୍ରରେ ୧୨ ଦଫା ପରିବର୍ତ୍ତେ ମାତ୍ର ୨ ଦଫା ଦାବି ରହିଛି। ଏହା ହେଲା– ସବୁଜ ପତ୍ରିକାଧାରୀମାନଙ୍କୁ ମାସିକ ଏକହଜାର ଟଙ୍କା ପେନସନ ଦିଅ ଏବଂ ସବୁଜପତ୍ରିକାଧାରୀ ପରିବାରରେ ଥିବା ସମସ୍ତ ସଦସ୍ୟଙ୍କୁ ମୁଣ୍ଡପିଛା ୫ କିଲୋ ଚାଉଳ ଯୋଗାଇ ଦିଅ। ଏହି ଦୁଇଟି ଦାବି ପୂରଣ ନ ହେଲେ ପଂଚାୟତ ନିର୍ବାଚନରେ ତା'ର ପ୍ରଭାବ ନିଶ୍ଚୟ ପଡ଼ିବ ବୋଲି କୁହାଯାଇଛି।

# ସ୍ୱର୍ଗତା ପ୍ରଭାତ ମଞ୍ଜରୀ ସ୍ମୃତିସମ୍ମାନ ଉତ୍ସବ

ଭୁବନେଶ୍ୱର,୨୭/୧୨ (ନି.ପ୍ର): ଲକ୍ଷ୍ମୀସାଗର ସ୍ଥିତ ବିଡ଼ିଏ କଲୋନୀ ଟାଉନହଲ୍ ଠାରେ ୧୬ତମ ସ୍ୱର୍ଗତା ପ୍ରଭାତ ମଞ୍ଜରୀ ସ୍ମୃତି ସମ୍ମାନ ସମାରୋହ ପାଳିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦୋଷ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସ୍ୱାମୀ ଜଗନ୍ନାଥ ନନ୍ଦ ଏବଂ ସମ୍ମାନିତ ବକ୍ତା ଭାବେ କାଳୀଚରଣ ଦାସ, ବଳରାମ ରାୟ, ଶୁଭ୍ରାଂଶୁ ମହାନ୍ତି ପ୍ରମୁଖ ଯୋଗଦେଇ ସମାଜ ପ୍ରତି ଥିବା ସ୍ୱର୍ଗତ ମହାନ୍ତିଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ସ୍ୱର୍ଗତା ମହାନ୍ତି ଜଣେ ମହିୟସୀ ମହିଳା ଓ ପରୋପକାରୀ, ସ୍ନେହୀ ଓ ଅମାୟିକ ମହିଳା ଥିଲେ। ବିଶେଷକରି ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ସ୍ନେହ ଓ ଆଶୀର୍ବାଦ ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ପଟ୍ଟନାୟକ କାଳୀଚରଣ ଦାସଙ୍କୁ ପ୍ରଭାତ ମଞ୍ଜରୀ ସମ୍ମାନରେ ସମ୍ମାନିତ କରିଥିଲେ ଏବଂ ବଳରାୟ ରାୟଙ୍କୁ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବକୁ ଜ୍ଞାନ ରଞ୍ଜନ ନାୟକ ସଂଯୋଜନା କରିଥିବାବେଳେ ଅଭିପ୍ସା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିଶୁଶିଳ୍ପୀ ଆରିଭ ନୃତ୍ୟ ପରିବେଷଣ କରିଥିଲେ। ବୀରେନ ମହାନ୍ତି, ଉତ୍ପଳା ମହାନ୍ତି ଓ ଶର୍ମିଳା ମହାନ୍ତି ପ୍ରମୁଖଙ୍କ ସହଯୋଗରେ ଉତ୍ସବଟି ବେଶ ସାଫଲ୍ୟ ମଣ୍ଡିତ ହୋଇପାରିଥିଲା।

# ପଛୁଆ ବର୍ଗଙ୍କୁ ସଂରକ୍ଷଣ ମାମଲାରେ ବିଜେଡି କଟା ଘା'ରେ ଚୂନ ମାରିବା ବନ୍ଦ କରୁ: ସମୀର ମହାନ୍ତି



ଭୁବନେଶ୍ୱର,୨୭/୧୨ (ନି.ପ୍ର): ରାଜ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ସାମ୍ବିଧାନିକ ଅଧିକାରରୁ ବଂଚିତ କରାଇ ନିଜ ଦଳରେ ୪୦ ପ୍ରତିଶତ ଅଧିକାର ଦେବେ ବୋଲି କହି ଶାସକ ଦଳ ବିଜେଡି ଓବିସିଙ୍କ କଟା ଘା'ରେ ଚୂନ ମାରିବା ବନ୍ଦ କରୁ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଶ୍ରୀ ମହାନ୍ତି କହିଛନ୍ତି ଯେ ରାଜ୍ୟରେ ପଂଚାୟତ ଓ ପୌର ନିର୍ବାଚନରେ ବିଜେଡ଼ି ରାଜ୍ୟର ଅନ୍ୟାନ୍ୟ ପଛୁଆ ବର୍ଗରୁ ପ୍ରଥମେ ୨୭ % ଏବଂ ପରେ ୪୦ ପ୍ରତିଶତ କଥା ପ୍ରାର୍ଥୀ କରିବା କଥା କହି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛି। ରାଜ୍ୟରେ ଅବହେଳିତ ଓବିସି ବର୍ଗର ସବୁ ଲୋକଙ୍କୁ ଆଗ୍ରାଧିକାର ତଥା ସାମ୍ବିଧାନିକ ଅଧିକାର ପ୍ରଦାନ କରାଯାଉ। ଓବିସି ବର୍ଗର ଛାତ୍ରଛାତ୍ରୀଙ୍କୁ ପାଠପଢ଼ାରେ, ଯୁବବର୍ଗଙ୍କୁ ଚାକିରିରେ ଓ ରାଜନେତାଙ୍କୁ ନିର୍ବାଚନ ଲଢ଼ିବାର ସୁଯୋଗ ଦେବାକୁ ଆମ ଦଳ ପକ୍ଷରୁ ଦାବୀ କରାଯାଉଛି।

୨୦୧୯ ବିଧାନସଭା ନିର୍ବାଚନରେ ବିଜେପି ଓବିସି ବର୍ଗର ୩୫ ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକଙ୍କୁ ପ୍ରାର୍ଥୀ କରାଇ ଉଦାହରଣ ସୃଷ୍ଟି କରିସାରିଛି । ବିଶ୍ଳେଷଣ କଲେ, ରାଜ୍ୟର ମୋଟ ଜନସଂଖ୍ୟାର ପାଖାପାଖି ୫୪ ପ୍ରତିଶତ ହେଉଛନ୍ତି ଓବିସି ବର୍ଗ। ତେଣୁ ବିଜୁ ଜନତା ଦଳ ଭାଷଣବାଜି ମାରି ଓବିସିଙ୍କ ପ୍ରତି ମିଛ ଦରଦ ଦେଖାଇବା ବନ୍ଦ କରନ୍ତୁ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୂର୍ବରୁ ତିନି ତିନି ଥର ଯଥା ଜୁଲାଇ ୨୫,୨୦୧୯, ଜାନୁଆରୀ ୧୫, ୨୦୨୦ ଏବଂ ଡିସେମ୍ବର ୩୧,୨୦୨୦ରେ ଚିଠି ଲେଖିବା ପରେ ମଧ ମୁଖ୍ୟମନ୍ତ୍ରୀ ଏହି ଅବହେଳିତ ବର୍ଗର ଲୋକଙ୍କୁ ଶିକ୍ଷା ଓ ଚାକିରିରେ ସଂରକ୍ଷଣ ପ୍ରଦାନ ନକରିବା ଦୁର୍ଭାଗ୍ୟଜନକ। ତେଣୁ ରାଜ୍ୟ ସରକାର ଓବିସି ବର୍ଗଙ୍କୁ ଭୂଆଁ ବୁଲାଇବା ବନ୍ଦ କରନ୍ତୁ। ରାଜ୍ୟ ସରକାର ଯୋଜନାବଦ୍ଧ ଭାବେ ଜାଣିଶୁଣି ସଂଖ୍ୟାଧିକ ଜାତିବର୍ଗଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଂଚିତ କରୁଛନ୍ତି। ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରିବା ପାଇଁ ଶାସକ ବିଜେଡି ତରଫରୁ ବାରମ୍ବାର ଭ୍ରମାତ୍ମକ ବୟାନବାଜୀ କରାଯାଉଛି। ପଛୁଆ ବର୍ଗକୁ ତାଙ୍କ ସାମ୍ବିଧାନିକ ଅଧିକାରରୁ ବଂଚିତ କରାଇ ନିଜ ଦଳରେ ସଂରକ୍ଷଣ ଦେବୁ ବୋଲି କହି ଶାସକ ବିଜେଡି କଟା ଘା' ରେ ଚୂନ ମାରୁଛି । ବହୁ ପୂର୍ବରୁ ମାନ୍ୟବର ସୁପ୍ରିମକୋର୍ଟ ଓବିସି ସଂରକ୍ଷଣ ପାଇଁ 'ଟ୍ରିପଲ ଟେଷ୍ଟ' ସଂପର୍କରେ ଉଲ୍ଲେଖ କରିଥିବାବେଳେ ରାଜ୍ୟ ସରକାର ଟେଷ୍ଟରେ ଫେଲ ହେଲେ କାହିଁକି ?ରାଜ୍ୟରେ ଦୀର୍ଘ ଦିନ ଧରି ଓବିସି କମିଶନ ପଦବୀ କାହିଁକି ଖାଲି ପଡି ରହିଥିଲା ? ବିଳମ୍ବରେ ଗଠିତ କମିଶନକୁ ଉପଯୁକ୍ତ କ୍ଷମତା ଆଜି ପର୍ଯ୍ୟନ୍ତ କାହିଁକି ଦିଆଯାଇନାହିଁ ? ଗତ ୨ ବର୍ଷ ଭିତରେ ରାଜ୍ୟ ଓବିସି କମିଶନ କଣ କଣ କାର୍ଯ୍ୟ କରିଛନ୍ତି ଏବଂ କେଉଁ କେଉଁ ଜାତିବର୍ଗ ପଛୁଆ ବର୍ଗରେ ଅନ୍ତର୍ଭୁକ୍ତ ହେବେ, ତାହା ସ୍ଥିରକୃତ କାହିଁକି ହୋଇପାରିନାହିଁ ?

ଚଳିତ ବର୍ଷ ମାର୍ଚ୍ଚ ମାସରେ ମହାରାଷ୍ଟ୍ର ରାଜ୍ୟରେ ଓବିସି ସଂରକ୍ଷଣ ସଂପର୍କିତ ମକଦ୍ଦମାରେ ଜାତି ଜନଗଣନା ଓ ସଂରକ୍ଷଣରେ ଆନୁପାତିକ ପ୍ରତିଶତ ନିର୍ଦ୍ଧାରଣ ନିର୍ଦ୍ଦେଶ ଦେବା ପରେ ମଧ ଓଡିଶା ସରକାର ତଦାନୁଯାୟୀ ପ୍ରସ୍ତୁତ ହେଲେ ନାହିଁ କାହିଁକି ? ପୌର ନିର୍ବାଚନ ସଂରକ୍ଷଣରେ ଅନିୟମିତତା ଦର୍ଶାଇ ଉଚ୍ଚ ନ୍ୟାୟାଳୟ ବିଜ୍ଞପ୍ତିକୁ ବାତିଲ କରିବା ପରେ ଗୋଟିଏ ଏସ୍ଏଲ୍‌ପି ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିଲା କି ? ଯଦି ରଥଯାତ୍ରା ବନ୍ଦ କରିବା ପାଇଁ ହରିଶ ସାଲଭେ ଓ ପରୀ ହତ୍ୟାକାଣ୍ଡ ମକଦ୍ଦମାରେ ଦିନକୁ କୋଟି କୋଟି ଟଙ୍କା ନେଉଥିବା ଓକିଲଙ୍କୁ ସୁପ୍ରିମକୋର୍ଟରେ ରାଜ୍ୟ ସରକାର ନିୟୋଜିତ କରାଇ ପାରିଲେ, ତେବେ ପାଖାପାଖି ୫୪ ପ୍ରତିଶତ ଓବିସିଙ୍କ ସ୍ୱାର୍ଥ ରକ୍ଷା ପାଇଁ ଭଲ ଭାବରେ ଆଇନଗତ ଲଢେଇ ଲଢୁନାହାନ୍ତି କାହିଁକି ? ମାନ୍ୟବର ହାଇକୋର୍ଟରେ ଓଡ଼ିଶା ଆଡଭୋକେଟ୍ ଜେନେରାଲଙ୍କ ଏହି ପ୍ରସଙ୍ଗରେ ଉପସ୍ଥାପନା ଓବିସି ବିରୋଧୀ ସ୍ପଷ୍ଟ ଜଣାପଡୁଛି।

# ପ୍ଲାନେଟାରିୟମରେ ଦର୍ଶକ ଦେଖିଲେ ସୌରଜଗତ, ମହାଜାଗତିକ ଦୃଶ୍ୟ



ଭୁବନେଶ୍ୱର ,୨୭/୧୨ (ନି.ପ୍ର): ନବବର୍ଷକୁ ସ୍ୱାଗତ ପର୍ବ ଆରମ୍ଭ ହୋଇଯାଇଥିବା ବେଳେ ପର୍ଯ୍ୟଟକ ଭ୍ରମଣମନସ୍କ ହେଲେଣି। ସହରର ବିଭିନ୍ନ ଐତିହ୍ୟସ୍ଥଳୀ, ଦର୍ଶନୀୟ ସ୍ଥାନ, ନନ୍ଦନକାନନ ପ୍ରାଣୀ ଉଦ୍ୟାନ, ଉଦ୍ଭିଦ ଉଦ୍ୟାନ ସହ ପିକ୍‌ନିକ ସ୍ପଟ୍‌ରେ ଲୋକଙ୍କ ଭିଡ଼ ଜମିଲାଣି। ସବୁଠି ମାଳମାଳ ପର୍ଯ୍ୟଟକ। ଏହି କ୍ରମରେ ପଠାଣି ସାମନ୍ତ ପ୍ଲାନେଟାରିୟମ୍ ବି ବାଦ୍ ପଡ଼ିନି। ସୌରଜଗତ, ମହାଜାଗତିକ ଦୃଶ୍ୟ ଦେଖିବାକୁ ୨ ଦିନ ହେଲା ପ୍ଲାନେଟୋରିୟମ୍‌କୁ ଶହଶହ ପର୍ଯ୍ୟଟକ ଛୁଟୁଛନ୍ତି। ଦର୍ଶକଙ୍କ ଭିଡ଼ ଦେଖି ପ୍ଲାନେଟୋରିୟମ ପକ୍ଷରୁ ମଧ ସକାଳ ୬ଟାରୁ ସଂଧ୍ୟା ୭ଟା ମଧରେ ୧୦ଟି ସୋ'ର ବ୍ୟବସ୍ଥା କରାଯାଇଥିଲା। ସୋ'ଗୁଡ଼ିକୁ ସମୟକ୍ରମେ ଓଡ଼ିଆ, ହିନ୍ଦୀ ଭାଷାରେ ପରିବେଷଣ କରାଯାଇଥିଲା। ୨୫ ତାରିଖରେ ୧୦ଟି ସୋ'କୁ ସର୍ବମୋଟ୍ ୧୧୦୯ଜଣ ଦର୍ଶକ ଉପଭୋଗ କରିଥିବା ରବିବାର ଦିନ ୧୧୯୭ଜଣ ଦର୍ଶକ ସୋ' ଦେଖିଥିଲେ। ଶନିବାର ଦିନ ସୋ' ବାବଦକୁ ମୋଟ୍ ୨୭ହଜାର ୭୫୦ ଟଙ୍କା ଆଦାୟ ହୋଇଥିବା ବେଳେ ରବିବାର ଦିନ ୩୧ ହଜାର ୧୨୦ ଟଙ୍କା ଆଦାୟ ହୋଇଛି। ରବିବାର ଦିନ ପ୍ଲାନେଟାରିୟମ୍‌ର ଦର୍ଶକ ସଂଖ୍ୟା ଓ ଆଦାୟ ହୋଇଥିବା ଫି' ଚଳିତ ବର୍ଷରେ ସର୍ବାଧିକ।

# ମଧ୍ୟସ୍ଥିମାନଙ୍କ ପାଇଁ ଛଅଦିନିଆ ପ୍ରଶିକ୍ଷଣ ତଥା ଦିଗ୍‌ଦର୍ଶନ ଶିବିର

ଭୁବନେଶ୍ୱର,୨୭/୧୨ (ନି.ପ୍ର): ନୂତନ ଉପଭୋକ୍ତା ଅଧିନିୟମ ୨୦୧୯ରେ ମଧ୍ୟସ୍ଥତା କେନ୍ଦ୍ର ସ୍ଥାପନ ମାଧ୍ୟମରେ ଉପଭୋକ୍ତା ବିବାଦର ସମାଧାନ ଏକ ସମୟୋଚିତ ପଦକ୍ଷେପ । ଏହାଦ୍ୱାରା ଉପଭୋକ୍ତା ବିବାଦର ସହଜରେ ଓ ତୁରନ୍ତ ସମାଧାନ ହୋଇପାରିବ ଏବଂ ଉପଭୋକ୍ତା ମାମଲା ବହୁପରିମାଣରେ ହ୍ରାସ ପାଇବ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟସ୍ଥତାମାନଙ୍କ ପ୍ରଶିକ୍ଷଣ ଶିବିରରେ କହିଛନ୍ତି। ଆଜି କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ରାଜ୍ୟ ଉପଭୋକ୍ତା ସଚେତନତା ପ୍ରତିଷ୍ଠାନ ଏବଂ ସେଂଟର ଫର କନ୍‌ଜ୍ୟୁମର ଲ ପକ୍ଷରୁ ଦିଲ୍ଲୀ ଉଚ୍ଚନ୍ୟାୟାଳୟର ମଧ୍ୟସ୍ଥତା ଏବଂ ମିଳାମିଶା କେନ୍ଦ୍ର 'ସମାଧାନ'ର ସହାୟତାରେ ମଧ୍ୟସ୍ଥିମାନଙ୍କ ପାଇଁ ଆୟୋଜିତ ଛଅଦିନିଆ ପ୍ରଶିକ୍ଷଣ ତଥା ଦିଗ୍‌ଦର୍ଶନ ଶିବିରକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ମଧ୍ୟସ୍ଥତା କେନ୍ଦ୍ର ଉପଭୋକ୍ତା ବିବାଦ ସମାଧାନ ଦିଗରେ ଏକ ଉତ୍ତମ ବିକଳ୍ପ ପନ୍ଥା ଭାବରେ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇପାରିବ । ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସମାଧାନ ଏକ ପ୍ରାଚୀନ ପନ୍ଥା ଏବଂ ପୁରାଣରେ ନାରଦ ମୁନି ଜଣେ ସଫଳ ମଧ୍ୟସ୍ଥି ଭାବେ ସୁନାମ ଅର୍ଜନ କରିଥିଲେ ବୋଲି ବର୍ଣ୍ଣିତ ହୋଇଛି । ଏହି ପରିପ୍ରେକ୍ଷୀରେ ମଧ୍ୟସ୍ଥତା କରୁଥିବା ବ୍ୟକ୍ତିଙ୍କର ମଧ୍ୟସ୍ଥତାର କଳା ସଂପର୍କରେ ପୂର୍ଣ୍ଣ ଦକ୍ଷତା ହାସଲ କରିବା ସହିତ ଉପଭୋକ୍ତା ଅଧିନିୟମ ସଂପର୍କରେ ଜ୍ଞାନର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଉପଭୋକ୍ତା ସୁରକ୍ଷା ଅଧିନିୟମ ୨୦୧୯ ଅନୁଯାୟୀ ଯେଉଁସବୁ ବିବାଦଗୁଡ଼ିକ ମଧ୍ୟସ୍ଥତା କେନ୍ଦ୍ର ମାଧ୍ୟମରେ ସମାଧାନ କରିହେବ, ସେଗୁଡ଼ିକ ଯେପରି ମଧ୍ୟସ୍ଥତା ଦ୍ୱାରା ସମାଧାନ ହୋଇ କ୍ଷତିଗ୍ରସ୍ତ ଉପଭୋକ୍ତାଙ୍କୁ ନ୍ୟାୟ ମିଳିପାରିବ ସେଥି ନିମନ୍ତେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଅନୁସୂଚିତ ଜନଜାତିବହୁଳ ଜିଲ୍ଲାରେ ଯେଉଁଠି ଉପଭୋକ୍ତାମାନେ ଅଧିନିୟମ ସଂପର୍କରେ ଅଧିକ ସଚେତନ ନୁହଁନ୍ତି, ସେଠାରେ ମଧ୍ୟସ୍ଥତା କେନ୍ଦ୍ରଗୁଡ଼ିକ ଉପଭୋକ୍ତାମାନଙ୍କ ନିମନ୍ତେ ଅତ୍ୟନ୍ତ ଲାଭଦାୟକ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି । ମଧ୍ୟସ୍ଥତା ପ୍ରଶିକ୍ଷଣ ଶିବିର ଦକ୍ଷ ମଧ୍ୟସ୍ଥି ସୃଷ୍ଟି କରିବାରେ ଉପାଦେୟ ସାବ୍ୟସ୍ତ ହେବ ଏବଂ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଉଦ୍ୟମରେ ଏପରି ଏକ ଶିବିର ଆୟୋଜନ କରାଯାଇଥିବାରୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସନ୍ତୋଷ ବ୍ୟକ୍ତ କରିଛନ୍ତି । କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପରିସରରେ ଡିସେମ୍ବର ୨୬ ତାରିଖରୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୪୫ ଘଂଟିଆ ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବେଦକୁମାରୀ, କୁଳସଚିବ ପ୍ରଫେସର ଯୋଗେଶ ପ୍ରତାପ ସିଂ, ରାଜ୍ୟ ସରକାରଙ୍କ ଖାଉଟି କଲ୍ୟାଣ ଉପଦେଷ୍ଟା ପ୍ରଫେସର ବେଜୋନ୍ ମିଶ୍ର, ଉପଭୋକ୍ତା ବିଶାରଦ ଡ. ମୟଙ୍କ ତିୱାରୀ, ଦିଲ୍ଲୀ ଉଚ୍ଚନ୍ୟାୟାଳୟର ଆଡ୍‌ଭୋକେଟ୍ ଶ୍ରୀମତୀ ବୀଣା ରାଲିଙ୍କ ସମେତ ବହୁ ଖାଉଟି ବିଶାରଦ ଏବଂ ମଧ୍ୟସ୍ଥିମାନେ ଯୋଗଦେଇଥିଲେ ।

# ଓଡ଼ିଶାରେ ଫଳିଛି ଥାଇଲାଣ୍ଡ କୋଳି: ଯୁବଚାଷୀ ଦିଲ୍ଲୀପଙ୍କ ନିଆରା ପ୍ରୟାସ



ଭୁବନେଶ୍ୱର,୨୭/୧୨ (ନି.ପ୍ର): ଦେଶ ବିଦେଶରୁ ହାଇବ୍ରିଡ୍ ପନିପରିବା ଚାରା ଆଣି ଓଡ଼ିଶା ମାଟିରେ ଚାଷ କରି ଅନେକ ଚାଷୀ ଲାଭବାନ ହେଉଛନ୍ତି । ଠିକ ସେହିପରି ଥାଇଲାଣ୍ଡର ବରକୋଳି ଚାଷ କରି ପୁରୀ ଜିଲ୍ଲା ବଳଙ୍ଗା ଉଛୁପୁର ନୂଆସାହିର ଶିକ୍ଷିତ ଯୁବଚାଷୀ ଦିଲ୍ଲୀପ ବିଶ୍ୱାଳ ପ୍ରେରଣାର ଉତ୍ସ ପାଲଟିଛନ୍ତି । କରୋନା ସମୟରେ କାମ ଧନ୍ଦା ହରାଇ ନୂଆ କିଛି କରିବାର ଉପାୟ ଖୋଜୁ ଖୋଜୁ ଏଭଳି ଏକ ଚାଷ କରିବା ପାଇଁ ମନବଳାଇଥିଲେ ଦିଲ୍ଲୀପ । ଅନଲାଇନରେ ଏହି ଚାଷ ସମ୍ପର୍କରେ ଜାଣିବାକୁ ପାଇ ନିଜ ଜମିରେ ଏହାର ପ୍ରୟୋଗ କରିଥିଲେ। ଦିଲ୍ଲୀପ ଏବଂ ତାଙ୍କ ବାପାଙ୍କ ପରିଶ୍ରମ ଯୋଗୁଁ ଏବେ ତାଙ୍କ ଜମିରେ ଫଳିଛି ଥାଇଲାଣ୍ଡ କୋଳି। ଏହାକୁ ନିକଟସ୍ଥ ବଜାରରେ ବିକ୍ରୟ କରି ରୋଜଗାରକ୍ଷମ ହୋଇପାରିଛନ୍ତି ଦିଲ୍ଲୀପ । କିଛି ନୂଆ କରିବାର ଇଚ୍ଛା ଥିଲେ ସଫଳତା ନିଶ୍ଚୟ ମିଳିଥାଏ । ଆଉ ଏହାକୁ ପ୍ରମାଣ କରି ଦେଖାଇଛନ୍ତି ପୁରୀ ଜିଲ୍ଲା ବଳଙ୍ଗା ଉଛୁପୁର ନୂଆସାହିର ଶିକ୍ଷିତ ଯୁବଚାଷୀ ଦିଲ୍ଲୀପ ବିଶ୍ୱାଳ। କଲିକତା ଏଜେଣ୍ଟଙ୍କ ଜରିଆରେ ସୁଦୁର ଥାଇଲାଣ୍ଡରୁ ବରକୋଳି ଚାରା ଆଣି ନିଜ ଜମିରେ ଫଳାଇଛନ୍ତି ଥାଇଲାଣ୍ଡ ବରକୋଳି। ଏଥିରୁ ସେ ଲାଭ ପାଇବା ସହ ନିଜେ ଆତ୍ମନିର୍ଭର ହୋଇପାରିଛନ୍ତି। ଆଉ ଅନ୍ୟ ଯୁବପୀଢିଙ୍କୁ ନୂଆ କିଛି କରିବାର ପ୍ରେରଣା ଯୋଗାଇଛନ୍ତି । ଚାରି ମାସ ତଳେ ନିଜ ଜମିରେ ୧୫୦ ଚାରା ଲଗାଇଥିଲେ । ବାତ୍ୟା ଜୱାଦ ପ୍ରଭାବରେ ଜମିରେ ପାଣି ଜମି ରହିବା ଯୋଗୁଁ ଅନେକ ଗଛ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଆଉ ଏବେ ଯେତିକି ଗଛ ଅଛି ତାର ଉପଯୁକ୍ତ ଯତ୍ନ ନେଉଛନ୍ତି ।

# ୨୫ ଲକ୍ଷରୁ ଅଧିକ ପିଲାଙ୍କୁ କୋଭିଡ ଟିକା ଦିଆଯିବ : ପରିବାର କଲ୍ୟାଣ ନିର୍ଦ୍ଦେଶକ



ଭୁବନେଶ୍ୱର,୨୭/୧୨ (ନି.ପ୍ର): ୧୫ ବର୍ଷରୁ ୧୮ବର୍ଷ ବୟସ୍କ ୨୫ ଲକ୍ଷରୁ ଅଧିକ ପିଲାଙ୍କୁ କୋଭିଡ ଟିକା ଦିଆଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେମାନଙ୍କୁ ଜାନୁଆରି ୩ ତାରିଖରୁ ଟିକା ଦିଆଯିବ। ସେ କହିଛନ୍ତି, ରାଜ୍ୟରେ ୧୫ ବର୍ଷରୁ ୧୮ବର୍ଷ ବୟସ୍କ ୨୫ ଲକ୍ଷ ୫୩ ହଜାର ପିଲା ଅଛନ୍ତି। ଏହାଛଡ଼ା ୬୦ ବର୍ଷ ବୟସରୁ ଅଧିକ ୫୨ ଲକ୍ଷ ୩୭ ହଜାର ଲୋକ ଅଛନ୍ତି। ସେମାନଙ୍କ ଭିତରୁ ଜଟିଳ ରୋଗରେ ପୀଡ଼ିତ ବ୍ୟକ୍ତି ନିଜ ଡାକ୍ତରଙ୍କ ସହ ପରାମର୍ଶ କରି ଟିକା ନେବେ। ରାଜ୍ୟରେ ୭ ଲକ୍ଷ ୫ ହଜାର ସ୍ୱାସ୍ଥ୍ୟକର୍ମୀ ଦୁଇଟି ଡୋଜ ନେଇଛନ୍ତି। ସେମାନଙ୍କୁ ଜାନୁଆରି ୧୦ ତାରିଖରୁ ବୁଷ୍ଟର ଡୋଜ ଦିଆଯିବ। ଟିକାକରଣ ପାଇଁ ରାଜ୍ୟରେ ୨୬୦୦ ସହ ଷ୍ଟେସନ କାର୍ଯ୍ୟକାରୀ ଅଛି। ଆବଶ୍ୟକ ପଡ଼ିଲେ ସ୍କୁଲ ଓ କଲେଜରେ ଟିକା ଦେବାକୁ ବ୍ୟବସ୍ଥା କରାଯିବ। ଯେହେତୁ ସ୍କୁଲ କଲେଜରେ ଶିକ୍ଷକ ଉପସ୍ଥିତ ରହିବେ ତେଣୁ ଆବଶ୍ୟକ ପଡ଼ିଲେ ଅଭିଭାବକ ମାନଙ୍କୁ ପିଲାଙ୍କ ସହିତ ଆସିବାକୁ ପଡ଼ିବ। ଅନୁମତି ପାଇଥିବା ଦୁଇଟି ଟିକା ମଧ୍ୟରୁ ପିଲାମାନଙ୍କୁ କେଉଁ ଟିକା ଦିଆଯିବ ତାହା ସ୍ପଷ୍ଟ ହୋଇନି। ମାର୍ଗଦର୍ଶିକା ଆସିବା ପରେ ସ୍ପଷ୍ଟ ହେବ। ନିୟମ ଅନୁସାରେ ଯିଏ ଯେଉଁ ଟିକା ନେଇଛନ୍ତି ପ୍ରିକେସନ ଡୋଜ (ବୁଷ୍ଟର) ହିସାବରେ ସେହି ଟିକା ନେବା କଥା। ବର୍ତ୍ତମାନ ୨୬୦୦ସେସନ ସାଇଟରେ ଟିକାକରଣ ଚାଲିଛି। ପ୍ରତି ବ୍ଲକରେ ୮ ଟି ମୋବାଇଲ ଭ୍ୟାନ ବୁଲି ଟିକାକରଣ କରୁଛନ୍ତି। ପ୍ରଥମ ଡୋଜ ନେବାକୁ ୨୯ ଲକ୍ଷ ଲୋକ ବାକି ଅଛନ୍ତି ଓ ଦ୍ୱିତୀୟ ଡୋଜ ନେବାକୁ ୩୦ ଲକ୍ଷ ଲୋକ ବାକି ଅଛନ୍ତି। ଏଣେ ଓଡ଼ିଶାରେ ଏପର୍ଯ୍ୟନ୍ତ ମାତ୍ର ୧୮ଟି ବିଦେଶ ଫେରନ୍ତା ନମୁନାର ଜିନୋମ ସିକ୍ୱେନସିଂ ହୋଇଛି ଓ ୮ଟି ଓମିକ୍ରନ ପଜିଟିଭ ଆସିଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୧୨୩ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୭/୧୨ (ନି.ପ୍ର): ଗତ ୨୪ ଘଣ୍ଟା ମଧରେ ରାଜ୍ୟରେ ୧୨୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧରୁ ୭୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୫୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୧୭ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୫୩ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

ଗତ ୨୪ ଘଣ୍ଟା ମଧରେ ବାଲେଶ୍ୱର ଜିଲ୍ଲାରୁ ୩ ଜଣ, ଭଦ୍ରକରୁ ୧ ଜଣ, କଟକରୁ ୧୦ ଜଣ, ଦେବଗଡ଼ରୁ ୨ ଜଣ, ଗଜପତିରୁ ୪ ଜଣ, ଗଞ୍ଜାମରୁ ୧ ଜଣ, ଜଗତସିଂହପୁରରୁ ୨ ଜଣ, ଯାଜପୁରରୁ ୫ ଜଣ, ଖୋର୍ଦ୍ଧାରୁ ୫୩ ଜଣ, ମୟୂରଭଞ୍ଜରୁ ୮ ଜଣ, ନୟାଗଡ଼ରୁ ୧ ଜଣ, ପୁରୀରୁ ୨ ଜଣ, ସମ୍ବଲପୁରରୁ ୧୯ ଜଣ ଓ ଷ୍ଟେଟ ପୁଲରୁ ୧୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୫୪ ହଜାର ୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ଭିତରୁ ୧୦ ଲକ୍ଷ ୪୩ ହଜାର ୯୨୬ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧ ହଜାର ୫୭୨ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# 'କେମ୍‌କନ୍-୨୦୨୧' ଉଦ୍‌ଘାଟିତ : କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ ଉଦ୍ୟୋଗୀଙ୍କୁ ପୁଞ୍ଜିନିବେଶ ପାଇଁ ଆହ୍ୱାନ

ଭୁବନେଶ୍ୱର ,୨୭/୧୨ (ନି.ପ୍ର): ଧାତୁ ଏବଂ ଖଣିଜ କ୍ଷେତ୍ର ଦ୍ୱାରା ପରିଚାଳିତ ଶିଳ୍ପର ବିକାଶ ଦିଗରେ ଓଡ଼ିଶା ଆଗକୁ ବଢୁଛି। ଦେଶରେ ଅନ୍ୟ ରାଜ୍ୟ ଅପେକ୍ଷା ଉତ୍ପାଦନ ନିବେଶ କ୍ଷେତ୍ରରେ ଓଡ଼ିଶା କ୍ରମାଗତ ଭାବେ ଶୀର୍ଷରେ ରହିଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି କେମିକାଲ୍ସ ଏବଂ ପେଟ୍ରୋକେମିକାଲ୍ସ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଉଛି। ଉଦ୍ୟୋଗୀମାନେ ଏହି ଶିଳ୍ପରେ ପୁଞ୍ଜି ନିବେଶ କରନ୍ତୁ। ଏହି ଶିଳ୍ପଗୁଡ଼ିକର ବିକାଶ ପାଇଁ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ଯୋଗାଇଦିଆଯିବ। ଆଜି ଇଣ୍ଡିଆନ କେମିକାଲ ଇଞ୍ଜିନିୟରିଂ କଂଗ୍ରେସ ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ କେମିକାଲ ଇଞ୍ଜିନିୟର୍ସ (ଆଇଆଇସିଏଚଇ)ର ୭୪ତମ ବାର୍ଷିକ ଅଧିବେଶନ 'କେମ୍‌କନ୍-୨୦୨୧'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ବାର୍ତ୍ତା ଦେଇଛନ୍ତି। ରାଜ୍ୟରେ ରାସାୟନିକ ଓ ପେଟ୍ରୋକେମିକାଲ୍ସ ଉଦ୍ୟୋଗୀଙ୍କୁ ପୁଞ୍ଜିନିବେଶ ପାଇଁ ସେ ଆହ୍ୱାନ ଦେଇଛନ୍ତି। ସିଏସଆଇଆର-ଇନଷ୍ଟିଚ୍ୟୁଟ ଅଫ ମିନେରାଲସ୍ ଆଣ୍ଡ ମ୍ୟାଟେରିଆଲସ ଟେକ୍ନୋଲୋଜିଠାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବର ଶୀର୍ଷକ 'ରାସାୟନିକ ଏବଂ ଖଣିଜ କ୍ଷେତ୍ର ପାଇଁ ସମ୍ବଳର ନିରନ୍ତର ବ୍ୟବହାର'ରେ ଅତିଥିମାନେ ମତ ରଖି କହିଥିଲେ ଯେ, ରାଜ୍ୟରେ ଭରପୂର ଖଣିଜ ସମ୍ପଦ ରହିଛି। ସେହିପରି ପେଟ୍ରୋକେମିକାଲ୍ସ ଏବଂ କେମିକାଲ୍ସ ଶିଳ୍ପ ବଢୁଛି। ହେଲେ ଏହାର ବିକାଶ ପାଇଁ ଅନେକ ସୁଧାର ଆଣିବାର ଅଛି। ଏଥିପାଇଁ ୨୦୨୫ ସୁଦ୍ଧା ରାଜ୍ୟରେ ଖଣିଜ ସମ୍ପଦ ଏବଂ ପେଟ୍ରୋକେମିକାଲ୍ସ ଶିଳ୍ପରେ ଜିରୋ ଓ୍ୱେଷ୍ଟେଜ୍ ମ୍ୟାନେଜ୍‌ମେଣ୍ଟ ଏବଂ ପୁନଃବିନିଯୋଗ ପ୍ରକ୍ରିୟାକରଣ ପାଇଁ ପଦକ୍ଷେପ ନିଆଯିବ। ଯାହାକି ରାଜ୍ୟ ତଥା ଦେଶର ବିକାଶରେ ସହାୟକ ହେବ। ଏହି ଅବସରରେ ସିଏସ୍ଆଇଆର-ଆଇଏମ୍ଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ସୁଧାସତ୍ୱ ବାସୁ, ଡ. ସି ଈଶ୍ୱରିଆ, ଡ. ଜିକେ ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସିଏସ୍ଆଇଆରର ଡାଇରେକ୍ଟର ଜେନେରାଲ ଏବଂ ଡିଏସଆଇଆରର ସେକ୍ରେଟାରି ଡ ଶେଖର ସି ମାଣ୍ଡେ, ଆଇଓସିଏଲ୍‌ର ସିଏମ୍‌ଡି ଏସ୍ଏମ୍ ବୈଦ୍ୟ, ଆଦିତ୍ୟ ବିର୍ଲା କେମିକାଲସ୍‌ର ଡାଇରେକ୍ଟର ଡ. ସନ୍ତୃପ୍ତ ମିଶ୍ର, ଏକ୍ସେଲ ଇଣ୍ଡଷ୍ଟ୍ରିର ଅଧ୍ୟକ୍ଷ ଅଶ୍ୱିନୀ ସ୍ରଫ ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ।

# ଖୋର୍ଦ୍ଧାରେ ବିଶାଳ ପାଇକ ସମାବେଶ

ଖୋର୍ଦ୍ଧା,୨୭/୧୨ (ନି.ପ୍ର): ୧୮୧୭ ମସିହାର ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଘୋଷଣା ଦାବିରେ ଓ ଖୋର୍ଦ୍ଧାରେ ପ୍ରସ୍ତାବିତ ପାଇକ ସ୍ମୃତିସ୍ତମ୍ଭ ନିର୍ମାଣ ଜାଗାକୁ ବିନା ମୂଲ୍ୟରେ ପ୍ରଦାନ କରିବା ଦାବିରେ ଓଡ଼ିଶା ବୀର ମହାସଂଘ ପକ୍ଷରୁ ଆଜି ରାଜଧାନୀ ଭୁବନେଶ୍ୱରରେ ଏକ ବିଶାଳ ଜନଗର୍ଜନ ପାଇକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ୫୦୦୦ରୁ ଊର୍ଦ୍ଧ୍ୱ ପାଇକ ଯୋଗଦେଇ ରଣବାଦ୍ୟର ତାଳେ ତାଳେ ପାରମ୍ପରିକ ପାଇକ ବେଶପୋଷାକ ପିନ୍ଧି, ଗଦା, ମୁଦ୍‌ଗର, ଖଣ୍ଡା, ବନାଟି ଆଦି ଚାଳନା କରିବା ସହ ପାଇକ ବୋଲି ଗାନ କରି ଦାବି ପୂରଣ ପାଇଁ ବିରାଟ ଶୋଭାଯାତ୍ରାରେ ମାଷ୍ଟର କ୍ୟାଂଟିନ ଛକରୁ ବାହାରି ରାମ ମନ୍ଦିର ଦେଇ ଏକାମ୍ରହାଟ ସମ୍ମୁଖ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଓଡ଼ିଶା ବୀର ମହାସଂଘର ସଭାପତି ଡଃ ପ୍ରକାଶ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ମହାସଂଘର ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଓଡ଼ିଆଜାତିର ଗର୍ବିତ ସାମରିକ ପରମ୍ପରା ଉପରେ କୁଠାରଘାତ ହୋଇଥିବାରୁ ଏହା ସମଗ୍ର ଓଡ଼ିଶାର ଜନସାଧାରଣଙ୍କ ମନରେ ଆଘାତ ସୃଷ୍ଟି ହୋଇଛି। ତେଣୁ ଆସନ୍ତା ଜାନୁୟାରୀ ମାସ ୨୩ ତାରିଖ ସୁଦ୍ଧା ଯଦି ଆମର ଦାବି ପୂରଣ ନହୁଏ, ତେବେ ୨୪ ତାରିଖ ଦିନ ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସରେ ମହାସଂଘ ତରଫରୁ ଦିଲ୍ଲୀ ଯାତ୍ରା କରିବୁ। ଦିଲ୍ଲୀର ଲାଲ୍‌କିଲାରେ ପାଇମାନଙ୍କ ସମାବେଶ ଅନୁଷ୍ଠିତ ହେବା ସହ ଏକ ପ୍ରତିବାଦ ସଭା ଆୟୋଜନ କରାଯିବ। ସେହି ପ୍ରତିବାଦ ସଭାକୁ ବିଜେପି, ବିଜେଡ଼ି ଓ କଂଗ୍ରେସର ଦଳର ସାଂସଦମାନଙ୍କୁ ଯୋଗଦାନ କରିବା ପାଇଁ ନିମନ୍ତ୍ରଣ କରାଯିବ। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତଥା ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ଅନ୍ୟ କେନ୍ଦ୍ରମନ୍ତ୍ରୀଦ୍ୱୟଙ୍କୁ ଯୋଗଦାନ ପାଇଁ ନିମନ୍ତ୍ରଣ କରାଯିବ ଏବଂ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସଂସ୍କୃତିମନ୍ତ୍ରୀଙ୍କୁ ଆମର ଦାବି ପୂରଣ ପାଇଁ ସ୍ମାରକପତ୍ର ପ୍ରଦାନ କରାଯିବ। ଯଦି ଏହା ସତ୍ତ୍ୱେ ଆମର ଦାବି ପୂରଣ ନହୁଏ, ତେବେ ପ୍ରୟୋଜନ ହେଲେ ପାର୍ଲାମେଂଟ ଘେରାଉ କରାଯିବ ବୋଲି ଡ. ଶ୍ରୀଚନ୍ଦନ ଚେତାବନୀ ଦେଇଛନ୍ତି। ଏହି ସଭାରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ବକ୍ତବ୍ୟ ପ୍ରଦାନ କରି କହିଲେ ଯେ, ଦଳମତ ନିର୍ବିଶେଷରେ ଓଡ଼ିଆଜାତିର ସ୍ୱାଭିମାନ ସୁରକ୍ଷା ପାଇଁ ଆମେ ସମସ୍ତେ ଓଡ଼ିଆଭାବରେ ଏଥିରେ ସାମିଲ ହେବା ନିତାନ୍ତ ଆବଶ୍ୟକ। ତେଣୁ ପ୍ରତ୍ୟେକ ଦଳର ପ୍ରତିନିଧିମାନେ ଯୋଗଦାନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ନରେନ୍ଦ୍ର ପୃଷ୍ଟି, ସଂଯୋଜକ ଗଣେଶ ଚନ୍ଦ୍ର ସାମନ୍ତ, ଐତିହାସିକ ରବୀନ୍ଦ୍ର ପରିଡ଼ା, ଗବେଷକ ଗୋପାଳକୃଷ୍ଣ ଦାସ, ପାଇକଗୁରୁ ହାପି କୁମାର, ରଞ୍ଜନ କୁମାର, ଭାସ୍କର ସୁନ୍ଦରାୟ, ଅବନୀ ଜେନା, ମାନସ ଶ୍ରୀଚନ୍ଦନ, ସନ୍ତୋଷ ଶ୍ରୀଚନ୍ଦନ ପ୍ରମୁଖ ବହୁ ସଂଗଠକ, ସମାଜସେବୀ, ସାହିତ୍ୟିକ, ବୁଦ୍ଧିଜୀବୀ ଓ ରାଜନେତାମାନେ ଯୋଗଦେଇ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ନିଜର ମତାମତ ପ୍ରଦାନ କରିଥିଲେ।




## ନୀଳଗିରି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଶିବିର ଅନୁଷ୍ଠିତ

ନୀଳଗିରି, ୨୭/୧୨ (ନି.ପ୍ର): ନୀଳଗିରି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସାତ ଦିନ ବ୍ୟାପୀ ଜାତୀୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ରଣଜିତଙ୍କ ନେତୃତ୍ୱରେ ଏବଂ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ସହଯୋଗରେ ୨୫ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ନୀଳଗିରି ଜଗନ୍ନାଥ ମନ୍ଦିର ରାଜବାଟି ପରିସରରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା । ଗୁଡ଼ିଖାଣିଆ ସାହିରେ ମାକ୍ସ ବଂଟନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ତିମ ଦିବସରେ କୃତୀ ଶିବିରାର୍ଥିନୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ରକ୍ରମର ଉଚ୍ଚବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ ।

## ଜାନୁଆରୀ ୧୬ରେ ଭେଟେରାନ କ୍ରୀଡ଼ା ପ୍ରତିଯୋଗିତା

ବାଲେଶ୍ୱର,୨୭/୧୨ (ନି.ପ୍ର): ବାଲେଶ୍ୱର ଜିଲା ଭେଟେରାନ କ୍ରୀଡ଼ା ସଙ୍ଘର ବାର୍ଷିକ କ୍ରୀଡ଼ା ଆସନ୍ତା ଜାନୁଆରୀ ୧୬ ତାରିଖରେ ଆୟୋଜନ ପାଇଁ ସଙ୍ଗଠନର ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ ସଂଘର ସଭାପତି ଡ. ଅଶୋକ କୁମାର ପାଣିଗ୍ରାହୀଙ୍କ ପୌରହିତରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପସ୍ଥିତ ସମସ୍ତ ସଭ୍ୟଙ୍କ ସହମତି କ୍ରମେ ପ୍ରତିବର୍ଷ ଭଳି ଆସନ୍ତାବର୍ଷ ଅର୍ଥାତ ଆସନ୍ତା ଜାନୁଆରୀ ମାସ ୧୬ ତାରିଖରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ପାଇଁ ନିଷ୍ପତ୍ତି ହୋଇଛି। ପରମିଟ ପଡ଼ିଆରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୪୦ ବର୍ଷରୁ ଉର୍ଦ୍ଧ୍ୱ ଉଭୟ ପୁରୁଷ ଓ ମହିଳା ବର୍ଗର ଖେଳାଳି ଅଂଶଗ୍ରହଣ କରିବେ। ସକାଳ ୯ଟାରୁ ଏହି ପ୍ରତିଯୋଗିତା ଆରମ୍ଭ ହେବ ବୋଲି ଭେଟରାନ ସଂଘର ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ଜଣାଇଛନ୍ତି ।

# ପ୍ୟାକ୍ସର ଆନ୍ଦୋଳନ ସ୍ଥଗିତ : ୧୫୪୧ କ୍ୟୁଣ୍ଟାଲ ଧାନ କ୍ରୟ

ଜଳେଶ୍ୱର, ୨୭/୧୨(ନିପ୍ର): ଦୀର୍ଘଦିନ ଧରି ସେବା ସମବାୟ ସମିତିର ସମ୍ପାଦକ (ପ୍ୟାକ୍ସ)ମାନଙ୍କର ଧାରଣା ଚାଲିଥିବାରୁ ଚାଷୀ ବ୍ୟାପକ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଥିଲା । ଜିଲାପାଳଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲାର ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି ୩ଟି ପ୍ୟାକ୍ସରୁ ୧୫୪୧ କ୍ୟୁଣ୍ଟାଲ ଧାନ କ୍ରୟ କରିଛି । ଆଜି ସୋମବାର ପ୍ୟାକ୍ସ ସଂପାଦକଙ୍କ ଧାରଣା ସ୍ଥଗିତ ରହିଥିବାରୁ ଆସନ୍ତା ନୂଆବର୍ଷରୁ ଅଧିକ ଧାନ କ୍ରୟ ହେବାର ସମ୍ଭାବନା ଦେଖା ଦେଇଛି । ଜଳେଶ୍ୱର ନିୟନ୍ତୀତ ବଜାର କମିଟି ଅଧିନରେ ଜଳେଶ୍ୱର, ଭୋଗରାଇ, ବାଲିଆପାଳର ୫୪ଟି ପ୍ୟାକ୍ସ ଥିବା ବେଳେ ୩୦ହଜାର କୃଷକ ଧାନ ବିକ୍ରିପାଇଁ ନାମ ପଂଜିକରଣ କରିଛନ୍ତି । ସେମାନଙ୍କ ଠାରୁ ଚଳିତବର୍ଷ ୪.୫ଲକ୍ଷ କ୍ୟୁଣ୍ଟାଲରୁ ଅଧିକ ଧାନ କିଣାଯିବା ସଂପର୍କରେ ବିଭାଗୀୟ କର୍ମକର୍ତ୍ତାଙ୍କ ଠାରୁ ସୂଚନା ମିଳିଛି । ଅଦ୍ୟାବଧି ଅଲାଲପୁର ପ୍ୟାକ୍ସର ୧୩ଜଣ ଚାଷୀଙ୍କ ଠାରୁ ୪୫୫ କ୍ୟୁଣ୍ଟାଲ, ରାମନଗରପାଟଣା ପ୍ୟାକ୍ସର ୨୭ଜଣଙ୍କ ଠାରୁ ୬୬୧ କ୍ୟୁଣ୍ଟାଲ ଓ ଆଜି ଆମ୍ବଳିଅଠା ପ୍ୟାକ୍ସର ୧୭ଜଣ ଚାଷୀଙ୍କ ଠାରୁ ୪୨୫ କ୍ୟୁଣ୍ଟଲ ନିୟନ୍ତୀତ ବଜାର କମିଟି ସରକାରୀ ମୂଲ୍ୟରେ କ୍ରୟ କରିଥିବା ଜଣାଯାଇଛି । ଆମ୍ବଳିଅଠା ପ୍ୟାକ୍ସରେ ଧାନ କ୍ରୟବେଳେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ମନୋରଂଜନ ସାମଲ, ଅଭିମନ୍ୟୁ ଚାନ୍ଦ, ବିବେକାନନ୍ଦ ପ୍ରଧାନ, ବରେନ୍ଦ୍ର ଖମାରୀ, ଦୀପକ ଜେନା ଓ ଚାଷୀ କମିଟି ପକ୍ଷରୁ ଅଶୋକ କୁମାର ଜେନା, ଅନୀଲ କୁମାର ଜେନା, ଅବନୀ ପାତ୍ର, ହରେନ୍ଦ୍ର ପାତ୍ର, ରାମେଶ୍ୱର ରାଜ, ମିହିର ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଖନ୍ତାପଡାର ରମାଦେବି ରାଇସ୍‌ମିଲ ପକ୍ଷରୁ ଏହି ଧାନ କିଣାଯାଇଥିବା ଜଣାଯାଇଛି ।

# ଇପିଏଫ ପେନସନ ସଂଘର ଜିଲ୍ଲାସ୍ତରୀୟ ସମ୍ମିଳନୀ

କେନ୍ଦ୍ରାପଡ଼ା, ୨୭/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଇପିଏଫ୍ ପେନସନ ସଂଘର ଜିଲ୍ଲାସ୍ତରୀୟ ସମ୍ମିଳନୀ ଇଛାପୁର ସ୍ଥିତ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ସର୍ବନିମ୍ନ ପେନସନ ୯ ହଜାର ଟଙ୍କା, ମହଙ୍ଗା ଭତା, ଚିକିତ୍ସା ଭତା, ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ କରି ଚିକିତ୍ସା ସୁବିଧା ଯୋଗାଇ ଦେବା ପ୍ରମୁଖ ଦାବିଗୁଡ଼ିକୁ ଉପସ୍ଥାପନା କରାଯାଇଥିଲା । ଜିଲ୍ଲା ସଭାପତି ବସନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଇପିଏଫ ପେନସନ ଭୋଗୀମାନେ ଏହି ଦାବିଗୁଡ଼ିକୁ ଦୃଢ଼ଭାବେ ସମର୍ଥନ କରିଥିଲେ । ରାଜ୍ୟରେ ଥିବା ସମସ୍ତ ପେନସନ ଭୋଗୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ନିଷ୍ପତି ନେଇଛନ୍ତି। ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଉପଦେଷ୍ଟା ଶ୍ରୀରାମ ଦାଶ, ଖୋର୍ଦ୍ଧା ଜିଲ୍ଲା ସଂପାଦକ ମାୟାଧର ମଲିକ, ଉପ ସଭାପତି ସଚିଦାନନ୍ଦ ସାମନ୍ତରାୟ, ଭାଗ୍ୟଧର ବ୍ରହ୍ମା, କଟକ ଜିଲ୍ଲା ସଭାପତି ରାଜ କିଶୋର ସ୍ୱାଇଁ, ଜଗତସିଂହପୁର ଜିଲ୍ଲା କୃଷ୍ଣ ଚନ୍ଦ୍ର ମହାନ୍ତି, ଯାଜପୁର ସଂପାଦକ ଚିତରଞ୍ଜନ ପରିଡ଼ା, ମାୟାଧର ନାୟକ, ମଧୁସୂଦନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ତୁରନ୍ତ ଏହି ଦାବିଗୁଡ଼ିକୁ ରାଜ୍ୟ ସରକାର ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ସଭା ପ୍ରାରମ୍ଭରେ ସଂପାଦକ ଲୋକନାଥ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ସମ୍ମିଳନୀରେ ମଧୁ ସୁଦନ ଜେନା, ଶରତ ଚନ୍ଦ୍ର ପାଣି, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଟିଏ ଦିନରେ ୧୨୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୨୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୪୦୦୪ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୩ ହଜାର ୯୨୬ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୫୭୨ ରହିଛି । ଆଜି ଚିହ୍ନଟ ହୋଇଥିବା ୧୨୩ ଜଣଙ୍କ ମଧ୍ୟରୁ ୭୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୫୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱର ଜିଲ୍ଲାରୁ ୩ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ଭଦ୍ରକଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରୁ ୧ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୦ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଜୈବି ବିବିଧତାର ସନ୍ତୁଳନ ରକ୍ଷା ଲାଗି ସାଇକେଲ ଯାତ୍ରା ଓ ସଚେତନତା

ଜଳେଶ୍ୱର, ୨୭/୧୨(ନିପ୍ର): ସାମ୍ପ୍ରତିକ ସମାଜରେ ସଚେତନତାର ଅଭାବରୁ ଜୈବିବିବିଧତାର ସନ୍ତୁଳନ ଦେଖା ଦେଇଛି । ବର୍ଦ୍ଧିଷ୍ଣୁ ଶିଳ୍ପାୟନ, ଆଧୁନିକ ଜୀବନଶୈଳୀ, ଜଂଗଲ ନଷ୍ଟ ଇତ୍ୟାଦି ଯୋଗୁଁ ଏପରି ବିପଦ ଆଗାମୀ ଭବିଷ୍ୟତରେ ଆସୁଥିବାରୁ ଓଡିଶାରେ ଜନସଚେତନତା ଲାଗି ପରିବେଶବିତ୍ ଇଂ ଅମରେଶ ନରେଶ ସାମନ୍ତ ସାଧକେଲ ଶୋଭାଯାତ୍ରା ଆରମ୍ଭ କରିଛନ୍ତି । ଆଜି ଶ୍ରୀ ସାମନ୍ତ ରୋଟାରୀକ୍ଲବ ସହାୟତାରେ ଜଳେଶ୍ୱର ମହିଳା ମହାବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜଳେଶ୍ୱର ରୋଟାରୀକ୍ଲବର ସଭାପତି ରାଜେଶ ଖଟୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଶ୍ରୀ ସାମନ୍ତ ରାଜ୍ୟରେ ବ୍ୟାପକ ଜଂଗଲ କ୍ଷୟ, କୃଷି କାର୍ଯ୍ୟରେ ରାସାୟନୀକ ସାର ଓ କୀଟନାସକ ପ୍ରୟୋଗ ଯୋଗୁଁ କଳୁସିତ ପରିବେଶ, ପ୍ଲାଷ୍ଟିକର ବ୍ୟାପକ ବ୍ୟବହାର, ଆଗାମୀ ଦିନରେ ମାନବ ଜାତିପ୍ରତି ବିପଦ ସୃଷ୍ଟି କରୁଥିବାରୁ ଏବେଠୁ ସଚେତନ ହେବାଲାଗି ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ପୌରଅଧିକାରୀ ଅଜୟ ମହାପାତ୍ର ବୃକ୍ଷରୋପଣକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ଛାତ୍ରୀ ପ୍ରତିବର୍ଷ ଗୋଟିଏ ଲିମ୍ବ ଗଛ ଲଗାଇ ପାରିଲେ ପରିବେଶ ପ୍ରଦୋଷଣୁରକ୍ଷା ମିଳିପାରିବ ବୋଲି କହିଥିଲେ। କଲେଜ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲକୁମାର ଦେ ଜୈବ ବିବିଧତା ସନ୍ତୁଳନର ରକ୍ଷାଲାଗି ବିଭିନ୍ନ ପଦକ୍ଷେପ ସଂପର୍କରେ କହିଥିଲେ । ଇଂ ଅମରେଶ ନରେଶ ସାମନ୍ତଙ୍କ ଏହି ସାଇକେଲ ଯାତ୍ରାକୁ ଗତ ୧୩ ତାରିଖରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ଉଦ୍‌ଘାଟନ କରିଥିବା ବେଳେ ଇତିମଧ୍ୟେ ଭୁବନେଶ୍ୱର, କଟକ, ପାରିଦ୍ୱୀପ, ଚଣ୍ଡିଖୋଲ, ଭିତରକନିକା, କେନ୍ଦୁଝର, କରଞ୍ଜିଆ, ଆନନ୍ଦପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ଜଳେଶ୍ୱର ଆଜି ଦୀଘା ଅଭିମୁଖେ ଯାଇ ବିଭିନ୍ନ ସ୍ଥାନରେ କଲେଜ, ସ୍କୁଲ, ସ୍ୱୟଂ ସହାୟିକ ଗୋଷ୍ଠି ମାନଙ୍କ ମଧ୍ୟରେ ସଚେତନତା ଲାଗି ବିଭିନ୍ନ କାର୍ଯ୍ୟକ୍ରମ କରିଥିବା ସଂପର୍କରେ କହିଥିଲେ । ପରିବେଶ ସମ୍ପର୍କରେ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକମରେ ପରିବେଶର କ୍ଷତି ନ ଘଟାଇବାକୁ ସେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏଥିରେ ରୋଟାରୀ କ୍ଲବ ପକ୍ଷରୁ ସୁବ୍ରତ ରଣା, ଡା ଦୀପ୍ତିମୟୀ ମହାପାତ୍ର ଉପସ୍ଥିତ ଥିବା ବେଳେ ସଂପାଦକ ମଣିଭଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ଶୀତଳା ଠାକୁରାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱତନ୍ତ୍ର ଜାତୀୟ ସେବା ଶିବିର

ଜଳେଶ୍ୱର ୨୭/୧୨(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲୁଡାଠାରେ ଥିବା ଶୀତଳା ଠାକୁରାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଶିବିରର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଅଂଜନ କୁମାର ପାଳ ସଭାପତିତ୍ୱ କରି ଜାତୀୟ ସେବା ସମିତିର ଆଭିମୁଖ୍ୟ ଓ ସାମ୍ପ୍ରତିକ ସମୟରେ ଛାତ୍ରଛାତ୍ରୀମାନେ ସମାଜପ୍ରତି ନିଜର କର୍ତ୍ତବ୍ୟ ସମ୍ପର୍କରେ କହିଥିଲେ । ମୁଖ୍ୟ ଅତିଥିଭାବେ ଅଧ୍ୟାପକ ଆଦିକାନ୍ତ ପ୍ରଧାନ, ମୁଖ୍ୟବକ୍ତାଭାବେ ଯତିନ୍ କୁମାର ମିଶ୍ର, ଅନ୍ୟଅତିଥିଭାବେ ଦୁର୍ଗେଶ କୁମାର ନାୟକ, ସଂଯୋଜକ ହରେନ୍ଦ୍ର ସିଂ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ଅଜୟ କୁମାର ମିଶ୍ର, ଶୈଳେଶ ପଟ୍ଟନାୟକ, ଚୈତନ୍ୟ ପ୍ରସାଦ ଗିରି, ରବିନ୍ଦ୍ର ନାଥ ଦେ, ଉଦୟ କୁମାର ମହାନ୍ତି ପରିଚାଳନା କରିଥିଲେ । ଏଥିରେ ୨୫ଜଣ ଶିବିରାର୍ଥୀ ଗତ ୧୬ ତାରିଖରୁ ୨୫ ତାରିଖ ଯାଏ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ଔପଦା ଅଂଚଳରେ ହାତୀ ଉପଦ୍ରବ

ନୀଳଗିରି, ୨୭/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧୀନ ମାନଗଡ଼ ଗାଁରେ ରବିବାର ରାତିରେ କିଛି ହାତୀ ଗାଁକୁ ପଶି ଉପଦ୍ରବ କରିଛନ୍ତି । ଗାଁରେ ଶ୍ରୀକାନ୍ତ ଦନାକଙ୍କ ଘର ଭାଙ୍ଗି ଧାନ ଖାଇବା ସହ ବିଭିନ୍ନ ଆସବାବ ପତ୍ର ଭାଙ୍ଗି ନଷ୍ଟ କରିଛନ୍ତି । ହାତୀ ଆସିବାର ଜାଣି ଘର ଭିତରେ ଥିବା ପରିବାର ଲୋକେ ବାହାରକୁ ଦୌଡ଼ି ପଳାଇଥିଲେ । ହାତୀଟି ଘର ଭାଙ୍ଗି ଧାନ ଖାଇବା ବେଳେ ଘରର କାନ୍ଥ ପଡ଼ି ଆସବାବପତ୍ର ଭାଙ୍ଗିଥିବା ଜଣାପଡ଼ିଛି । ବନବିଭାଗ ଖବର ପାଇ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି ।

## ଭୁବନେଶ୍ୱରରୁ ଆଉ ୪୬ ପଜିଟିଭ୍

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ସୋମବାର ଆଉ ୪୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୩୪ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୫୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୨୩୩୫୭କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୧୪୨୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ମୃତକଙ୍କ ସଂଖ୍ୟା ୧୦୯୬ ରେ ପହଂଚିଛି। ବର୍ତ୍ତମାନ ଆଉ ୮୧୩ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଦେଶରେ ବଢୁଛି ଓମିକ୍ରନ ....

ଓମିକ୍ରନ ଆକ୍ରାନ୍ତଙ୍କ ମଧ୍ୟରୁ ୧୪୧ ଜଣ ସୁସ୍ଥ ହୋଇଛନ୍ତି । ଓଡିଶାରେ ୧୮ ନମୁନାରୁ ୮ ଓମିକ୍ରନ ପଜିଟିଭ୍ । ଭୂତାଣୁର ପ୍ରଜାତି ଜଣାପଡିବା ପୂର୍ବରୁ ଜଣେ ସୁସ୍ଥ । ଓଡିଶାକୁ ଫେରିଥିବା ବିଦେଶୀଙ୍କ ମଧ୍ୟରୁ ୧୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସେମାନଙ୍କ ନମୂନା ଜିନମ ସିକୁଏନ୍ସିଂ ପାଇଁ ପଠାଯାଇଥିଲା । ସେହି ୧୮ଟି ନମୂନା ମଧ୍ୟରୁ ୮ଜଣ ଓମିକ୍ରନ ପ୍ରଜାତି ଦ୍ୱାରା ସଂକ୍ରମିତ ହୋଇଥିବା ସ୍ପଷ୍ଟ ହୋଇଛି । କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେଉଁମାନେ ଓମିକ୍ରନ ଦ୍ୱାରା ସଂକ୍ରମିତ ହେଉଛନ୍ତି ସେମାନେ ଖୁବ୍ ଶୀଘ୍ର ସୁସ୍ଥ ହେଉଥିବା ଦେଖାଯାଉଛି । ଏପରିକି ଜିନମ ସିକ୍ୟୁଏନ୍ସିଂ ପାଇଁ ଯାଇଥିବା ଜଣଙ୍କ ନମୂନାର ରିପୋର୍ଟ ଆସିବା ପୂର୍ବରୁ ସେ ସୁସ୍ଥ ହୋଇଥିବା ଜଣାପଡିଛି । ଏଥିସହ ଅନ୍ୟ ରାଜ୍ୟ ତୁଳନାରେ ଓଡିଶାର ସ୍ଥିତି ଭଲ ଅଛି ବୋଲି ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ଆମେରିକାରେ ଦ୍ରୁତ ଗତିରେ ମାଡୁଛି ଓମିକ୍ରନ । ହସ୍ପିଟାଲରେ ବଢୁଛି ରୋଗୀ ସଂଖ୍ୟା । ଗତ ବର୍ଷ ଏହି ସମୟରେ ଆମେରିକାରେ ଦୈନିକ ଯେତିକି କରୋନା ସଂକ୍ରମିତ ଚିହ୍ନଟ ହେଉଥିଲେ, ଏବେ ତାହାଠାରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି । ଆଉ ଅଧିକ ସଂକ୍ରମିତ ଚିହ୍ନଟ ହେବାର କାରଣ ଓମିକ୍ରନ ବୋଲି କୁହାଯାଉଛି । ନ୍ୟୁୟର୍କ ଟାଇମ୍ସର ତଥ୍ୟ ଅନୁସାରେ, ଆମେରିକାରେ ଗତ ସପ୍ତାହର ହାରାହାରି ଦୈନିକ ସଂକ୍ରମଣ ସଂଖ୍ୟା ପାଖାପାଖି ୨ଲକ୍ଷରେ ପହଞ୍ଚିଛି । ହସ୍ପିଟାଲାଇଜେସନ ସଂଖ୍ୟା ବି ବଢ଼ିବାରେ ଲାଗିଛି । ଗତ ସାତ ଦିନରେ ପ୍ରାୟ ୧୦ ପ୍ରତିଶତ ହସ୍ପିଟାଲାଇଜେସନ ସଂଖ୍ୟା ବଢ଼ିଛି । ସେହିପରି ୩ ପ୍ରତିଶତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି । ସଂକ୍ରମଣ ବଢୁଥିଲେ ବି ଓମିକ୍ରନ ଆକ୍ରାନ୍ତ କେତେ ଗୁରୁତ୍ୱର ହେଉଛନ୍ତି, ସେ ନେଇ କୌଣସି ସ୍ପଷ୍ଟ ଚିତ୍ର ମିଳିପାରି ନାହିଁ । କିନ୍ତୁ ଗତ କିଛି ଦିନ ହେଲା ଚିକିତ୍ସାଳୟରେ ଅଧିକ ଛୋଟ ପିଲା ଭର୍ତ୍ତି ହେଉଥିବା ଦେଖାଯାଉଛି । ଯାହାକି ଚିନ୍ତାର ବିଷୟ ହୋଇଛି ।

## ବାତ୍ୟା ଜୱାଦ କ୍ଷତିଗ୍ରସ୍ତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ....

ବ୍ୟବସ୍ଥା ରଖାଯାଇଛି । ସମୁଦାୟ ୧୬ ହଜାର ହେକ୍ଟର ଜମି ପାଇଁ ଏହି ସହାୟତା ବ୍ୟବାସ୍ଥା କରାଯିବ। ୩୩ ପ୍ରତିଶତ ବା ତାଠାରୁ ଧିକ ଫସଲ କ୍ଷତି ହୋଇଥିବା ଅଂଚଳରେ ଦିଆଯାଇଥିବା ସ୍ୱଳ୍ପମିଆଦୀ ଋଣକୁ ମଧ୍ୟମ ମିଆଦୀ ଋଣରେ ପରିଣତ କରାଯିବ। ସେହିପରି ଆସନ୍ତା ରବି ଋତୁ ପାଇଁ ଚାଷୀମାନେ ଯେପରି ସୁବିଧାରେ ଫସଲ ଋଣ ଓ କୃଷି ଋଣ କରିପାରିବେ, ସେଥିପାଇଁ ଆନୁଷ୍ଠାନିକ ଆର୍ଥିକ ସଂସ୍ଥା ଦ୍ୱାରା ସହାୟତାର ବ୍ୟବସ୍ଥା କରାଯିବ । ଭାଗଚାଷୀ ମାନେ ଯେପରି ରବି ଋତୁରେ ସୁବିଧାରେ ଋଣ ପାଇପାରିବେ, ସେଥିପାଇଁ ଜଏଂଟ ଲିଆବିଲିଟି ଗ୍ରୁପ୍ ଗଠନ ପାଇଁ ତ୍ୱରିତ ପଦକ୍ଷେପ ନିଆଯିବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ ଚାଷୀମାନେ ଯେପରି ତାଙ୍କ କ୍ଷତିପୂରଣ ଶୀଘ୍ର ପାଇପାରିବେ, ସେଥିପାଇଁ ଅମଳ ପରବର୍ତ୍ତୀ କ୍ଷତିର ତୁରନ୍ତ ଆକଳନ ନିମନ୍ତେ ପଦକ୍ଷେପ ନିଆଯିବ ଏବଂ କ୍ରପ୍ କଟିଂ ଏକ୍ସପେରିମେଂଟ ମଧ୍ୟ ଶୀଘ୍ର ଶେଷ କରାଯିବ। ବାତ୍ୟା ଜୱାଦ ଜନିତ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀ ମାନେ ଯେପରି ରବି ଫସଲ ପାଇଁ ତୁରନ୍ତ ଋଣ ସହାୟତା ପାଇପାରିବେ, ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ। ଉଲ୍ଲେଖ୍ୟଯୋଗ୍ୟ ଯେ ଚଳିତ ଡିସେମ୍ବର ୪ ଓ ୫ ତାରିଖ ଦୁଇ ଦିନ ଧରି ବାତ୍ୟା ଜୱାଦ ପ୍ରଭାବରେ ଓଡିଶାର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିଲା। ଫସଲ ଅମଳ ହୋଇପାରିନଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥିଲେ । ଜୱାଦ ଯୋଗୁଁ ରାଜ୍ୟର ୧୨ ଟି ଜିଲ୍ଲା ଅନ୍ତର୍ଗତ ୧୩୧ ଟି ବ୍ଲକ୍ ରେ ପ୍ରାୟ ୫.୭୮ ଲକ୍ଷ ହେକ୍ଟର ଜମିର ଖରିଫ୍ ଫସଲ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଆକଳନରୁ ଜଣାପଡିଥିଲା।

## ୨୫ ଲକ୍ଷରୁ ଅଧିକ ପିଲାଙ୍କୁ ....

ସୂଚନା ଦେଇଛନ୍ତି। ସେମାନଙ୍କୁ ଜାନୁଆରି ୩ ତାରିଖରୁ ଟିକା ଦିଆଯିବ ବୋଲି ସେ କହିଛନ୍ତି । ସେ ଆହୁରି କହିଛନ୍ତି, ଏହାଛଡ଼ା ୬୦ ବର୍ଷ ବୟସରୁ ଅଧିକ ୫୨ ଲକ୍ଷ ୩୭ ହଜାର ଲୋକ ଅଛନ୍ତି। ସେମାନଙ୍କ ଭିତରୁ ଜଟିଳ ରୋଗରେ ପୀଡ଼ିତ ବ୍ୟକ୍ତି ନିଜ ଡାକ୍ତରଙ୍କ ସହ ପରାମର୍ଶ କରି ଟିକା ନେବେ। ରାଜ୍ୟରେ ୭ ଲକ୍ଷ ୫ ହଜାର ସ୍ୱାସ୍ଥ୍ୟକର୍ମୀ ଦୁଇଟି ଡୋଜ ନେଇଛନ୍ତି। ସେମାନଙ୍କୁ ଜାନୁଆରି ୧୦ ତାରିଖରୁ ବୁଷ୍ଟର ଡୋଜ ଦିଆଯିବ। ଟିକାକରଣ ପାଇଁ ରାଜ୍ୟରେ ୨୬୦୦ ସହ ଷ୍ଟେସନ କାର୍ଯ୍ୟକାରୀ ଥିବା ସେ କହିଛନ୍ତି ।

## ରାଜ୍ୟ ଓ କେନ୍ଦ୍ର ସରକାରଙ୍କ....

ପ୍ରବଳ ସମାଲୋଚନା କରିଛନ୍ତି । କହିଛନ୍ତି, କର୍ପୋରେଟ୍ ଲୁଟର ଆଡ୍ଡା ପାଲଟିଛି ଓଡିଶା ଆଦିବାସୀଙ୍କ ଜମି ଓ ଜଙ୍ଗଲ । ସେମାନଙ୍କ ଇଛା ବିରୋଧରେ ଶିଳ୍ପପତିଙ୍କୁ ଏସବୁକୁ ଟେକି ଦିଆଯାଉଛି । ସୂଚନାଯୋଗ୍ୟ ଯେ,ନବରଙ୍ଗପୁରର ଟାଣୁଆ ନେତା ପ୍ରଦୀପ ମାଝୀ ଦଳ ଛାଡିବା ପରେ ବି ଏହି ଅଞ୍ଚଳରେ ଥିବା ସଂଗଠନକୁ ବଞ୍ଚାଇ ରଖିବା ପାଇଁ ଜୋରସୋରରେ ଲାଗିପଡିଛି କଂଗ୍ରେସ । ଆଗାମୀ ଦିନରେ ଦଳକୁ ଆହୁରି ସଂଗଠିତ କରାଯିବ ବୋଲି କହିଛନ୍ତି ବିଧାୟକ ତାରା ପ୍ରସାଦ ବାହିନୀପତି । ହେଲେ କଂଗ୍ରେସ ତାର ସଂଗଠନକୁ କେତେ ବଞ୍ଚାଇ ରଖିବାରେ ସଫଳ ହେଉଛି ତାହା ଆଗକୁ ଆସୁଥିବା ପଞ୍ଚାୟତ ନିର୍ବାଚନ ଫଳରୁ ହିଁ ସ୍ପଷ୍ଟ ହେବ ।

## ଗିରଫ ପରେ ୧୪ ଦିନିଆ....

ମଧ୍ୟ ଜୋରଦାର କରିଛନ୍ତି ତଦନ୍ତ ପ୍ରକ୍ରିୟା । ଖାଲି କାନପୁର କି କନୌଜ ନୁହେଁ କୁଏତ-ଦୁବାଇକୁ ମଧ୍ୟ ଏହାର ଚେର ଲମ୍ବିଛି । କନୌଜରେ ୭, କାନପୁରରେ ୪, ମୁମ୍ବାଇରେ ୨, ଦିଲ୍ଲୀରେ ୨ ଓ ଦୁବାଇରେ ୨ଟି ବଡ ବଡ ପ୍ରୋପର୍ଟି ଥିବା ସାମ୍ନାକୁ ଆସିଛି । ଅତର ଏବଂ ପାନମସଲା ଧୂପକାଠି ବ୍ୟବସାୟ କରି କୁବେର ପାଲଟିଥିବା ପୀୟୁଷଙ୍କ କଥାରୁ ଗୋଟିଏ ସ୍ପଷ୍ଟ ଯେ ଭଗବାନ ଦେଲା ବେଳେ ଛପର ଫାଡିକି ଦିଅନ୍ତି ଆଉ ନେଲା ବେଳେ ନିଃଶ୍ୱ କରି ଦିଅନ୍ତି ।

# ହାତୀ ମୃତ୍ୟୁକୁ ନେଇ ପିସିସିଏଫ୍ - ରେଳବାଇ ବୈଠକ

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ଟ୍ରେନ ଧକ୍କାରେ ହାତୀ ମୃତ୍ୟୁ ଘଟଣାକୁ ନେଇ ପୂର୍ବତଟ ରେଳବାଇର ବରିଷ୍ଠ ଅଧିକାରୀମାନଙ୍କ ସହ ପିସିସିଏଫଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ରେଳ ଦୁର୍ଘଟଣା ନେଇ ଆଲୋଚନା କରାଯାଇଛି। ଏନେଇ ପିସିସିଏଫ୍ ଶଶି ପଲ୍ କହିଛନ୍ତି, ଆସନ୍ତା ୩୦ ତାରିଖରେ ସିସିଏଫ ଓ ରେଳ ବିଭାଗର ଅଧିକାରୀ ଏହି ମାମଲାର ତଦନ୍ତ କରିବେ। କଂଟ୍ରୋଲ ରୁମର ସ୍ଥିତି ଅନୁଧ୍ୟାନ କରାଯିବ। ଘଟଣାର ତଦନ୍ତ ନେଇ ତାଙ୍କୁ ରିପୋର୍ଟ ଦେବେ ସିସିଏଫ। ଖବର ଅନୁଯାୟୀ ହାତୀକୁ ଦେଖିଲା ପରେ ଏମରଜେନ୍ସି ବ୍ରେକ୍ ମାରିଥିଲେ ଲୋକୋ ପାଇଲଟ୍। ହାତୀର ଗତିବିଧି ନେଇ ରେଳ ବିଭାଗ ପାଖରେ ଖବର ଥିଲା। ଉଚିତ ପଦକ୍ଷେପ ନିଆଯାଇଥିବା ରେଳବାଇ ଅଧିକାରୀମାନେ କହିଛନ୍ତି। ହାତୀକୁ ସୁରକ୍ଷା ଦେବା ପାଇଁ ନୂଆ ବ୍ୟବସ୍ଥା କରାଯିବ ବୋଲି ବି ସେ କହିଛନ୍ତି।

# ମମିତା ହତ୍ୟାକାଣ୍ଡରେ ବିଜେପିର ଅଭିନବ ନ୍ୟାୟ ପ୍ରଦାନ ଦାବି

ବାଲେଶ୍ୱର,୨୭/୧୨ (ନି.ପ୍ର): କଳାହାଣ୍ଡି ଜିଲାର ଶିକ୍ଷୟିତ୍ରୀ ମମିତା ମହାପାତ୍ର ହତ୍ୟା ମାମଲାରେ ତାଙ୍କ ପରିବାରକୁ ନ୍ୟାୟ ଦେବାକୁ ଏବଂ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବିଜେପି ପକ୍ଷରୁ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ସମଗ୍ର ରାଜ୍ୟରେ ବିଜେପି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି ପ୍ରଦାନ କରାଯାଉଥିବା ବେଳେ ବାଲେଶ୍ୱରରେ ବି ଅନୁରୂପ କାର୍ଯ୍ୟକ୍ରମ ଲକ୍ଷ୍ୟ କରାଯାଇଛି। ଜିଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମୀଙ୍କ ସମେତ ବିଜେପି ମହିଳା ମୋର୍ଚ୍ଚା, ଯୁବମୋର୍ଚ୍ଚା, କୃଷକ ମୋର୍ଚ୍ଚା, ସଂଖ୍ୟାଲଘୁ ମୋର୍ଚ୍ଚା ପ୍ରଭୃତି ଶାଖାର କର୍ମକର୍ତ୍ତା ଓ ସଦସ୍ୟମାନେ ଜିଲା ମୁଖ୍ୟ ଡାକଘରକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଠିକଣାରେ ଚିଠି ପଠାଇଥିଲେ। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଚିତ୍ତରଞ୍ଜନ ପଣ୍ଡା, ପର୍ଶୁରାମ ପରିଡ଼ା, ମନୀଶା ବେହେରା, ସୁଷମା ବିଶ୍ୱାଳ, ସସ୍ମିତା ପଣ୍ଡା, ସୁକାନ୍ତି ଦେବଗୋସ୍ୱାମୀ, ପିଙ୍କି ପ୍ରଧାନ, ସଂଯୁକ୍ତା ମହାପାତ୍ର, ରେଣୁ ବିଶ୍ୱାଳ ପ୍ରମୁଖ ଏଥିରେ ଉପସ୍ଥିତ ରହି ଡାକବାକ୍ସରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି ପକାଇଥିଲେ। ମମିତା ମେହେର ହତ୍ୟା ମାମଲାରେ ତାଙ୍କ ପରିବାରକୁ ନ୍ୟାୟ ଦେବା ଦାବିରେ ବାରମ୍ବାର ଆନ୍ଦୋଳନ କରିବା ପରେ ବି ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ଅଭିଯୁକ୍ତକୁ ଘଣ୍ଟଘୋଡ଼ାଇବାକୁ ଉଦ୍ୟମ କରିଥିବା ବିଜେପି କର୍ମକର୍ତ୍ତାମାନେ ଆରୋପ କରିଥିଲେ। ରାଜ୍ୟର ନାରୀ ସୁରକ୍ଷା ନେଇ ଡିଣ୍ଡିମ ପିଟୁଥିବା ତଥା ସର୍ବଦା କାଚଘରେ ରହୁଥିବା ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ପାଇଁ ଏହିଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସେମାନେ କହିଥିଲେ। ଜିଲା ବିଜେପି କର୍ମୀ ଏଥିରେ ଉପସ୍ଥିତ ଥିଲେ। ।

# ୧୭ତମ ଶିଶିର ମହାପାତ୍ର ରାଜ୍ୟସ୍ତରୀୟ ବ୍ୟାଡମିଂଟନ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ନୀଳଗିରି, ୨୭/୧୨ (ନି.ପ୍ର): ତିନି ଦିନ ଧରି ଚାଲିଥିବା ୧୭ତମ ଶିଶିର ମହାପାତ୍ର ରାଜ୍ୟସ୍ତରୀୟ ବ୍ୟାଡମିଂଟନ ଟୁର୍ଣ୍ଣମେଂଟ ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ୩୦୦ ଯୁବ ଆଥଲେଟଙ୍କୁ ନେଇ ଏକ ମାରାଥନ ଦୌଡ଼ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ସମ୍ମାନୀତ ଅତିଥି ଭାବେ ଚନ୍ଦ୍ରବିନ୍ଦୁ ଦାସ, ଗଙ୍ଗାଧର ମିଶ୍ର ପ୍ରମୁଖ ଉପସ୍ଥିତ ରହି ଗଣ ଦୌଡ଼କୁ ଶୁଭାରମ୍ଭ କରିଥିଲେ । ସନ୍ଧ୍ୟାରେ ଫାଇନାଲ ମ୍ୟାଚ ଅନୁଗୁଳ ଓ ଭୁବନେଶ୍ୱର ଖେଳାଳୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଅନୁଗୁଳର ଅମ୍ଳାନ ମହାନ୍ତି ଓ ରାହୁଲ ସାହୁ ଚମ୍ପିଆନ ହୋଇଥିବା ବେଳେ ଭୁବନେଶ୍ୱରର ଶେଖ ଅବଦୁଲ ଓ ବିଟୁ ରନର୍ସ ଅଫ ଦେଇଥିଲେ । ଚମ୍ପିଆନ ଟିମ୍‌କୁ ଶିଶିର ମହାପାତ୍ରଙ୍କ ବଡ଼ପୁଅ ଶୀତିକଣ୍ଠ ମହାପାତ୍ର ଓ ସାନପୁଅ ସବ୍ୟସାଚୀ ମହାପାତ୍ର ଟ୍ରଫି ସହ ୧୦ହଜାର ଟଙ୍କା ଓ ରନର୍ସ ଅପ ଟିମ୍‌କୁ ଟ୍ରଫି ସହ ୫ହଜାର ଟଙ୍କା ପ୍ରଦାନ କରିଛନ୍ତି । ପୁରସ୍କୃତ ସମୟରେ ଶିଶିର ମହାପାତ୍ରଙ୍କ ସ୍ତ୍ରୀ ରଂଜନା ପଟ୍ଟନାୟକ ଉପସ୍ଥିତ ଥିଲେ ।

# କୁଶାମରା ହତ୍ୟାକାଣ୍ଡର ପର୍ଦ୍ଦାଫାଶ : ଅଭିଯୁକ୍ତ ଗିରଫ

ସମ୍ବଲପୁର, ୨୭/୧୨ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜୁଜୁମରା ଥାନା ଅନ୍ତର୍ଗତ କୁଶାମରା ଛକ ଠାରେ ଗତ ୨୪ ତାରିଖ ସକାଳେ ଏକ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ନେଇ ଅଭିଯୋଗ ହୋଇଥାଲା । ଏହି ଖବର ମିଳିବା ପରେ ଜୁଜୁମରା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲା । ତେବେ ଏହା ଏକ ବିଭତ୍ସ ହତ୍ୟାକାଣ୍ଡ ଓ ମୃତକର ପରିଚୟ ନ ମିଳିବା କାରଣରୁ ପୋଲିସର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଥିଲା । ତୁରନ୍ତ ଘଟଣାସ୍ଥଳରେ ସାଇଂଟିଫିକ୍ ଟିମ୍ ସହ ସନ୍ଧାନୀ କୁକୁର ପହଂଚି ମୃତକଙ୍କ ପରିଚୟ ଓ କେଉଁ ପରିସ୍ଥିତିରେ ଏହି ହତ୍ୟାକାଣ୍ଡ ଘଟିଛି ସେନେଇ ସରଜମିନ ତଦନ୍ତ ଆରମ୍ଭ କରିଥିଲା । ତେବେ ମୃତକ ଜଣକ କୁଶାମରା ଗ୍ରାମର ବରୁଣ ମିର୍ଦ୍ଧା (୩୨) ବୋଲି ଜଣାପଡ଼ିଥିଲେ ମଧ ହତ୍ୟାକାଣ୍ଡର କୌଣସି ସୁରାକ୍ ମିଳିନଥିଲା । ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶ କ୍ରମେ ଗଠିତ ସ୍ୱତନ୍ତ୍ର ସ୍କ୍ୱାର୍ଡ ବିଭିନ୍ନ ସ୍ଥାନରେ ଚଢ଼ଉ କରିବା ପରେ ପୋଲିସ ସ୍କାନରରେ ଆସିଥିଲା ଅଭିଯୁକ୍ତ । ପୋଲିସ ଅଭିଯୁକ୍ତକୁ ଥାନାରେ ତୁହାକୁ ତୁହା ଜେରା କରିବା ପରେ ଖୋଲିଥିଲା ଏହି ହତ୍ୟାକାଣ୍ଡର ରହସ୍ୟ । ଛାମୁଣ୍ଡା ଗ୍ରାମର ଚିତରଞ୍ଜନ ଗଣିକ ( ୩୯ ) ଗତ ୨୩ ତାରିଖ ରାତିରେ ଓଡ଼ି୧୫ ପି୮୭୦୪ ନମ୍ବରର ଏକ ନାଲିଆ ସ୍କୁଟିରେ ଘରକୁ ଫେରୁଥିବା ବେଳେ ଭୀମଖୋଜ ଛକ ଠାରେ ବରୁଣ ସହ ସାକ୍ଷାତ ହୋଇଥିଲା । ସେଠାରେ ସେ କୁଶାମରା ଯାଏଁ ଯିବାକୁ ଲିଫ୍ଟ ମାଗିଥିଲା । ତେବେ ଉଭୟେ ଘରକୁ ସ୍କୁଟିରେ ଫେରୁଥିବା ବେଳେ ହଠାତ୍ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଚଳନ୍ତା ଗାଡ଼ିରେ ଯୁକ୍ତିତର୍କ ହୋଇ ସ୍କୁଟି ସହ ଉଭୟେ ରାସ୍ତାରେ ଛିଟିକି ପଡିଥିଲେ । ଏହାପରେ ଚିତରଞ୍ଜନ ରକ୍ତମୁଖା ହୋଇ ପାଖରେ ପଡିଥିବା ଏକ ଲାଠିରେ ବରୁଣଙ୍କୁ ଶକ୍ତ ମାଡ଼ ମାରିବା ସହ ମୁହଁକୁ ମୁଥ ପରେ ମୁଥ ମାରିଚାଲିଥିଲା । ତଥାପି ରାଗ ଶାନ୍ତ ନହେବାରୁ ବରୁଣଙ୍କ ମୁହଁକୁ ଏକ ପଥରରେ ଛେଚି ବିଭତ୍ସ କରି ପକାଇଥିଲା ବୋଲି ସ୍ୱିକାର କରିଛି । ଜୁଜୁମରା ଥାନା ପୋଲିସ ଏ ସଂକ୍ରାନ୍ତରେ ୧୮୩/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଠାରୁ ହତ୍ୟାରେ ବ୍ୟବହୃତ ଲାଠି, ଓଡି ୧୫ପି-୮୭୦୪ ନମ୍ବରର ଏକ ଲାଲ ରଙ୍ଗର ସ୍କୁଟି ଜବତ କରିବା ସହ ଚିତରଞ୍ଜନକୁ ଗିରଫ କରି କୋର୍ଟଚାଲାଣ କରିଛି ।

# କିନ୍ନରଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ମିଶନ ଶକ୍ତି କାଫେ'ଉଦ୍‌ଘାଟିତ



ବାଲେଶ୍ୱର,୨୭/୧୨ (ନି.ପ୍ର): ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସାମାଜିକ ନିରାପତ୍ତା ଓ ସଶକ୍ତୀକରଣ ବିଭାଗ ଏବଂ ମିଶନ ଶକ୍ତି ସହଯୋଗରେ କିନ୍ନର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପକ୍ଷରୁ ଏକ ଅତ୍ୟାଧୁନିକ କଫି ଷ୍ଟଲ 'ମିଶନ ଶକ୍ତି କାଫେ' ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଉଦଘାଟିତ ହୋଇିଯାଇଛି। ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏହାକୁ ଉଦଘାଟନ କରିଥିଲେ। କିନ୍ନର ଏସଏଚଜିଙ୍କୁ ସ୍ୱାବଲମ୍ବୀ କରିବା ସାଙ୍ଗକୁ ଏଠାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀ କର୍ମଚାରୀ ଓ ସାଧାରଣ ଲୋକଙ୍କ ପାଇଁ ଏହା ବିଶେଷ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ରିଜୱାନା କବକଅବ, ଜିଲା ଭିନ୍ନକ୍ଷମ ସାମାଜିକ ନିରାପତ୍ତ ଓ ସଶକ୍ତିକରଣ ଅଧିକାରୀ ତରୁଣ ତପନ ପ୍ରହରାଜ ଉତ୍ସବରେ ଉପସ୍ଥିତ ଥିଲେ। ଉତ୍ତର ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ପରିଚାଳିକାରୁକସାନା ଖାତୁନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଦଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। କିନ୍ନର ସଙ୍ଗଠନର ମୁଖ୍ୟ ରାଣୀ କିନ୍ନରଙ୍କ ସମେତ ଜଳେଶ୍ୱର ଅଞ୍ଚଳର କିନ୍ନର ସହାୟକ ଗୋଷ୍ଠୀର କର୍ମକର୍ତ୍ତା। ନିହାରିକା କିନ୍ନର, ବାସନ୍ତି କିନ୍ନର, ସାଲୋନି କିନ୍ନର, ଲଭଲି କିନ୍ନର ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଅଫିସ ସମୟରେ ସକାଳ୧୦ଟାରୁ ସଂଧ୍ୟା ୬ ଟା ପର୍ଯ୍ୟନ୍ତ ଏହି ଷ୍ଟଲ ଖୋଲା ରହିବ। ଏଠାରେ ଚା, କଫି, ଗ୍ରୀନ ଟି ଓ ବିଭିନ୍ନ ପ୍ରକାରର ବିସ୍କୁଟ ଓ ସ୍ନାକ୍ସ ପ୍ରଭୃତି ସୁଲଭ ମୂଲ୍ୟରେ ବିକ୍ରି ହେବ ବୋଲି କିନ୍ନର ସଙ୍ଘ କର୍ମକର୍ତ୍ତାମାନେ କହିଛନ୍ତି। ଜଳେଶ୍ୱର ଅଞ୍ଚଳର କିନ୍ନର ସୟଂସହାୟକ ଗୋଷ୍ଠୀ ଏହି ଷ୍ଟଲ ଖୋଲିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୧୦ଲକ୍ଷର ବ୍ରାଉନ୍ ସୁଗାର ଜବତ : ୨ଗିରଫ

ପୁରୀ,୨୭/୧୨ (ନି.ପ୍ର): ପୁରୀକୁ ବ୍ରାଉନ୍ ସୁଗାର ଯୋଗାଉଥିବା ଦୁଇଜଣ ଅଭଯୁକ୍ତଙ୍କୁ ଏସ୍‌ଟିଏଫ୍ ଓ ତାଳବଣିଆ ଥାନା ପୁଲିସର ମିଳିତ ସହଯୋଗରେ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋପ ଥାନା ଅନ୍ତର୍ଗତ କୁଶୁପୁର ଦାସ ସାହିର ସମ୍ପଦ କୁମାର ଦାସ (୩୯) ଓ ବାଲେଶ୍ୱର ଜିଲ୍ଲା ଖଣ୍ଟପଡ଼ା ଥାନା ଅନ୍ତର୍ଗତ ସେରଗଡ଼ର ପପୁ ଓରଫ କମଳ କିଶୋର ପଣ୍ଡା (୨୮) । ଗିରଫ ଅଭିଯୁକ୍ତମାନଙ୍କ ନିକଟରୁ ଜରି ପ୍ୟାକେଟରେ ଥିବା ୧୦୦ଗ୍ରାମ ବ୍ରାଉନ୍ ସୁଗାର, ୩ଟି ମୋବାଇଲ ଫୋନ୍ ଓ ନଗଦ୧୦୦୦ଟଙ୍କା ଜବତ କରାଯାଇଥିବା ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ଟାଉନ୍ ଥାନାଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସଂକ୍ରାନ୍ତରେ ତାଳବଣିଆ ଥାନାରେ ୧୫୯/୨୧ରେ ମାମଲା ରୁଜୁ କରାଯାଇ ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜବତ ବ୍ରାଉନ୍ ସୁଗାରର ଅନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ। ଏହି ବ୍ରାଉନ ସୁଗାର ପୁରୀରେ ବିକ୍ରି କରିବାକୁ ଅଭିଯୁକ୍ତମାନେ ଆଣିଥିବା ଅତରିକ୍ତ ଏସ୍‌ପି ଶ୍ରୀପଣ୍ଡା ସୂଚନା ଦେଇଥିଲେ।

## ବାଲେଶ୍ୱରରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା



ବାଲେଶ୍ୱର,୨୭/୧୨ (ନି.ପ୍ର): ବାଲେଶ୍ୱରର ଏକାଡେମୀ ଅଫ ବିଜିନେସ ଆଡମିଷ୍ଟ୍ରେସନ (ଏବିଏ) ଶିକ୍ଷାନୁଷ୍ଠାନ ଏବଂ 'ରାଜା ଫିଟନେସ'ର ମିଳିତ ସହଯୋଗରେ ସୁନ୍ଦର ସ୍ୱାସ୍ଥ୍ୟ (ବଡି ବିଲଡିଂ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏବିଏ କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନ ପରିଚାଳନା କମିଟି ଚେୟାରମ୍ୟାନ ଶିଳ୍ପପତି ସୁଧାସିନ୍ଧୁ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସୁସ୍ଥ ଶରୀର ଗଠନର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ । ପରିଚାଳନା କମିଟିର ସମ୍ପାଦିକା ସମାଜସେବୀ ଅଞ୍ଜଳି ପଣ୍ଡା ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ସୁନ୍ଦର ଶରୀର ଗଠନ ସୁସ୍ଥ ମଣିଷ ତଥା ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। କଲେଜର ନିର୍ଦ୍ଦେଶକ କମଳାକାନ୍ତ ଆଚାର୍ଯ୍ୟ, ବାଲେଶ୍ୱର ବଡି ବିଲଡର୍ସ ଆସୋସିଏସନର ସଭାପତି ବସନ୍ତ କୁମାର ମହାନ୍ତି, ସମ୍ପାଦକ ତରୁଣ ଚାଟାର୍ଜୀ, ପରିଚାଳନା ନିର୍ଦ୍ଦେଶକ ଶୁଭେନ୍ଦୁ ସାହୁ, ସହ-ସମ୍ପାଦକ ମନୋଜ କୁମାର ଦାସ, କୋଷାଧକ୍ଷ ସାଦିକ ଅଲ୍ଲୀ ଖାଁ ପ୍ରମୁଖ ଏଥିରେ ଯୋଗଦେଇ ସୁନ୍ଦର ସ୍ୱାସ୍ଥ୍ୟ ଗଠନ ପାଇଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । କଲେଜର ଅଧକ୍ଷା ଡକ୍ଟର ସଙ୍ଗୀତା ମହାନ୍ତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଅନୁଷ୍ଠିତ ପ୍ରତିଯୋଗିତାରେ ସମସ୍ତ ପ୍ରତିଯୋଗୀଙ୍କୁ ବିଭିନ୍ନ ବୟସ ବର୍ଗରେ ବିଭକ୍ତ ସହ ସେମାନଙ୍କ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ କରାଯାଇଥିଲା । ବିଚାରକମାନେ ପ୍ରତ୍ୟେକ ବର୍ଗରୁ ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ଏଥିରେ ଶେଖ ଏହେସାନଙ୍କୁ ଚମ୍ପିୟନ ଘୋଷିତ ହୋଇଥିଲେ। ଏବିଏ କଲେଜ ଅଧାପକ ପ୍ରଦୀପ କୁମାର ଆଚାର୍ଯ୍ୟ ଓ ଅମୀୟ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଦୀପ ପଣ୍ଡା, ସମରଜିତ ସାହୁ, ମାଣିକ ଚାନ୍ଦ ଦେ, ପ୍ରଶାନ୍ତ ମହାନ୍ତି, ଅଶୋକ ବାରିକ, ବିରେଶ ପୋଥାଳ ପ୍ରମୁଖଙ୍କ ସମେତ କଲେଜର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ଶ୍ରୀସେତୁ ପ୍ରକଳ୍ପ ଲାଗି ଜମି ଅଧିଗ୍ରହଣ ସମ୍ପର୍କିତ ଜନଶୁଣାଣି

ପୁରୀ,୨୭/୧୨ (ନି.ପ୍ର): ଜଗନ୍ନାଥ ବଲ୍ଲଭମଠ ପ୍ରାଙ୍ଗଣରେ ଶ୍ରୀସେତୁ ପ୍ରକଳ୍ପ ନିର୍ମାଣ ଲାଗି ଜମି ଅଧିଗ୍ରହଣ ସମ୍ପର୍କିତ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣି ଶିବିରରେ ସମଙ୍ଗ, ମାଟିତୋଟା ଓ ମାର୍କଣ୍ଡେଶ୍ୱରସାହି ମୌଜାର ଜମି ଅଧିଗ୍ରହଣ ସମ୍ପର୍କିତ ପୁର୍ନବାସ ଓ ଥଇଥାନ ଲାଗି ପ୍ରସ୍ତୁତ ଚିଠା ଜିମି ଅଧିଗ୍ରହଣରେ ସହଯୋଗ କରୁଥିବା ଲୋକଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ଶ୍ରୀସେତୁ ପ୍ରକଳ୍ପ ଲାଗି ସରକାରୀ ଜମି, ଜଗନ୍ନାଥଙ୍କ ଜମି, ମଠଜମି ଓ ଘରୋଇ ଜମିକୁ ମିଶାଇ ମୋଟ ୩୭ଏକର୯୮୪ଡ଼ିସିମିଲି ଜମି ଅଧିଗ୍ରହଣ କରାଯିବ। ପ୍ରସ୍ତାବିତ ପୁର୍ନବାସ ଓ ଥଇଥାନ ଚିଠାରେ ସମ୍ପୃକ୍ତ ଜମିର କୃଷି ଶ୍ରମିକଙ୍କ ନିମନ୍ତେ ଦୈନିକ ୩୧୫ଟଙ୍କା ହିସାବରେ ଦୁଇଶହ ଦିନ ପାଇଁ ୬୩ ହଜାର ଟଙ୍କା, କ୍ଷୁଦ୍ର ଦୋକାନୀ, କାରିଗର ଓ ଛୋଟ ବ୍ୟବସାୟୀଙ୍କ ପାଇଁ ୨୫ ହଜାର ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେହିପରି ସରକାରୀ ଜମି,ଜଗନ୍ନାଥଙ୍କ ଜମି ଓ ମଠଯାଗାରେ ବେଆଇନ୍ ଭାବେ ଘର କରି ବସବାସକରୁଥିବା ଲୋକଙ୍କ ଲାଗି ପୁର୍ନବାସ ଓ ଥଇଥାନ ପ୍ୟାକେଜ୍‌ରେ ସମ୍ପୃକ୍ତ ଗୃହର ମୂଲ୍ୟ ଓ ଘର ନିର୍ମାଣ ସହାୟତା ଭାବେ ପ୍ରତ୍ୟେକ ପରିବାରକୁ ୨ଲକ୍ଷ ୭୩ ହଜାର ଟଙ୍କା ପ୍ରଦାନ କରାଯିବ।ଏତଦ୍‌ବ୍ୟତୀତ୍ ସ୍ଥାନାନ୍ତର ଭତ୍ତାଭାବେ ୫୦ ହଜାର ଟଙ୍କା ଲେଖାଏଁ ଦିଆଯିବାକୁ ପ୍ରସ୍ତାବ ରହିଛି। ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ବିନୟ କୁମାର ଦାଶ, ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ କୈଳାଶ ଚନ୍ଦ୍ର ନାୟକ, ପୁରୀ ପୌରସଂସ୍ଥାର ନିର୍ବାହୀ ସରୋଜ କୁମାର ସ୍ୱାଇଁ, ଭୂ ଅର୍ଜନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ପୁରୀ ତହସିଲଦାର ରବିନ୍ଦ୍ର ପ୍ରଧାନ, ଓଡ଼ିଶା ସେତୁ ନିଗମ ନିର୍ବାହୀଯନ୍ତ୍ରୀ ସୁନ୍ଦର ମାଧବ ପାଢୀ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଖଦେବ ସାହୁଙ୍କ ସମେତ ସମଙ୍ଗ, ମାଟିତୋଟା ଓ ମାର୍କଣ୍ଡେଶ୍ୱରସାହି ମୌଜାର ବାସିନ୍ଦାମାନେ ଯୋଗ ଦେଇଥିଲେ।

## ସଡ଼କ ଦୁର୍ଘଟଣାରେ ହାବିଲ୍‌ଦାର ମୃତ

ପୁରୀ,୨୭/୧୨ (ନି.ପ୍ର): ଆଜି ଅପରାହ୍ଣରେ ଅଠରନଳା ଚଙ୍ଗୁଡ଼ି ଫ୍ୟାକ୍ଟ୍ରି ନିକଟରେ କାରଧକ୍କାରେ କର୍ତ୍ତବ୍ୟରତ ହାବିଲ୍‌ଦାର ପବିତ୍ର ମହାନ୍ତିଙ୍କର ମୃତ୍ୟୁ ଘଟିଛି। ପେଣ୍ଟକଟା ଫାଣ୍ଡିରେ କାର୍ଯ୍ୟରତ ହାବିଲଦାର ପବିତ୍ର ଫାଣ୍ଡିରୁ ଡ୍ୟୁଟି ସାରି ଅପରାହ୍ଣରେ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଓଡ଼ିଂ ୨ଜି୬୧୫୩ ନମ୍ବର ବିଶିଷ୍ଟ ଏକ ଇଣ୍ଡିଗୋର ଅଠରନଳା ଚଙ୍ଗୁଡ଼ି ଫ୍ୟାକ୍ଟ୍ରି ନିକଟରେ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚ ମୃତ ଦେହକୁ ବ୍ୟବଚ୍ଛେଦ ଲାଗି ସଦର ମୁଖ୍ୟ ଚକିତ୍ସାଳୟକୁ ପଠାଇଛି। ଏସଂକ୍ରାନ୍ତରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଘଟାଇଥିବା କାର୍ ଓ ବାଇକ୍‌କୁ ଜବତ କରିଛି।

## ଆଜିଠାରୁ 'କଳା ଦର୍ପଣ'ର ଦୁଇଦିନିଆ 'ସୁଦୃଶ୍ୟ-ନେଚର' ଚିତ୍ରକଳା କର୍ମଶାଳା

ବାଲେଶ୍ୱର,୨୭/୧୨ (ନି.ପ୍ର): ବାଲେଶ୍ୱରର ଚିତ୍ରଶିଳ୍ପୀଙ୍କୁ ନେଇ ଗଠିତ ସଙ୍ଗଠନ 'କଳା ଦର୍ପଣ' ସଂଗଠନ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା 'ସୁଦୃଶ୍ୟ-ନେଚର' ଶୀର୍ଷକ ଜାତୀୟସ୍ତରୀୟ ଚିତ୍ରକଳା କର୍ମଶାଳା ତଥା ପ୍ରଦର୍ଶନୀ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏହି କର୍ମଶାଳା ଆସନ୍ତା ୨୮ ଓ ୨୯ ତାରିଖ ଦୁଇଦିନ ଧରି ସହରର ରବୀନ୍ଦ୍ର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହେବ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଗଠନର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।ଏହି କର୍ମଶାଳାର ପ୍ରଥମ ଦିବସରେ ଭାରତର ବିଭିନ୍ନ ପ୍ରାନ୍ତରୁ ୩୨ ଜଣ ଚିତ୍ରଶିଳ୍ପୀ ବାଲେଶ୍ୱର ସହରର ଭିନ୍ନ ଭିନ୍ନ ସ୍ଥାନରେ ଭୂ-ଚିତ୍ର ଓ ପ୍ରକୃତି ଚିତ୍ର ଅଙ୍କିବେ। ଏଥି ସହିତ ଉଦୀୟମାନ ଚିତ୍ରଶିଳ୍ପୀ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।ଏଥିରେ ଭାରତର ବହୁ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିବେ।ଏଥିସହିତ ଚିତ୍ରଶିଳ୍ପୀମାନଙ୍କ ପ୍ରକୃତି ସମ୍ପର୍କିତ ଶ୍ରେଷ୍ଠ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହେବ। କର୍ମଶାଳର ଉଦଯାପନୀ କାର୍ଯ୍ୟକ୍ରମରେ ଉତ୍କୃଷ୍ଟ ଚିତ୍ରକଳା ପାଇଁ ଶ୍ରେଷ୍ଠ ଶିଳ୍ପୀମାନଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଆୟୋଜିତ ହେଉଥିବା ଏହି ଦୁଇଦିନିଆ ଚିତ୍ରକଳା ପ୍ରଦର୍ଶନୀକୁ ସାଧାରଣ ଜନତା ଉପ-ଉପଭୋଗ ସହ ଏହାକୁ ସଫଳ କରିବା ପାଇଁ କର୍ମକର୍ତ୍ତାମାନେ ନିବେଦନ କରିଛନ୍ତି। ଚିତ୍ରକଳା ମାଧ୍ୟମରେ ପ୍ରକୃତି ପ୍ରତି ଲୋକଙ୍କୁ ଅକର୍ଷିତ କରିବା ତଥା ପରିବେଶ ସୁରକ୍ଷା ପ୍ରତି ସମସ୍ତଙ୍କୁ ସଚେତନ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କଳା ଦର୍ପଣର କାର୍ଯ୍ୟକାରୀ ସଭାପତି ନିତ୍ୟାନନ୍ଦ ସାହୁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ସମ୍ପାଦକ ବିଶ୍ୱଜିତ ପରମାଣିକ, କାର୍ଯ୍ୟକ୍ରମ ସଂଯୋଜକ ବିରଜା ପ୍ରସାଦ ନାୟକ ଓ ଚିତ୍ରଶିଳ୍ପୀ ଅରୁଣ କୁମାର ଜେନା ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଜାନୁୟାରୀ ୩ରୁ ପ୍ରତି ଜିଲ୍ଲାରେ ମଣ୍ଡି ଅନୁଧ୍ୟାନ କରିବ କିଷାନ କଂଗ୍ରେସ

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ରାଜ୍ୟରେ ଖରିଫ ଧାନ କିଣାର ଅବ୍ୟବସ୍ଥା ଚରମ ସୀମାରେ ପହଂଚିଲାଣି। ଏକାଧିକ ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡ଼ି ରହିଛି। ଚାଷୀ ଟୋକନ ପାଇଥିଲେ ମଧ ଠିକଣା ସମୟରେ ମଣ୍ଡି ଖୋଲା ନ ଯିବାରୁ ହଜାର ହଜାର ଟୋକନ ଲାପ୍ସ କଲାଣି। ସରକାରଙ୍କ ତୃଟିପୂର୍ଣ୍ଣ ନୀତି ଓ ମିଲରମାନଙ୍କ ମନମାନୀରେ ଚାଷୀ ଅଭାବି ବିକ୍ରୀର ଶୀକାର ହେଉଛି। ଏସବୁକୁ ଦୃଷ୍ଟିରେ ରଖି ଆସନ୍ତା ଜାନୁୟାରୀ ୩ ତାରିଖଠାରୁ କିଷାନ କଂଗ୍ରେସର ରାଜ୍ୟ, ଜିଲ୍ଲା ଓ ବ୍ଲକ କର୍ମକର୍ତାମାନେ ପ୍ରତ୍ୟେକ ଜିଲ୍ଲାରେ ଥିବା ମଣ୍ଡିଗୁଡ଼ିକୁ ଅନୁଧ୍ୟାନ କରିବେ ବୋଲି କିଷାନ କଂଗ୍ରେସ ଅଧକ୍ଷ ଅମୀୟ ପଟ୍ଟନାୟକ ସୂଚନା ଦେଇଛନ୍ତି। ସରକାରଙ୍କ ପକ୍ଷରୁ ତୁରନ୍ତ ସମସ୍ତ ଚାଷୀଙ୍କ ବଳକା ଧାନକୁ ନିର୍ଦ୍ଧାରିତ ଏମଏସପିରେ ଯୁଦ୍ଧକାଳୀନ ଭିତିରେ କ୍ରୟ କରିବା ସହ ଛତିଶଗଡ଼ ରାଜ୍ୟ ଭଳି ଧାନର ଏମଏସପି ୨୯୩୦ ଟଙ୍କାକୁ ବୃଦ୍ଧି ନ ହେବା ପର୍ଯ୍ୟନ୍ତ ରାଜ୍ୟ ସରକାର ପ୍ରତି କ୍ୱିଂଟାଲରେ ଚାଷୀଙ୍କୁ ୯୯୦ ଟଙ୍କା ଅତିରିକ୍ତ ସହାୟତା ଯୋଗାଇ ଦେବାକୁ କିଷାନ କଂଗ୍ରେସ ପକ୍ଷରୁ ଦାବୀ କରାଯାଇଛି।

# ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ ଦାବି



ବାଲେଶ୍ୱର,୨୭/୧୨ (ନି.ପ୍ର): ଭୂମିହୀନ ପରିବାରଙ୍କୁ ଘରଡିହ ପାଇଁ ଜମି ପ୍ରଦାନ ଦାବିରେ ଜାଗ୍ରତ ନାରୀ ସଙ୍ଗଠନ ପକ୍ଷରୁ ସୋମବାର ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ସଙ୍ଗଠନର ସଭାନେତ୍ରୀ ମମତା ଦାସଙ୍କ ନେତୃତ୍ୱରେ ବେଗୁନିଆ, ବାଲିଆ, ଯାଦବପୁର ପ୍ରଭୃତି ସହର ତଳି ଅଞ୍ଚଳରୁ ଏକାଧିକ ପରିବାର ଆଜି ଜିଲାପାଳଙ୍କୁ ଭେଟିଛନ୍ତି।ଏହି ଅଞ୍ଚଳରେ ଶହ ଶହ ପରିବାର ଦୀର୍ଘବର୍ଷ ଧରି ସରକାରୀ ଜାଗାରେ ବସବାସ କରି ଆସୁଥିବା ସେମାନେ କହିଛନ୍ତି। ଏଠାରେ ବସବାସ କରୁଥିବା ଶତାଧିକ ପରିବାର ଦିନ ମଜୁରିଆ ହୋଇଥିବା ବେଳେ ନିଜସ୍ୱ ଜମିପଟା ନ ରହିବା ଫଳରେ ସେମାନେ ଦୈନନ୍ଦିନ ଜୀବନରେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ସଙ୍ଗଠନର ଅଧିକାରୀ ଶ୍ରୀମତୀ ଦାସ ସୂଚନା ଦେଇଛନ୍ତି। ବିଶେଷ କରି ଜମିପଟ୍ଟା ନ ରହିବା ଯୋଗୁଁ ବିଭିନ୍ନ ପ୍ରମାଣପତ୍ର ଅଭାବରୁ ଏହି ପରିବାରର ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେଉଥିବା ବେଳେ ଆବାସ ଯୋଜନାରେ ସେମାନେ ସାମିଲ ହୋଇପାରୁ ନଥିବା ସେ କହିଛନ୍ତି। ସରକାରୀ ନିୟମ ଅନୁସାରେ ଭୂମିହୀନ ପରିବାରମାନେ ବିଭିନ୍ନ ତହସିଲରେ ଜମିପଟା ପାଇଁ ବାରମ୍ବାର ଆବେଦନ କରୁଥିଲେ ବି ତହସିଲଦାରମାନେ ଏଥି ପ୍ରତି ଗରୁତ୍ୱ ଦେଉନଥିବା ଶ୍ରୀମତୀ ଦାସ ଆରୋପ ଉଠାଇଛନ୍ତି। ଏହି ଭୂମିହୀନ ଗରିବ ପରିବାରଙ୍କୁ ଘରଡିହ ପଟ୍ଟା ତୁରନ୍ତ ପ୍ରଦାନ କରା ନଗଲେ ଆଗାମୀ ଦିନରେ ଜାଗ୍ରତ ନାରୀର ସଙ୍ଗଠନ ଆନ୍ଦୋଳନମୁଖୀ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରଯାଇଥିଲା।

## ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ବିଜେପିର ସାଂଗଠନିକ ବୈଠକ

ଜଳେଶ୍ୱର, ୨୭/୧୨(ନିପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ୯ନଂ ଜିଲାପରିଷଦ ଜୋନ୍‌ରେ ବିଜେପିର ଏକ ସାଂଗଠନିକ ବୈଠକ ରାଜପୁର ପଂଚାୟତର ସପ୍ତେଶ୍ୱର ମଣ୍ଡଳର ସଭାପତି ସପନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏଥିରେ ବିଜେପି ନେତା ଜୟନାରାୟଣ ମହାନ୍ତି ଯୋଗ ଦେଇ କେନ୍ଦ୍ର ସରକାରଙ୍କ ଜନମଂଗଳକାରୀ ଯୋଜନା ଲୋକଙ୍କଠାରେ ସଫଳତାର ସହିତ ପହଞ୍ଚିଥିବା ଓ ରାଜ୍ୟ ସରକାରଙ୍କ ବିପର୍ଯ୍ୟନ୍ତ ଆଇନଶୃଙ୍ଖଳା ପରିସ୍ଥିତି, ନାରୀ ଅସୁରକ୍ଷିତ ତଥା ବେକାରୀ ସମସ୍ୟା ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଭିଜିତ୍ ପ୍ରଧାନ, ସିଦ୍ଧାର୍ଥଶଂକର ପାଳ, ମନୋଜ ସାସମଲ, ପ୍ରଣବ ପଣ୍ଡା, ନିତ୍ୟାନନ୍ଦ ଦାସ, କମଳାକାନ୍ତ ଦେ, ଦିବ୍ୟକାମ ମହାନ୍ତି ମତବ୍ୟକ୍ତ କରି ସମସ୍ତ ମନମାଳିନ୍ୟକୁ ଭୁଲି ସଂଗଠନରେ ଏକାଗ୍ରତା ଆଣି ନିର୍ବାଚନ ଲଢିବାକୁ ପରାମର୍ଶ ଦେଇଥିଲେ । ଏଥିରେ ନେତୁଆ, ସୁଗୋ, ନଛିମପୁର, ଆରୁହା, ଗୋପିମୋହନପୁର, କୋଟସାହି, ରାୟାଁରାମଚନ୍ଦ୍ରପୁର, ରାଜପୁର ପଂଚାୟତ ଥିବା ବେଳେ ସୁଗୋ ପଂଚାୟତର ଶକ୍ତିକେନ୍ଦ୍ର ପ୍ରମୁଖ ଭାବେ ଶିବଶଂକର ଜେନା, ନଛିମପୁର ପଂଚାୟତ ଲାଗି ନିତ୍ୟାନନ୍ଦ ଦାସ, ଆରୁହା ପଂଚାୟତ ଲାଗି ରବିନ୍ଦ୍ର ନାଥ ଦତ୍ତଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

# ସମାଜସେବୀଙ୍କ ଅକାଳ ମୃତ୍ୟୁରେ ଅଂଚଳବାସୀ ସ୍ତବ୍ଧ, ଶବଯାତ୍ରାରେ ଶତାଧିକ ଲୋକଙ୍କ ସମାଗମ

ନୀଳଗିରି, ୨୭/୧୨ (ନି.ପ୍ର): ନୀଳଗିରି ଅଯୋଧା ପଂଚାୟତର ବାଡ଼ିଆ ଗାଁର ସୁଖ, ଦୁଃଖର ସାଥି, ଗରିବ ଖଟିଖିଆମାନଙ୍କର ଦେବଦୂତ ସାଜିଥିବା ଅନିରୁଦ୍ଧ ଦାଶ ଓରଫ ଧିନିକା ନନାଙ୍କର ହୃଦଘାତରେ ଗତ ରବିବାର ରାତିରେ ମୃତ୍ୟୁ ଘଟିଥିବା ବେଳେ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରାତିତମାମ ଶତାଧିକ ଶୁଭେଚ୍ଛୁ ତାଙ୍କ ବାସଭବନକୁ ସୁଅ ଛୁଟିଥିଲା । ଧିନିକା ନନା କେବଳ ଜଣେ ସମାଜସେବୀ ନ ଥିଲ, ସେ ଥିଲେ ଅଯୋଧା ଗ୍ରାପ..ର ଚଳନ୍ତି ପ୍ରତିମା ସଦୃଶ। ମେଡିକାଲ ଘଟଣା ହେଉ, କିମ୍ବା ମାରପିଟ ପ୍ରସଙ୍ଗ ହେଉ ସଂଗେ ସଂଗେ ସେ ଆଗଭର ହୋଇ ନିଜ ପକେଟର ଟଙ୍କାଦେଇ ମେଡିକାଲକୁ ପଠାଇଥାନ୍ତି । ଥାନାରେ ମାମଲା ହୋଇଥିଲେ ନିଜେ ଉଭୟ ପକ୍ଷଙ୍କୁ ଡାକି ମିମାଂସା କରିଥାନ୍ତି । ଏପରିକି ଗରିବ ଖଟିଖିଆମାନଙ୍କର ରେସନକାର୍ଡ କରିବା ହେଉ କିମ୍ବା ଗରିବ ଲୋକଟିର ଝିଅ ବାହାଘର ହେଉ, ଆଗଭର ହୋଇ ସହାୟତାର ହାତ ବଢ଼ାଇଥାନ୍ତି । ତାଙ୍କର ଅକାଳ ବିୟୋଗ ଖବର ପାଇ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ବିଜେଡି ନେତା ସନ୍ତୋଷ ଖଟୁଆ, ଗତିକୃଷ୍ଣ ନନ୍ଦ, ବିଜୟ କୁମାର ଲେଙ୍କା, ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ସେହିପରି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଧିନିକା ନନାଙ୍କର ଅକାଳ ମୃତ୍ୟୁରେ ଶୋକ ପ୍ରକାଶ କରିବା ସହ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଚନ୍ଦ୍ରବିନ୍ଦୁ ଦାସ ମଧ ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିବା ସହ ଭଗବାନଙ୍କ ଠାରେ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ଶବଯାତ୍ରା ସମୟରେ ଶତାଧିକ ଅଂଚଳବାସୀ ସାମିଲ ଥିବା ବେଳେ ସମସ୍ତଙ୍କ ଆଖିରେ ଲୁହ ଝରୁଥିଲା । ବଡ଼ପୁଅ ମୁଖାଗ୍ନି ଦେଇଥିବା ବେଳେ ସ୍ତ୍ରୀ ଓ ୮ ବର୍ଷର ଝିଅଟିଏ ତାଙ୍କର ଅଛି । ସତେ ଯେପରି ନୀଳଗିରି ଅଂଚଳର ଏହି ଦୁଃଖଦ ଘଟଣା ପରେ ପ୍ରକୃତିରାଣୀ ସ୍ତବ୍ଧ ପାଲଟିଯାଇଥିଲା ବୋଲି ଜଣାପଡୁଥିଲା । ତାଙ୍କର ମୃତ୍ୟୁରେ ନୀଳଗିରି ସାମ୍ବାଦିକ ମହଲରେ ଶୋକର ଛାୟା ଖେଳିଯାଇଥିବାବେଳ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

OFFICE OF THE SUPERINTENDING ENGINEER
BALASORE (ROADS & BUILDINGS) DIVISION-I
AT/PO-PADHUANPADA, BALASORE

CONTACT NO:- 06782262045
E Mail ID :-ee_blsrb@yahoo.co.in

**BID INVITATION NO. SE (R and B) BLS-Divn-1-51/2021-22**
**Letter No. 13076 Date. 20/12/2021**

| | | |
|---|---|---|
| 1. | The Superintending Engineer, Balasore (R&B) Division-I, Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for road and Building works. | |
| 2. | No of Work : | : 1 No |
| 3. | Nature of work : | : Building works of Balasore (R&B) Division-I |
| 4. | Class of Contractor : | : "D" & "C" Class |
| 5. | Approx. value of work : | : Rs. 19.19 Lakhs |
| 6. | Tender Cost : | : Rs. 6,000/- |
| 7. | Availability of Bid Documents in the website : | **From 10.00Hours of dt. 24.12.2021 to : 16.00 hours of dt. 30.12.2021** |
| 8. | Date of Opening of Bid : | : Dt. **31.12.2021** at 11.00 Hours |
| 9. | Other details can be seen in the Bidding documents from the website : http://tendersorissa.gov.in | |

I & PR : 34078/11/0029/2122

Superintending Engineer,
Balasore (R&B) Division-I

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo